

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୩୦୧ ● ୨୯ ନଭେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-301 ● 29th November 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବିଧାନସଭାରେ ୨୦୨୫-୨୬ ବର୍ଷ ପାଇଁ

# ୧୭,୪୪୦ କୋଟିର ପ୍ରଥମ ଅତିରିକ୍ତ ବଜେଟ୍ ଆଗତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮।୧୧**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ବିଧାନସଭାରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ମସିହା ପାଇଁ ୧୭ ହଜାର ୪୪୦ କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବଜେଟ ଗୃହରେ ଉପସ୍ଥାପନ କରିଛନ୍ତି। ଏଥିରେ ପ୍ରଶାସନିକ ବ୍ୟୟ ବାବଦକୁ ୩,୩୮୯ କୋଟି ଟଙ୍କା, କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧୩,୭୧୬ କୋଟି ଟଙ୍କା, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୭୧ କୋଟି ଟଙ୍କା, ରାଜ୍ୟ ବଜେଟରୁ ସ୍ଥାନାନ୍ତର ବାବଦକୁ ୧୬୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ଅଧିନରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା, ପ୍ରଚଳିତ ରହିଥିବା କେନ୍ଦ୍ର ଯୋଜନା ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଓ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ନୂତନ ପ୍ରବର୍ତ୍ତିତ ଯୋଜନା ନିମନ୍ତେ, ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମ ଅର୍ଥର ଭରଣା ଆଦିର ପୂରଣ ପାଇଁ ଏହି ବଜେଟ ଅର୍ଥ ଖର୍ଚ୍ଚ ହେବ।



ଅତିରିକ୍ତ ବଜେଟ୍‌ରେ ପ୍ରଶାସନିକ ବ୍ୟୟ ପାଇଁ ବରାଦ ହୋଇଥିବା ୩୩୮୯ କୋଟି ଟଙ୍କା ମଧ୍ୟରୁ ୧୪୦୬ କୋଟି ଟଙ୍କା ସୁଧ ଦେୟ ଏବଂ ୧୩୩ କୋଟି ଟଙ୍କା ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିଲା ଅଗ୍ରୀମ ଭରଣା ପାଇଁ ଉଦ୍ଦିଷ୍ଟ । ସରକାରୀ ଆବାସିକ କୋଠା ଗୁଡ଼ିକର ରକ୍ଷଣବେକ୍ଷଣ ପାଇଁ ୨୦୫ କୋଟି ଟଙ୍କା, ଅଣ ଆବାସିକ କୋଠା ଗୁଡ଼ିକର ରକ୍ଷଣବେକ୍ଷଣ ପାଇଁ ୩୦୬ କୋଟି ଟଙ୍କା, ରାସ୍ତା ଓ ସେତୁର ରକ୍ଷଣାବେକ୍ଷଣ ପାଇଁ ୨୫୦ କୋଟି, ଗ୍ରାମୀଣ ପାଇପ୍ ଜଳଯୋଗାଣ ପ୍ରକଳ୍ପ ପରିଚାଳନା ଓ ରକ୍ଷଣାବେକ୍ଷଣା ପାଇଁ ୧୧୬ କୋଟି, ଉଠାଜଳସେଚନ ନିଗମ ପାଇଁ ୬୬ କୋଟି, ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨ କୋଟି, ଓଏସ୍ଏସ୍ଏସ୍‌ସି ପକ୍ଷରୁ ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ୨୩ କୋଟି, ସରକାରୀ କଲେଜ ପାଇଁ ୩୬ କୋଟି, ସରକାରୀ ତାଲିମ ମହାବିଦ୍ୟାଳୟ ପାଇଁ ୧୬ କୋଟି, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପାଇଁ ୧୩ କୋଟି, ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ୫ କୋଟି ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ୧୪ କୋଟି ଟଙ୍କା ବରାଦ କରାଯାଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଧାନ କିଣା ପାଇଁ ରିଭଲଭିଂ ପାଣ୍ଠି ଲାଗି ୩୦୦୦ କୋଟି, ପିଡିଏସ୍‌ରେ ରିହାତି ପାଇଁ ୧୩୨୫ କୋଟି, ସମୃଦ୍ଧ କୃଷକ ଯୋଜନାରେ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ୍ ସହାୟତା ପାଇଁ ୮୫୦ କୋଟି, ପ୍ରାଣୀ ସମୃଦ୍ଧି ଯୋଜନାରେ (ପୃଷ୍ଠା ୭ରେ)

# ଶାନ୍ତି ଓ ସତ୍ୟର ସ୍ଥାପନା ପାଇଁ ଅତ୍ୟାଚାରୀଙ୍କ ଅନ୍ତ ଆବଶ୍ୟକ

**ଉଡୁପି, ୨୮।୧୧**

ଶୁକ୍ରବାର କର୍ଣ୍ଣାଟକର ଉଡୁପିରେ ଥିବା ଶ୍ରୀକୃଷ୍ଣ ମଠରେ ଆୟୋଜିତ ଲକ୍ଷ କଣ୍ଠ ଗୀତା ପାରାୟଣ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭଗବଦ୍‌ଗୀତାର ବାର୍ତ୍ତା କେବଳ ଆଧ୍ୟାତ୍ମିକତା ନୁହେଁ ବରଂ ରାଷ୍ଟ୍ର ନିର୍ମାଣ ଏବଂ ମାନବ କଲ୍ୟାଣ ପାଇଁ ଶାଶ୍ୱତ ମାର୍ଗଦର୍ଶନ ଦେଇଥାଏ। ସେ କହିଛନ୍ତି ଯେ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରର ଯୁଦ୍ଧକ୍ଷେତ୍ରରେ ଉପଦେଶ ଦେଇଥିଲେ, ସେଥିରୁ ଏହା ସ୍ପଷ୍ଟ ହୁଏ ଯେ ଶାନ୍ତି ଓ ସତ୍ୟର ସ୍ଥାପନା ପାଇଁ କେବେ କେବେ ଅତ୍ୟାଚାରୀମାନଙ୍କର ଅନ୍ତ କରିବା ମଧ୍ୟ ଆବଶ୍ୟକ। ଏହି ଭାବନା ଆଜି ଭାରତର ସୁରକ୍ଷା ନୀତିରେ ମଧ୍ୟ ପ୍ରତିଫଳିତ ହେଉଛି, ଯେଉଁଠାରେ 'ବସୁଧୈବ କୁଟୁମ୍ବକମ୍' ସହ 'ଧର୍ମୋ ରକ୍ଷତି ରକ୍ଷିତଃ' ର ମନ୍ତ୍ରକୁ ସମାନ ମହତ୍ତ୍ୱ ଦିଆଯାଇଛି।



ସେ କହିଛନ୍ତି ଭାରତ ଦୁନିଆକୁ ଶାନ୍ତି ଏବଂ କରୁଣାର ବାର୍ତ୍ତା ପହଞ୍ଚାଏ, କିନ୍ତୁ ଯେତେବେଳେ ରାଷ୍ଟ୍ରର ସୁରକ୍ଷା ଉପରେ ସଙ୍କଟ ଆସେ, ସେତେବେଳେ ଦେଶ ଦୃଢ଼ ଇଚ୍ଛାଶକ୍ତି ସହ ଜବାବ (ପୃଷ୍ଠା ୭ରେ)

# ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ: ମୃତ୍ୟୁ ସଂଖ୍ୟା ୯୪କୁ ବୃଦ୍ଧି

**ହଂକଂ, ୨୮।୧୧**

ଚୀନର ସ୍ୱତନ୍ତ୍ର ପ୍ରଶାସନିକ ଅଞ୍ଚଳ ହଂକଂର ତାଇ ପୋ ଜିଲ୍ଲାରେ ଘଟିଥିବା ଅଗ୍ନିକାଣ୍ଡର ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହି ଅଗ୍ନିକାଣ୍ଡ ଘଟଣାରେ ୩ଜଣ ନିର୍ମାଣ ଶ୍ରମିକଙ୍କୁ ଗିରଫ କରାଯାଇଛି।ଘଟଣାରେ ଏଯାବତ ମୃତ୍ୟୁ ସଂଖ୍ୟା ୯୪କୁ ବୃଦ୍ଧି ପାଇଥିବା ସୂଚନା ମିଳିଛି । ଅନେକ ଏବେ ବି ନିଖୋଜ ଅଛନ୍ତି । ଗିରଫ ଶ୍ରମିକମାନେ ଆପାର୍ଟମେଣ୍ଟର ପୁନଃନିର୍ମାଣ କାମରେ ନିୟୋଜିତ ଥିଲେ। ପାଖାପାଖି ହୋଇ ରହିଥିବା ୭ଟି ଆପାର୍ଟମେଣ୍ଟରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଥିବାବେଳେ ପ୍ରତି ଫ୍ଲାଟକୁ ଯାଇ ଉଦ୍ଧାର କାର୍ଯ୍ୟ କରିବାକୁ ପଦକ୍ଷେପ ନିଆଯାଇଛି। କେତେକ ଆପାର୍ଟମେଣ୍ଟ ଅସୁରକ୍ଷିତ ଅବସ୍ଥାରେ ରହିଥିବାରୁ ତା' ମଧ୍ୟରେ ଉଦ୍ଧାର କାର୍ଯ୍ୟ କରିବା ସମ୍ଭବ ହୋଇପାରି ନାହିଁ। କେତେକ ଆପାର୍ଟମେଣ୍ଟରୁ ଏବେ ମଧ୍ୟ ଧୂଆଁ ବାହାରୁଥିବା ଦେଖାଯାଇଛି। ଏହା ସହିତ ଆପାର୍ଟମେଣ୍ଟଗୁଡିକ ସମ୍ପୂର୍ଣ୍ଣ କୁଲିଂ ହୋଇ ନାହିଁ। କୁଲିଂ ପ୍ରକ୍ରିୟା ଶେଷ ହେବା ପରେ ପ୍ରତି ଫ୍ଲାଟ୍‌ରେ ଉଦ୍ଧାର କାର୍ଯ୍ୟ କରାଯିବ। ହଂକଂର ନେତା ଜନ୍ ଲି କହିଛନ୍ତି ଯେ ଅଗ୍ନିକାଣ୍ଡ ଘଟିଥିବା ଫ୍ଲାଟ୍ ମଧ୍ୟରେ ୨୮୦ ଲୋକ ନିଖୋଜ ଅଛନ୍ତି। ସେମାନେ ଫ୍ଲାଟ ମଧ୍ୟରେ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି।

ଆପାର୍ଟମେଣ୍ଟ ମଧ୍ୟରୁ ଉଦ୍ଧାର କରାଯାଇଥିବା ୯୦୦ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ ସ୍ଥଳରେ ରଖାଯାଇଛି। ଅନେକ ଲୋକ ମଧ୍ୟ ନିଜର ପ୍ରିୟ ପରିଜନଙ୍କ ଅପେକ୍ଷାରେ ଆପାର୍ଟମେଣ୍ଟ ବାହାରେ ପଡିରହିଛନ୍ତି। ଲରେନ୍ସ ଲି ନାମକ ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କ ସମ୍ପର୍କରେ କୌଣସି ଖୋଜଖବର ପାଇପାରୁ ନଥିବା କହିଛନ୍ତି। ତେଣୁ ସେ ଆପାର୍ଟମେଣ୍ଟ ବାହାରେ ଅପେକ୍ଷା କରିରହିଛନ୍ତି। ସେ ଆଶା କରୁଛନ୍ତି ଯେ ତାଙ୍କ ପତ୍ନୀ ଆପାର୍ଟମେଣ୍ଟ ମଧ୍ୟରେ ଫସି ରହିଛନ୍ତି। (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଓଡ଼ିଶାରେ ଦଶ ହଜାର ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ ଯୋଜନା ପାଇଁ ନୂତନ ଉଦ୍ୟମ।
- ଚାରି ହଜାର ତିନିଶହ ପଞ୍ଚାନବେ କୋଟିର ନୂତନ ପ୍ରକଳ୍ପ ଅନୁମୋଦିତ।
- ଓଡ଼ିଶାର ଗବେଷଣା ପାଇଁ ବିଦେଶୀ ବିଶ୍ୱବିଦ୍ୟାଳୟ ସହ ସହଯୋଗ।
- ରାଜ୍ୟରେ ୨୦ଟି ପ୍ରକଳ୍ପ ଅନୁମୋଦନ ହଜାରେ ଚାକିରି ସୃଷ୍ଟି ହେବ।
- ସାତ ଲକ୍ଷରୁ ଅଧିକ ଆବେଦକ ଭତ୍ତା ଅନୁମୋଦନ ପାଇବାକୁ ଅପେକ୍ଷାରେ।
- ମହାବିଦ୍ୟାଳୟ ଜମି ଦଖଲମୁକ୍ତ କରିବାକୁ ରାଜ୍ୟବ୍ୟାପୀ ଅଭିଯାନ।
- ନୂଆ ଔଷଧ ଏବଂ ଚିକିତ୍ସା ଉପକରଣ ନୀତି ଆରମ୍ଭ ହେବା ସହ ଉଦ୍ୟୋଗ ସ୍ଥାପନା ପାଇଁ ସୁଯୋଗ ବଢ଼ିଛି।

# ଏକ୍ସପ୍ରେସୱେରେ ଭୟଙ୍କର ଦୁର୍ଘଟଣା: ଗୋଟିଏ ପରିବାରର ୭ମୃତ

**ସାହାରନପୁର, ୨୮।୧୧**

ଶୁକ୍ରବାର ସକାଳେ ସାହାରନପୁରର ଦିଲ୍ଲୀ-ଡେରାଡୁନ୍ ଏକ୍ସପ୍ରେସୱେରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ସୟଦ ମାଜରା ଗାଁର ଏକ ପରିବାର କାରରେ ଯାତ୍ରା କରୁଥିଲେ । ରିପୋର୍ଟ ଅନୁଯାୟୀ ଯେତେବେଳେ ସେମାନଙ୍କ କାର ଗାଁ ସୀମା ପାର କରି ଏକ୍ସପ୍ରେସୱେରେ ପହଞ୍ଚିଥିଲା, ସେତେବେଳେ ଡେରାଡୁନରୁ ଆସୁଥିବା ଏକ ଦ୍ରୁତଗାମୀ ଖଣିଜ ଡମ୍ପର ଟ୍ରକ୍ ନିୟନ୍ତ୍ରଣ ହରାଇ କାର ଉପରେ ଓଲଟି ପଡିଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାରରେ ଥିବା ୭ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଯେଉଁଥିରେ ଜଣେ ଯୁବତୀ ମଧ୍ୟ ଥିଲେ । ତଥାପି ମୃତକ ଏବଂ ଆହତଙ୍କ ସଂଖ୍ୟା (ପୃଷ୍ଠା ୭ରେ)

# ଡିସେମ୍ବର ୪ରେ ଭାରତ ଆସିବେ ପୁଟିନ

**ନୂଆଦିଲ୍ଲୀ, ୨୮।୧୧**

ଭାରତ ଆସିବେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ପୁଟିନ୍ ଡିସେମ୍ବର ୪ ଏବଂ ୫ ତାରିଖରେ ଭାରତ ଆସିବେ ବୋଲି ଜଣାପଡ଼ିଛି। ୨୩ତମ ଭାରତ-ଋଷ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ସେ ଭାରତ ଗସ୍ତରେ ଆସିବେ। ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହାକୁ ନିଶ୍ଚିତ କରିଛି।

# ୩୦ରେ ସ୍ଥଳଭାଗ ଛୁଇଁବ ବାତ୍ୟା ଡିଟ୍‌ୱାହ

**ଭୁବନେଶ୍ୱର, ୨୮।୧୧ : ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ ଡିଟ୍‌ୱାହ ଆସନ୍ତା ୩୦ ତାରିଖରେ ସ୍ଥଳଭାଗ ଛୁଇଁବ। ଉତ୍ତର ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିର ଆନ୍ଧ୍ରପ୍ରଦେଶର ଉପକୂଳରେ ବାତ୍ୟା ସ୍ଥଳଭାଗ ଛୁଇଁବା ନେଇ ଆକଳନ କରାଯାଉଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଶୁକ୍ରବାର ପୂର୍ବାହ୍ନରେ ଘୂର୍ଣ୍ଣିଝଡ଼ ଶ୍ରୀଲଙ୍କା ଉପକୂଳ ଏବଂ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ଅବସ୍ଥିତ ଥିଲା। ପରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିଛି। ବାତ୍ୟା ପ୍ରଭାବରେ ପ୍ରବଳ ପବନ ଏବଂ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ଭାରତ ପାଣିପାଗ ବିଭାଗ ସତର୍କତା ଜାରି କରିଛି। ଶନିବାର ତାମିଲନାଡୁର କିଛି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବ। ଡିସେମ୍ବର ୧ ପର୍ଯ୍ୟନ୍ତ ଅନ୍ୟାନ୍ୟ (ପୃଷ୍ଠା ୭ରେ)

## ଏକାଳ ପଖାଳ



ରାଜଧାନୀ ଆମ କେତେ ସୁରକ୍ଷିତ
ଜନେ ଭାବିଟିକେ କୁହ
ନେତାମାନଙ୍କର ଶିବିର ସେଇଠି
ପୋଲିସିର ସେଟା ଗୃହ
ଆଖିରେ ଆସୁଛି ଲୁହ
ବୋମାମାଡ, ହତ୍ୟା, ଲୁଟ୍ ଭର୍ତ୍ତି
କେଉଁଠି ରହୁଛ ରୁହ।

# ନାବାଳିକାଙ୍କ ପ୍ରତି ଦୁର୍ବ୍ୟବହାର ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କଲେ ଆଇନମନ୍ତ୍ରୀ

**ଭୁବନେଶ୍ୱର, ୨୮।୧୧**
**ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍.ଭି-୭୨ ଗ୍ରାମରେ ଘଟିଥିବା ଦୁର୍ବ୍ୟବହାର ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ତୁରନ୍ତ ମାମଲା ରୁଜୁ ସହିତ ଅଭିଯୁକ୍ତକୁ ଗିରଫ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନ, ନିର୍ମାଣ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ପ୍ରକାଶ କରିଛନ୍ତି।

ଶୁକ୍ରବାର ଗୃହରେ ବିରୋଧୀ ଦଳ ପକ୍ଷରୁ ମାଲକାନଗିରି ଏ.ମ୍-୭୨ ଗ୍ରାମରେ ନାବାଳିକାଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର ଏବଂ ସରକାରଙ୍କ ବିଫଳତା ଅଭିଯୋଗ ଉପରେ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇଥିଲା। ଏଥିରେ ଭାଗ ନେଇ ବିରୋଧୀ କଂଗ୍ରେସ ଦଳରୁ ଅଶୋକ ଦାସ, ମଙ୍ଗୁ ଖିଲ, ବିଜେଡ଼ିରୁ ଗୌତମ ବୁଦ୍ଧ ଦାସ ପ୍ରମୁଖ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ମହିଳା ଅସୁରକ୍ଷିତ ଅଛନ୍ତି। ସବୁଠି ଅତ୍ୟାଚାର, ନିର୍ଯାତନା ଓ ଯୌନ ଉତ୍ପୀଡ଼ନ ଭଳି ଘଟଣା ଘଟୁଥିଲେ ମଧ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ଅନ୍ୟ ପକ୍ଷରେ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିରୋଧୀଙ୍କ ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିବା ସହିତ ବାରମ୍ବାର ଏଭଳି ତଥ୍ୟ ବିହୀନ ମିଥ୍ୟା ଆରୋପ କରି ସରକାର ଓ ଓଡ଼ିଶାକୁ ବଦନାମ କରିବା ପାଇଁ ବିରୋଧୀ ଦଳ (ପୃଷ୍ଠା ୭ରେ)

# ନେପାଳୀ ଟଙ୍କାରେ ଭାରତୀୟ ଭୂଖଣ୍ଡ




**କାଠମାଣ୍ଡୁ, ୨୮।୧୧**

ନେପାଳର କେନ୍ଦ୍ରୀୟ ବ୍ୟାଙ୍କ ନୂତନ ୧୦୦ ଟଙ୍କିଆ ନୋଟ୍ ଜାରି କରିଛି ଯେଉଁଥିରେ ଭାରତର କଳାପାଣି, ଲିପୁଲେଖ ଏବଂ ଲିମ୍ପିଆଧୁରା ରହିଛି । ନେପାଳ ରାଷ୍ଟ୍ର ବ୍ୟାଙ୍କର ନୂତନ ନୋଟ୍‌ରେ ପୂର୍ବତନ ଗଭର୍ଣ୍ଣର ମହା ପ୍ରସାଦ ଅଧିକାରୀଙ୍କ ସ୍ୱାକ୍ଷର ମଧ୍ୟ ରହିଛି । ନୋଟ୍ ଜାରି ହେବାର ତାରିଖ ୨୦୮୧ ବିଏସ ରହିଛି ଯାହା ଭାରତୀୟ ସମୟ ଅନୁସାରେ ପୂର୍ବ ବର୍ଷ ୨୦୨୪କୁ ସୂଚିତ କରୁଛି । ୨୦୨୦ ମେ ମାସରେ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ନେତୃତ୍ୱାଧୀନ ସରକାର ନେପାଳର ଏକ ନୂତନ ରାଜନୈତିକ ମାନଚିତ୍ର ଉନ୍ମୋଚନ କରିଥିଲେ । ଉକ୍ତ ମାନଚିତ୍ରରେ ଲିପୁଲେଖ, କଳାପାଣି ଏବଂ ଲିମ୍ପିଆଧୁରା ଅଞ୍ଚଳକୁ ନେପାଳର ଦର୍ଶାଯାଇଥିଲା । ପରେ ଏହାକୁ ସଂସଦ ଦ୍ୱାରା ଅନୁମୋଦନ କରାଯାଇଥିଲା। ସେତେବେଳେ ଭାରତ ନେପାଳର ପଦକ୍ଷେପ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସଂଶୋଧିତ ମାନଚିତ୍ରକୁ "ଏକପାକ୍ଷିକ କାର୍ଯ୍ୟ" (ପୃଷ୍ଠା ୭ରେ)







## ମିଛ ବିଲ୍ କରି ସରକାରୀ ଅର୍ଥ ଆତ୍ମସାତ୍ ମାମଲା:ପୂର୍ବତନ କନିଷ୍ଠ କିରାଣୀଙ୍କୁ ୩ ବର୍ଷ କାରାଦଣ୍ଡାଦେଶ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସ୍ଥିତ ସତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟ ପକ୍ଷରୁ ସରକାରୀ ଅର୍ଥ ଆତ୍ମସାତ କରିବା ମାମଲାରେ ଗୁରୁବାର ରାୟ ପ୍ରକାଶ ପାଇଛି । ସତନ୍ତ୍ର ବିଚାରପତି ପୂର୍ଣ୍ଣିମା ଜେନା ଏହାର ବିଚାର କରି ପୂର୍ବତନ କନିଷ୍ଠ କିରାଣୀଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏହା ସହିତ ୬୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଥିବା ବେଳେ ଜରିମାନା ଅନାଦେୟ ଅଧିକ ୩ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି । ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଥାନା ନରଣପୁର ଅଞ୍ଚଳର ଗୌରହରି ପାତ୍ର । ସେ ବାରିପଦା ସ୍ଥିତ ସୁବର୍ଣ୍ଣରେଖା ପ୍ରକଳ୍ପର ପୂର୍ବତନ କନିଷ୍ଠ କିରାଣୀ ଥିଲେ । ସୂଚନା ଅନୁଯାୟୀ, ଗତ ୨୦୦୯ ମସିହାରେ ଠିକାଦାର ଲାଇସେନ୍ସ କରିବା ପାଇଁ ଫି ବାବଦକୁ ୫,୯୩,୦୦୦ ଟଙ୍କା ଆତ୍ମସାତ କରିଥିଲେ । ଏନେଇ ଅଭିଯୋଗକ୍ରମେ ତାଙ୍କ ନାମରେ ଭିଜିଲାନ୍ସ ବିଭାଗରେ ମାମଲା ହୋଇ ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତ ବେଳେ ତ୍ରୁଟି ଧରା ପଡିଥିବାବେଳେ ଗୌରହରିଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି । ତେବେ ଉଭୟ ଚାକିରୀରୁ ଅବସର ଗ୍ରହଣ କରିଥିବା ବେଳେ ପେନ୍‌ସନ୍ ଟଙ୍କା ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ଭିଜିଲାନ୍ସ ବିଭାଗ ପତ୍ର ଯୋଗେ ସୂଚିତ କରିଛନ୍ତି । ଉକ୍ତ ମାମଲାକୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଦୀପକ କୁମାର ସେଠୀ ପରିଚାଳନା କରୁଥିଲେ ।

# ରାସ୍ତାରେ ଓଲଟିଲା ବସ୍:୩ ଯାତ୍ରୀ ଗୁରୁତର

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**




ଚୌଦ୍ୱାର ମଧ୍ୟଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥରେ ଓଟିଏମ୍ ବଜାର ନିକଟ ଲାବ୍ରା କାର୍ପେଟ କାରଖାନା ସମ୍ମୁଖ ଓଭରବ୍ରିଜ୍‌ର ଶେଷ ମୁଣ୍ଡରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ବସ୍‌ରେ ଥିବା ବହୁ ଯାତ୍ରୀ ଆହତ ହୋଇଛନ୍ତି । ଆହତ ମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ଦିନ ପ୍ରାୟ ୧.୩୦ମି ସମୟରେ ଅନୁଗୋଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ପୂଜାରିଣୀ ନାମକ ବସ୍‌ଟି ଓଭରବ୍ରିଜ୍‌ରୁ ଗଡୁଥିବା ବେଳେ ଓଟିଏମ୍ ବଜାର ଶେଷ ମୁଣ୍ଡରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିବା ସହିତ ରୋଡ ଡିଭାଇଡରରେ ପିଟି ହୋଇଯାଇଥିଲା । ଫଳରେ ବସ୍ ଭିତରେ ଥିବା ୪୦ ଜଣ ଯାତ୍ରୀଙ୍କ ମଧ୍ୟରୁ ଅନେକ ଖଣ୍ଡିଆ ଖାବରା ହୋଇଥିଲେ । ଖବରପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍ ଭିତରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହିତ ଆହତମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲେ । ବସ୍ ଦୁର୍ଘଟଣା ହେତୁ ଦୀର୍ଘ ଏକ ଘଣ୍ଟା ଧରି ରାସ୍ତାରେ ଯାନ ବାହନ ଚଳାଚଳ ବ୍ୟାହତ ହୋଇଥିଲା । ପୋଲିସ୍ ଦୁର୍ଘଟଣାଗସ୍ତ ବସ୍‌ଟିକୁ ରାସ୍ତାରୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ପ୍ରକାଶଯୋଗ୍ୟ ଯେ ଆଜକୁ ୭ ବର୍ଷ ଧରି ଜାରି ରହିଥିବା ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ବର୍ଷେ ନପୂରୁଣୁ ରାଜରାସ୍ତାରେ ଅନେକ ସ୍ଥାନରେ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହେଲାଣି । ରାସ୍ତାର ଏଭଳି ଅବସ୍ଥା ହେତୁ ଚଳାଚଳ କରୁଥିବା ଯାନ ବାହନ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହେବା ସହିତ ଧନ ଜୀବନ ହାନୀ ହେଉଥିବା ନିତି ଦିନିଆ ଘଟଣା ହେଲାଣି । ରାସ୍ତା ଦୁରାବସ୍ଥା ପାଇଁ ଏହି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟ ଏକ ଘଟଣାରେ ଗାନ୍ଧୀଛକ ନିକଟ ପରିବା ମାର୍କେଟ୍ ସମ୍ମୁଖରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଗୋଟିଏ କାରକୁ ପଛରୁ ଧକ୍କା ଦେବା ଫଳରେ ଉକ୍ତ ରାସ୍ତାର ଉଭୟ ପଟରେ ଗାଡି ଚଳାଚଳରେ କିଛି ସମୟ ପାଇଁ ବ୍ୟାହତ ହୋଇଥିଲା ।

# ଆକ୍ସନ୍ ମୁଡ୍‌ରେ ଜିଲ୍ଲା ପ୍ରଶାସନ

## ଜବତ ହେଲା ୨୮ ଟି ବାଲି ବୋଝେଇ ହାଇୱା

**ବାଲେଶ୍ୱର, ନ୍ୟୁଜ୍**



ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ପୋଲିସ ଜଳେଶ୍ୱର ତହସିଲ ଅଧୀନ ଚାଲନ୍ତି ଅଞ୍ଚଳରେ ଅବୈଧ ବାଲି ଉତ୍ତୋଳନ ଓ ପରିବହନ ବିରୋଧରେ ଏକ ଅକସ୍ମାତ୍ ଚଢ଼ଉ କରିଛନ୍ତି । ଏହି ଯୁଗ୍ମ ଅଭିଯାନର ନେତୃତ୍ୱ କରିଛନ୍ତି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍.ପି. ପ୍ରତ୍ୟୁଷ ଦିବାକର, ଉପ ଜିଲ୍ଲାପାଳ ଶିବ ମାଳବିୟ ଓ ଡିଏସ୍‌ପି ସିଟି ମନିଷା ଶୌଗୁନ୍ । ତହସିଲଦାର, ଜଳେଶ୍ୱର ସତ୍ୟଜିତ ମହାନ୍ତି ଓ ତାଙ୍କ ଦଳ, ସହିତ ସ୍ଥାନୀୟ ଉପଖଣ୍ଡ ଆରକ୍ଷୀ ନିରୀକ୍ଷକ ଉପସ୍ଥିତ ଥିଲେ । ଚଢ଼ଉ ସମୟରେ ଅନୁମତି ବିହୀନ ଭାବେ ବାଲି ପରିବହନ କରୁଥିବା ୨୮ଟି ହାଇୱା ଟ୍ରକ୍‌କୁ ଜବତ କରାଗଲା । ଏହି ସଫଳ ଅପରେସନ୍ ଫଳରେ ଅବୈଧ ଖନନ ଓ ବାଲି ବ୍ୟବସାୟରେ ଲିପ୍ତ ମାଫିଆ ମାନଙ୍କ ନିକଟରେ କଠୋର ସନ୍ଦେଶ ପହଞ୍ଚିଛି । ଜିଲ୍ଲାପାଳ ଶ୍ରୀ ବିକାଶ କହିଛନ୍ତି ଯେ, ଅବୈଧ ଖନନ ବିରୋଧରେ ଶୂନ୍ୟ ସହିଷ୍ଣୁତା ନୀତି ଗ୍ରହଣ କରାଯିବ ଓ ଆଗାମୀ ଦିନରେ ମଧ୍ୟ ଏପରି ରେଡ୍ ଜାରି ରହିବ । ଅପରାଧୀମାନଙ୍କ ବିରୋଧରେ ଓ ଏମ୍‌ଏମ୍‌ସି ଓ ଅନ୍ୟାନ୍ୟ ନିୟମାବଳୀ ଅନୁସାରେ ଆଇନ୍ ଯୁକ୍ତ ପଦକ୍ଷେପ ଗ୍ରହଣ ପ୍ରକ୍ରିୟା ଚାଲିଛି ।

# ଆୟୁଷ ଡାକ୍ତରଙ୍କ ୧୦ ଦଫା ଦାବିପତ୍ର ପ୍ରଦାନ




**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଜନଗଣଙ୍କ ଜୀବନ ବଞ୍ଚାଇବାକୁ କୋଭିଡି୧୯ ଭଳି ମହାମାରୀ ସମୟରେ ଆଗ ଧାଡିର ଯୋଦ୍ଧା ଭାବେ ଆୟୁଷ ଡାକ୍ତର ସେମାନଙ୍କ ବହୁମୂଲ୍ୟ ଜୀବନ ଉତ୍ସର୍ଗ କରିବାକୁ ପଛାଇନଥିଲେ । ଏ ମହାମାରୀକୁ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ । ଏହାକୁ ନଜର ଦେଇ ରାଜ୍ୟ ସରକାର ହିସାବରେ ତାଙ୍କ ଆଡୁ ସ୍ୱୟମ ସଂଜ୍ଞାନ ନେଇ ଆୟୁଷ ଡାକ୍ତର ମାନଙ୍କ ଚାକିରି ନିୟମିତ କରିଦେବା ଦରକାର ଥିଲା । କିନ୍ତୁ ଏହାକୁ ନେଇ ଡାକ୍ତରମାନେ ରାଜରାସ୍ତାକୁ ଓହ୍ଲାଇବା ଓ ବାରମ୍ବାର ଗୁହାରି କରିବା ଭଳି ଘଟଣା ପୂର୍ବରୁ ଘଟିଯାଇଛି । ତଥାପି ଏହି ଦୁର୍ଦ୍ଦିନରେ ଲୋକମାନଙ୍କ ସରକାରଙ୍କୁ ଅନୁରୋଧ କ୍ରମେ ଦଶ ଦଫା ଦାବି ପତ୍ର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଦଶରଥ ନାଗଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି କାର୍ଯ୍ୟରତ ଆୟୁଷ ଡାକ୍ତରମାନେ । ଏଣୁ ଆପଣଙ୍କୁ ସବିନୟ ପ୍ରାର୍ଥନା କରୁଛୁ କି, ଆମ୍ଭର ଏହି କୁତ୍ସିତ ଚୁକ୍ତିଭିତ୍ତିକ ପରମ୍ପରାକୁ ଉଚ୍ଛେଦ କରି ସମୁଚିତ ନ୍ୟାୟ ପ୍ରଦାନ କରିବା ହେବେ । ଯଦି ଆମର ନ୍ୟାର୍ଯ୍ୟ ଦାବି ଆସନ୍ତା ୦୨/୧୨/୨୦୨୫ ତାରିଖ ସୁଦ୍ଧା ପୂରଣ ନ ହୁଏ ତେବେ ୦୩/୧୨/୨୦୨୫ ତାରିଖ ଠାରୁ ଗଣତାନ୍ତ୍ରିକ ଉପାୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ବାଧ୍ୟ ହେବାଭଳି ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ଡାକ୍ତର ଜ୍ୟୋତି ରଞ୍ଜନ ମହାନ୍ତି, ଡାକ୍ତର ସୁଧାଂଶୁ ସେଠି, ଡାକ୍ତର ରବୀନ୍ଦ୍ର ଝାଙ୍କର, ଡାକ୍ତର ବେଦ ପ୍ରକାଶ, ଡାକ୍ତର ଘନଶ୍ୟାମ, ଡାକ୍ତର ନିରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ ।

## ।।।। ଆବାସ ଯୋଜନା ଗୃହ, ଭତ୍ତା ଓ ରାସନ କାର୍ଡ ବଣ୍ଟନ ।।।।

# ବିଜେପି ସରକାରଙ୍କ ପ୍ରତିଶୃତି ବାସ୍ତବ ରୂପ ନେଉଛି



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଲୋକମାନଙ୍କ ସରକାର କୁହାଯାଉଥିବା ବିଜେପି ସରକାରରେ ଶେଷ ଧାଡିର ଶେଷ ଲୋକମାନଙ୍କ ପାଖରେ ସରକାରଙ୍କ ଯୋଜନା ପହଞ୍ଚାଇବାକୁ ଯେଉଁ ପ୍ରତିଶୃତି ଦେଇଥିଲେ ତାହା ଆଜି ବାସ୍ତବରେ ପରିଣତ ହୋଇଛି । ଯୋଗ୍ୟ ହିତାଧିକାରୀଙ୍କୁ ବୁଧବାର ବ୍ୟାସଦେବ ଟାଉନ୍‌ହଲ୍ ଠାରେ ଆବାସ ଯୋଜନା, ଭତ୍ତା ଓ ରାସନ କାର୍ଡ ବାଣ୍ଟିଲେ ବିଧାୟକ ଆକାଶ ଦାସନାୟକ । ବ୍ୟାସନଗର ସହରର ଗୋଟିଏ ପରେ ଗୋଟିଏ ବିକାଶ ମୂଳକ କାର୍ଯ୍ୟ ଏବେ ଆଗକୁ ଆଗକୁ ବଢ଼ିବାରେ ଲାଗିଛି । ବ୍ୟାସନଗର ସହରର ସମସ୍ତ ବିକାଶ ଓ ସର୍ବାଙ୍ଗୀନ ଉନ୍ନତି କାର୍ଯ୍ୟକୁ ଏବେ ଦୃଢ଼ତାର ସହିତ ଆଗେଇ ନେଉଛନ୍ତି ଆକାଶ । ଯାହାକୁ ନେଇ ସହରବାସୀଙ୍କ ବିଶ୍ୱାସ ଓ ପ୍ରଶଂସା ଢେର ବଢି ବଢ଼ି ଚାଲିଛି । ତେବେ ବ୍ୟାସନଗର ପୌରପରିଷଦର ୨୬ ଗୋଟି ୱାର୍ଡରେ ନୂତନ ଭାବେ ଶତାଧିକ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ଭତ୍ତା, ଆବାସ ଯୋଜନା ଓ ଅକର୍ମଣ୍ୟ ମାନଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଛନ୍ତି ବିଧାୟକ ଆକାଶ ଦାସନାୟକ । ଅନ୍ୟପଟେ ଆଗାମୀ ଦିନରେ ପୌରକାର୍ଯ୍ୟାଳୟର କୌଣସି ଅଧିକାରୀ ଯେମିତି ଜନସାଧାରଙ୍କୁ କୌଣସି ପ୍ରକାର ଅଫିସକୁ ବାରମ୍ବାର ଦଉଡ଼େଇବା ଭଳି ହଇରାଣ ହରକତ ନକରି ଉଚିତ ବ୍ୟବହାର କରିବେ ଓ ଜଣେ ସାଧାରଣ ଜନତା ଯେମିତି କାର୍ଯ୍ୟାଳୟରୁ ଖୁସିରେ ଫେରିବ ଏନେଇ କାର୍ଯ୍ୟାଳୟ ଅଧିକାରୀଙ୍କୁ ରୋକ୍‌ଠୋକ୍ ସତର୍କ ବାଣୀ ଶୁଣେଇ ଦେଇଛନ୍ତି ବିଧାୟକ ଆକାଶ ଦାସନାୟକ । ତେବେ ଉକ୍ତ କାର୍ଯ୍ୟକ୍ରମରେ ୨୦ ନମ୍ବର ୱାର୍ଡ କାଉନସିଲରଙ୍କ ପ୍ରତିନିଧି ବିଶ୍ୱନାଥ ସେଠି, ୮ ନମ୍ବର ୱାର୍ଡ କାଉନସିଲର ଚୁନିଆ ନାୟକ, ୯ ନମ୍ବର ୱାର୍ଡ କାଉନସିଲର ମହିନ୍ଦ୍ର କୁମାର ସାହୁ, ୧୦ ନମ୍ବର ୱାର୍ଡ କାଉନସିଲର ରଶ୍ମିତା ରାଉତ, ୨୪ ନମ୍ବର ୱାର୍ଡ କାଉନସିଲର ଅଶୋକ ରାଉତ, ୧୮ ନମ୍ବର ୱାର୍ଡ କାଉନସିଲର ଭରତ ଓଝାଙ୍କ ସମେତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ପାଢ଼ୀ ଓ ପୌର କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୌରପରିଷଦର ସମସ୍ତ ୱାର୍ଡର ଶତାଧିକ ଜନସାଧାରଣ ଓ ବିଜେପି କର୍ମୀମାନେ ଉପସ୍ଥିତ ରହିଥିଲେ ।

# କବାଡ଼ିଆଙ୍କ କବ୍‌ଜାରୁ ମୁକ୍ତ ହେଲା ବାଇପାସ୍ ରାସ୍ତା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ ଠାରୁ କୋର୍ଟ ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ଦୀର୍ଘଦିନ ହେଲା କବାଡିଆ ଓ କ୍ଷୁଦ୍ର ବ୍ୟବସାୟୀଙ୍କ କବ୍‌ଜାରେ ଥିଲା । ଯାହାଫଳରେ ଯାତାୟାତରେ ଘୋର ଅସୁବିଧା ହେଉଥିଲା । ବାରମ୍ବାର ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବାଇପାସ୍ ରାସ୍ତାକୁ ମୁକ୍ତ କରାଯାଇଛି । ପୂର୍ବତନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମୟରେ ରାସ୍ତାକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ସଂପ୍ରସାରଣ ଓ ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ମାତ୍ର କବାଡିଆମାନେ ପାଦଚଲା ରାସ୍ତା ଓ ବିଶ୍ରାମସ୍ଥଳୀ ଆଦିକୁ କବ୍‌ଜା କରି ଏଥିରେ ପୁରୁଣା ଗାଡି, ଜଳଖିଆ ଦୋକାନ, ଗ୍ୟାରେଜ୍ କରି ସମ୍ପୂର୍ଣ୍ଣ ଭାବେ ଏହାକୁ ଜବର ଦଖଲରେ ରଖି ବ୍ୟବସାୟ କରି ଆସୁଥିଲେ । ଏନେଇ ଜନସାଧାରଣ ଜିଲ୍ଲାପାଳଙ୍କ ପାଖରେ ବାରମ୍ବାର ଅଭିଯୋଗ କରି ଏହାକୁ ଜବର ଦଖଲ ମୁକ୍ତ ଓ ଚାଲିବା ପଇଁ ଉପଯୋଗୀ କରିଛନ୍ତି । ଏହି ଉଚ୍ଛେଦ ସମୟରେ ଏଲଆଇ ରମାକାନ୍ତ ବିଶ୍ୱାଳ, ଡିଏମ୍‌ଏମ୍ ଜ୍ୟୋତିରଞ୍ଜନ ରାଉତଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ କରାଯାଇଛି ।

# ଇମ୍ଫାର ୬୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ପ୍ରଗତି ଓ ସଫଳତାର ଆଉ ଏକ ବର୍ଷ ପାର କରି, ଇମ୍ଫା, ଏହାର ୬୪ ତମ ପ୍ରତିଷ୍ଠା ଦିବସ ଓ ଇମ୍ଫାର ପ୍ରତିଷ୍ଠାତା ସ୍ୱର୍ଗତ ଡକ୍ଟର ବଂଶୀଧର ପଣ୍ଡାଙ୍କର ୯୪ ତମ ମହାସମାରୋହରେ ପାଳିତ ହୋଇଯାଇଛି, ଯାହାକି ଇମ୍ଫା ପରିବାର ଓ ଥେରୁବାଲି ବାସୀଙ୍କର ହୃଦୟକୁ ଛୁଇଁ ପାରିଥିଲା । ଦିନ ୧୦.୩୦ଟା ସମୟରେ ଶ୍ରୀ ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଇମ୍ଫାର ପାରିପାର୍ଶ୍ୱିକ ୭ ଗୋଟି ପଞ୍ଚାୟତ ଥେରୁବାଲି ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ ବୃଦ୍ଧ/ବୃଦ୍ଧା ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିବା ସହିତ, ୩ ଜଣ ଦିବ୍ୟାଙ୍ଗ ସ୍ୱାବଲମ୍ବୀ କ୍ଷୁଦ୍ର ବ୍ୟବସାୟୀ ରେବତୀଗୁଡା ଗ୍ରାମର ରକଧର ବିଡିକା, ଅନୁଗୁଡାର ଜଗନ୍ନାଥ କରକରିଆ, ଖେଦାପଡ଼ା ସଂଯୁକ୍ତା ସିଂହ ୧୦୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଓ ଜନ୍ମରୁ ବାମ ଗୋଡ ବିକଳାଙ୍ଗ ଥିବା ଦରଜି ଜି. ସନ୍ତୋଷ ଚନ୍ଦ୍ରଶେଖର ପ୍ରଧାନୀଙ୍କୁ ଏକ ବ୍ୟାଟେରୀ ଚାଳିତ ତିନି ଚକିଆ ସାଇକଲ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇମ୍ଫା ଶିଳ୍ପ ଗୋଷ୍ଠୀର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ -ତଥା- ମୁଖ୍ୟ ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ମହାପାତ୍ର, ମୁଖ୍ୟ ଅତିଥି ଭାବେ, ବ୍ୟବସାୟିକ ମୁଖ୍ୟ ସୁରେଶ ବାବୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଇମ୍ଫା ଥେରୁବାଲିର ପରିଚାଳନା ମୁଖ୍ୟ ଏମ୍. ଶ୍ରୀନିଭାସ୍ ଉପସଭାପତି ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଇମ୍ଫାର ସମସ୍ତ ବିଭାଗୀୟ ମୁଖ୍ୟ, ସ୍ଥାନୀୟ ଗ୍ରାମ ଏହି ସଭାରେ ସଭାପତିତ୍ୱ କରିଥିବାବେଳେ କ୍ଷିତିଶ ଚନ୍ଦ୍ର ମହାପାତ୍ର, ଉପମୁଖ୍ୟ ପରିଚାଳକ (ମାନବସମ୍ବଳ ଓ ପ୍ରଶାସନ) କାର୍ଯ୍ୟକ୍ରମକୁ ପରିଚାଳନନା କରିଥିବା ବେଳେ ଲୋକ ସମ୍ପର୍କ ବିଭାଗର ସହକାରୀ ପରିଚାଳକ ଦୀପକ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ । ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ବୃନ୍ଦ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ, ସମିତି ସଭ୍ୟ, ସଭ୍ୟା ଓ ସ୍ଥାନୀୟ ନିମନ୍ତ୍ରିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ । ଲୋକ ସମ୍ପର୍କ ବିଭାଗ, କାର୍ମିକ ଓ ସାଧାରଣ ପ୍ରଶାସନିକ ବିଭାଗ, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମସ୍ତ ନିମନ୍ତ୍ରିତ ଅତିଥି , ପଞ୍ଚାୟତରାଜ ପ୍ରତିନିଧି ମାନେ ଇମ୍ଫାର ଏହି ବଦାନ୍ୟତାକୁ ଉଚ୍ଚ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ । ସନ୍ଧ୍ୟା ଘ ୪. ୩୦ମି ସମୟରେ ଇମ୍ଫା କାରଖାନା ପରିସର ମଧ୍ୟରେ ୬୪ ତମ ପ୍ରତିଷ୍ଠା ଦିବସ ଆନୁଷ୍ଠାନିକ ଭାବେ ପାଳନ ହୋଇଥିଲା । ଏହି ସମାରୋହରେ ଦୀର୍ଘ କାଳୀନ ସେବା ପ୍ରଦାନ କରିଥିବା ୩୦ ଜଣ ଶ୍ରମିକ ଓ କର୍ମଚାରୀମାନଙ୍କୁ ଉପହାର ଓ ମାନପତ୍ର ଦେଇ ସମ୍ମାନିତ କରାଯିବା ସହ, ଆମ ଅଞ୍ଚଳ ବିଦ୍ୟାଳୟ ମାନଙ୍କରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ୬ ଜଣ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥିଲା । ଇମ୍ଫାର ୬୪ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନ୍ତଃବିଭାଗୀୟ କୁଞ୍ଜବିହାରୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏଥିରେ ବିଜେତା ପ୍ରଥମ ସ୍ଥାନ ଓ ଦ୍ୱିତୀୟ ସ୍ଥାନ ପାଇଥିବା ଦୁଇ ଦଳକୁ ପୁରସ୍କୃତ କରାଯାଇଥିଲା । କାରଖାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇମ୍ଫା ଶିଳ୍ପ ଗୋଷ୍ଠୀର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା-ମୁଖ୍ୟ ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ମହାପାତ୍ର, ମୁଖ୍ୟ ଅତିଥି ଭାବେ, ବ୍ୟବସାୟିକ ମୁଖ୍ୟ ସୁରେଶ ବାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ କ୍ଷିତିଶ ଚନ୍ଦ୍ର ମହାପାତ୍ର, ଉପମୁଖ୍ୟ ପରିଚାଳକ (ମାନବସମ୍ବଳ ଓ ପ୍ରଶାସନ) କାର୍ଯ୍ୟକ୍ରମକୁ ପରିଚାଳନନା କରିବା ସହ ସ୍ୱାଗତ ଅଭିଭାଷଣ ଓ ଧାନ୍ୟବାଦାର୍ପଣ କରିଥିଲେ । ଇମ୍ଫାର ଶ୍ରମିକ, କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ସେମାନଙ୍କର ପରିବାର ବର୍ଗ ଉପସ୍ଥିତ ରହି ପୁରସ୍କୃତ ହୋଇଥିବା ସମସ୍ତ ବ୍ୟକ୍ତିମାନଙ୍କୁ ଉତ୍ସାହିତ କରିଥିଲେ । କାର୍ମିକ, ଲୋକ ସମ୍ପର୍କ ଓ ସାଧାରଣ ପ୍ରଶାସନ ବିଭାଗର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ଜଳଯୋଗରେ ଆପ୍ୟାୟିତ କରାଯାଇଥିଲା । ରାୟଗଡରୁ ଆସିଥିବା ସ୍ୱର ସାଗର ସାଂସ୍କୃତିକ ଦଳ ତରଫରୁ ଅତି ସୁନ୍ଦର ଭାବେ ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଦିନଟି ଇମ୍ଫାର ପ୍ରତିଟି ଶ୍ରମିକ ଓ କର୍ମଚାରୀମାନଙ୍କ ମଧ୍ୟରେ ଏକ ଉତ୍ସାହ , ଉଦ୍ଦୀପନା ଓ ନୂତନ ଗର୍ବର ଅନୁଭବ ପ୍ରଦାନ କରିଥିଲା ।

## ରମ୍ଭା ବାଇପାସ୍‌ରେ ସଡ଼କ ଦୁର୍ଘଟଣା:ଜଣେ ମୃତ, ଜଣେ ଗୁରୁତର

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଥାନା ଇଲାକା ଗୁପ୍ତେଶ୍ୱର ମନ୍ଦିର ନିକଟ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବାଇକ୍ ପଛପଟୁ ଧକ୍କା ଦେଲା ଟ୍ରକ୍ । ଘଟଣାସ୍ଥଳରେ ଜଣେ ଯୁବକ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ମୃତକଙ୍କ ଭାଇ ଗୁରୁତର ଆହତ ହୋଇଥିବା ଖବରମିଳିଛି । ମୃତକ ଜଣଙ୍କ ହେଲେ ବେଗୁନିଆପଡ଼ା ଥାନା ଅଞ୍ଚଳ ଅଙ୍ଗାରଗାଁ ଗ୍ରାମର କୃଷ୍ଣଚନ୍ଦ୍ର ଜେନା (୨୭) । ସକାଳ ୧୧.୩୦ ମିନିଟ୍ ସମୟ ଗୁପ୍ତେଶ୍ୱର ମନ୍ଦିର ନିକଟ ୧୬ ନମ୍ବର ଜାତୀୟ ରାଜପଥରେ କାମ ଚାଲିଥିବା ବେଳେ ଅପର ପାର୍ଶ୍ୱରେ କୃଷ୍ଣଚନ୍ଦ୍ର ଜେନା ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ପଛପଟୁ ତାମିଲନାଡୁର ଲେମ୍ବୁ ବୋଝେଇ ଟ୍ରକ୍ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ହିଁ କୃଷ୍ଣଚନ୍ଦ୍ର ଜେନାଙ୍କ ମୃତ୍ୟୁ ଘଟିଥିଲା ଏବଂ କୃଷ୍ଣଙ୍କ ଭାଇ ଗୁରୁତର ଆହତ ହୋଇଥିବା ଘଟଣାସ୍ଥଳରୁ ଜଣାପଡିଥିଲା । ଉପରୋକ୍ତ ଘଟଣାକୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ରମ୍ଭା ଥାନା ଏଏସ୍‌ଆଇ ପ୍ରଭାତ ବାଲିକାନା, ଏଏସ୍‌ଆଇ ପ୍ରସନ୍ନ ପ୍ରଧାନ, ପ୍ରଭାତ ନାହାକ, ଲୋକନାଥ ପାତ୍ର, ମଧୁସୂଦନ କାର୍ଜି ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲ୍‌କୁ ପଠାଇଥିବା ବେଳେ ମୃତ ଶରୀରକୁ ପୋଲିସ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ପଠାଇଥିବା ଜଣାଯାଇଛି । ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି । ଡ୍ରାଇଭରକୁ ଅଟକ ରଖି ପଚାରାଉଚାରା ଜାରି ରଖିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଦୁର୍ଘଟଣା ଘଟିବା ପରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ସହ ସହ ଯାନବାହାନ ଦୀର୍ଘ ସମୟ ଧରି ଅଟକି ରହିଥିଲା । ସୂଚନାଥାଉକି ମୃତ କୃଷ୍ଣଚନ୍ଦ୍ର ଜେନା ନବ ବିବାହିତା ଯୁବକ । ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ପୁଅ । ତାଙ୍କର ଦେଢ଼ ବର୍ଷର ସନ୍ତାନ ଅଛନ୍ତି । ଗତ ଦୁଇ ବର୍ଷ ପୂର୍ବେ କୃଷ୍ଣଚନ୍ଦ୍ରଙ୍କ ମା'ଙ୍କ ମୃତ୍ୟୁ ପରେ ଏକାମାତ୍ର ରୋଜଗାରିଆ ପୁଅକୁ ହରାଇ ବୃଦ୍ଧ ବାପା ସମେତ ସ୍ତ୍ରୀ ଝୁମୁରି ଜେନା ଭାଙ୍ଗି ପଡିଛନ୍ତି । ତାଙ୍କ ଦୁର୍ଘଟଣା ଜନିତ ଅକାଳ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ସ୍କୁଟିକୁ ପିଟିଲା ଟ୍ରକ୍:ଘୋଷାଡ଼ି ନେଲା ୫୦୦ ମିଟର

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଧର୍ମଶାଳା - ବୀରମହାରାଜପୁର ରାସ୍ତାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଯାଇଛି । ସ୍କୁଟି ଯୋଗେ ମହଦାକୁ ଯାଉଥିବା ସମୟରେ ସ୍ଥାନୀୟ କୁମରକେଲି ଗ୍ରାମର ଶରଦ ମହାପାତ୍ରଙ୍କୁ ଏକ ଟ୍ରକ୍ ପିଟି ଦେବା ସହ ମହଦାରୁ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ଘୋଷାଡ଼ି ଭୂଦୋବର ଛକ ପାଖାପାଖି ପର୍ଯ୍ୟନ୍ତ ନେଇଯାଇଥିଲା । ସ୍ଥାନୀୟ ଲୋକେ ଟ୍ରକ୍ ଡ୍ରାଇଭରଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ହେଁ ଘଟଣାସ୍ଥଳରୁ ଡ୍ରାଇଭର ଫେରାର୍ ମାରିଥିଲା । ଖବରପାଇ ବୀରମହାରାଜପୁର ଅଗ୍ନିଶମ ବାହିନୀ ଅଧିକାରୀ ପ୍ରବୀର ଦାସ ଓ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୯।୧୧।୨୦୨୫, ମାର୍ଗଶିର ଦି୧୪ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୦୩।୪୨ ଚନ୍ଦ୍ରୋଦୟ- ଦିଘ୧୨।୪୦।୧୦**

**ନବମୀ-** ରାଘ୧୧।୧୬ପର୍ଯ୍ୟନ୍ତ । **ପୂର୍ବଭାଦ୍ର ନକ୍ଷତ୍ର-** ରାଘ ୨।୨୧ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ରାଘ୮।୩୨ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ୮।୩୨ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ରାଘ ୮।୩୨ ଗତେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୧୧।୧୬ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୩୫ ଗତେ ଘ ୮।୫୧ ମଧ୍ୟେ । ଦିଘ ୧୧।୫୭ ଗତେ ଘ ୧୨।୫୭ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକ ଶେଷ ।



**ମେଷ:** ଶତ୍ରୁ ପରାସ୍ତ କରିବେ । ଐଶ୍ୱର୍ଯ୍ୟ ପ୍ରାପ୍ତିର ସମ୍ଭାବନା । ଯାନବାହାନ କ୍ରୟ କରିବେ । କାର୍ଯ୍ୟ ହାସଲ କରିପାରନ୍ତି । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟର ପରିମାଣ ବୃଦ୍ଧି ପାଇବ ।



**ବୃଷ:** କର୍ମକ୍ଷେତ୍ରରେ ଅଗ୍ରଗତି ହେବ । ବିଭିନ୍ନ ସ୍ତରରୁ ସମ୍ମାନିତ ହେବେ । ଉତ୍ସାହିତ ହୋଇ କାର୍ଯ୍ୟ କରିବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ । ବନ୍ଧୁ ଦର୍ଶନ ।



**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ସୁସମ୍ବାଦ ପାଇବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଶୁଭ କାର୍ଯ୍ୟ ପାଇଁ ଦିନଟି ଶୁଭ । ମାଲିମୋକଦ୍ଦମାରେ ବିଜୟୀ ହେବାର ସୂଚନା ।



**କର୍କଟ:** କୁକର୍ମରେ ଦୃଢ଼ ପଦକ୍ଷେପ ନେବେ । ପ୍ରତିଯୋଗିତାରେ ସଫଳତା ମିଳିବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ବନ୍ଧୁଙ୍କ ସହଯୋଗ ମିଳିବ । ରୋଜଗାର ମଧ୍ୟମ ଧରଣର ହେବ ।



**ସିଂହ:** ମନସ୍କାମନା ପୂର୍ଣ୍ଣ ହେବ । ଧର୍ମ ମାର୍ଗରେ ଚାଲିବେ । ଧନ ଲାଭର ସୁଯୋଗ । ନୂତନ କର୍ମାରମ୍ଭ ପାଇଁ ଦିନଟି ଉତ୍ତମ । ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବେ । ପାରିବାରିକ ସହଯୋଗ ଲାଭ ହେବ ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ମିଳିବ । ଶୁଭ କାର୍ଯ୍ୟ ପାଇଁ ଦୂରକୁ ଯାତ୍ରା କରିବେ । ସୁନାମ ଅର୍ଜନ କରିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ସମସ୍ୟା ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ ।



**ତୁଳା:** ଶତ୍ରୁ ପରାଜିତ ହୋଇ ଶରଣାଗତ ହେବେ । ମାନସିକ ଅଶାନ୍ତି ଦୂର ହେବ । ଶୁଭ ଖବର ପାଇବେ । ବ୍ୟସ୍ତତା ମଧ୍ୟରେ ଦିନଟି କଟିବ । କର୍ମକ୍ଷେତ୍ରରେ ସିଦ୍ଧି ଲାଭ କରିବେ । ଆୟର ପରିମାଣ ବଢ଼ିବ ।



**ବିଛା:** ଶାରୀରିକ ସୁସ୍ଥତା ଅନୁଭବ କରିବେ । ବନ୍ଧୁ ମିଳନର ସମ୍ଭାବନା । ଅଧିକ ପରିଶ୍ରମ କରିବେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଠକାମିର ଶିକାର ହୋଇପାରନ୍ତି । ରୋଜଗାର ଭଲ ହେବ ।



**ଧନୁ:** ଗୁରୁ ଦାୟିତ୍ୱ ବହନ କରି କାର୍ଯ୍ୟ କରିବେ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ଗୁରୁଙ୍କ କୃପା ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ଦୂରଯାତ୍ରା କରିପାରନ୍ତି । ଗୃହେ ଆନନ୍ଦ ଓ ଶାନ୍ତି ଲାଭ କରିବେ ।



**ମକର:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଉତ୍ତମ ଅଟେ । ମନ ଚଞ୍ଚଳ ହେବ । ଶତ୍ରୁ ନାଶ ହେବେ । ପରିବାରରେ ଶାନ୍ତି ମିଳିବ । ଦେବ ଦର୍ଶନର ସୁଯୋଗ ମିଳିପାରେ ।



**କୁମ୍ଭ:** ସଦାଚାରୀ ହେବେ । ସୁସମ୍ବାଦ ପ୍ରାପ୍ତ କରିବେ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ସର୍ବଗୁଣ ସମ୍ପନ୍ନ ହେବେ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଗୃହେ ଆନନ୍ଦ ଦେଖାଦେବାର ସୂଚନା ।



**ମୀନ:** ଉତ୍ତମ ଆୟ ପ୍ରାପ୍ତ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଭ୍ରମଣ ଯୋଗ ରହିଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଦେହ ଓ ମନ ସୁସ୍ଥ ରହିବ । କର୍ମକ୍ଷେତ୍ରରେ ଆନନ୍ଦ ପ୍ରାପ୍ତ ହେବ ।

## ଜଗତସିଂହପୁର ଜିଲ୍ଲାରୁ ୬ ଜଣ ପାଇଲେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

୨୦୨୪ ଓ ୨୦୨୫ ବର୍ଷ ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ତରଫରୁ ସମ୍ମାନ ଜନକ ଏକାଡେମୀ ପୁରସ୍କାର ଉତ୍ସବ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲାର ୬ ଜଣ ସୁଯୋଗ୍ୟ କଳାକାରଙ୍କୁ ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଛି । ସଂଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତି ଓ ସଂଗୀତ ନିର୍ଦ୍ଦେଶକ କୃପାସିନ୍ଧୁ ବେହେରାଙ୍କୁ ଯଥାକ୍ରମେ ୨୦୨୩ ଓ ୨୦୨୫ ପାଇଁ, ସୁଗମ ସଂଗୀତ ୨୦୨୪ ପାଇଁ ବିଷ୍ଣୁ ଚରଣ ନାୟକ, ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ୨୦୨୪ ପାଇଁ ଗୁରୁ କରୁଣାକର ନାୟକ, ଘୋଡାନାଚ ୨୦୨୫ ପାଇଁ ହେମନ୍ତ ରାଉତ ଓ ପାଇକ ଆଖଡ଼ା ୨୦୨୫ ପାଇଁ ଗୋଲେଖ ଜୟସିଂଙ୍କୁ ଏକାଡେମୀ ସମ୍ମାନରେ ସମ୍ମାନିତ କରାଯାଇଛି ବୋଲି ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩୦।୧୧।୨୦୨୫, ମାର୍ଗଶିର ଦି୧୫ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୦୪।୨୦ ଚନ୍ଦ୍ରୋଦୟ- ଦିଘ୧।୧୬।୧୩**

**ଦଶମୀ-** ରାଘ୯।୩୦ପର୍ଯ୍ୟନ୍ତ । **ଉତ୍ତରାଭାଦ୍ର ନକ୍ଷତ୍ର-** ରାଘ ୧।୦୯ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୯।୩୦ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୨ ଗତେ ଘ ୯।୦୨ ମଧ୍ୟେ । ଦିଘ ୧୨।୫୭ ଗତେ ଘ ୨।୫୨ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବିପୁଳ ପରିମାଣରେ ରୁଷରୁ ତେଲ କିଣିବନି ଭାରତ

ଅପେକ୍ଷାକୃତ ସୁଲଭ ମୂଲ୍ୟରେ ରୁଷ ତେଲ ପାଇବାର ସମୟ ଆସନ୍ତା ମାସରୁ ଶେଷ ହେବ। ଆଉ ପୂର୍ବ ଭଳି ବିପୁଳ ପରିମାଣର ରୁଷ ତେଲକୁ ଭାରତ କିଣିପାରିବ ନାହିଁ। ଆମେରିକା ପ୍ରଶାସନ ରୁଷର ଦୁଇଟି ପ୍ରମୁଖ ତୈଳ କମ୍ପାନି ଉପରେ କଟକଣା ଲଗାଇଥିବାରୁ ଯୋଗାଣ ପ୍ରଭାବିତ ହେବ। ୟୁକ୍ରେନ ସହ ଯୁଦ୍ଧ କରୁଥିବା ରୁଷକୁ ଚାପରେ ରଖିବା ଲାଗି ଆମେରିକା, ୟୁରୋପୀୟ ସଂଘ ଓ ବ୍ରିଟେନ କଠୋର କଟକଣା ଲଗାଇଛନ୍ତି। ସେମାନେ ରୁଷ୍‌ର ପ୍ରମୁଖ ଆୟ ଉତ୍ସ ତୈଳ କ୍ଷେତ୍ରକୁ ପ୍ରଭାବିତ କରିବା ଭଳି ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ରୁଷରୁ ଭାରତ ଦୈନିକ ୧୮ ଲକ୍ଷ ବ୍ୟାରେଲ ତେଲ କିଣୁଛି। ଆସନ୍ତା ମାସଠାରୁ ତାହା ଦୈନିକ ୬ ଲକ୍ଷ ବ୍ୟାରେଲକୁ ଖସିଯିବ ବୋଲି ଆକଳନ କରାଯାଇଛି। ଅଧିକ ତେଲ କିଣି ବିଶ୍ୱର ତିନି ପ୍ରମୁଖ ମହାଶକ୍ତିକୁ ଭାରତ ରଗାଇବାକୁ ଚାହୁଁନାହିଁ। ତେଣୁ ରୁଷ ତେଲର ବିକଳ୍ପ କ'ଣ ହୋଇପାରିବ ତାହା ଉପରେ ବିଶୋଧନକାରୀମାନେ ବିଚାର କରୁଛନ୍ତି। ଆମେରିକା ପକ୍ଷରୁ ରୁଷ୍‌ର ଦୁଇ ତୈଳ କମ୍ପାନି ରୋଜନେଫ୍ଟ ଓ ଲୁକୋଇଲ ଉପରେ କଟକଣା ଲଗାଯାଇଛି। ଏହି କଟକଣା ଚଳିତ ମାସ ୨୧ରୁ ଲାଗୁ ହୋଇଛି। ସେମାନଙ୍କ ସହ କାରବାର ବନ୍ଦ କରିବା ଲାଗି ସମସ୍ତଙ୍କୁ ଆହ୍ୱାନ ଦିଆଯାଇଛି। ସେହିପରି, ୟୁରୋପୀୟ ୟୁନିୟନ ଲଗାଇଥିବା କଟକଣା ୨୦୨୬ ଜାନୁଆରି ୨୧ରୁ ଲାଗୁ ହେବାକୁ ଯାଉଛି। ଏହାଦ୍ୱାରା ୬୦ ଦିନ ପୂର୍ବରୁ ଅଣାଯାଇଥିବା ରୁଷ ତେଲକୁ ବିଶୋଧନ କରି ପ୍ରସ୍ତୁତ କରାଯାଇଥିବା ଇନ୍ଧନକୁ କେହି ୟୁରୋପରେ ବିକ୍ରି କରିପାରିବେ ନାହିଁ। ଭାରତରେ ଇଣ୍ଡିଆନ ଅଏଲ, ନାୟରା ଏନର୍ଜି ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ତେଲ ଆମଦାନୀ କରୁଥିଲେ। ଆମେରିକା କଟକଣା ଲାଗୁ ହେବା ପୂର୍ବରୁ ନଭେମ୍ବରରେ ସେମାନେ ବିପୁଳ ପରିମାଣର ତେଲ କିଣି ଗଚ୍ଛିତ ରଖିବାକୁ ଉଦ୍ୟମ କରିଛନ୍ତି। ଅନ୍ୟ ପକ୍ଷରେ ମାଙ୍ଗାଲୋର ରିଫାଇନାରି ଆଣ୍ଡ୍ ପେଟ୍ରୋକେମିକାଲକ୍ସ, ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ, ଏଚପିସିଏଲ-ମିତ୍ତଲ ଏନର୍ଜି ଲିମିଟେଡ୍ ରୁଷ୍ ତେଲ କିଣା ବନ୍ଦ କରିଦେଇଛନ୍ତି। ଇଣ୍ଡିଆନ ଅଏଲ ଓ ଭାରତ ପେଟ୍ରୋଲିୟମ କଟକଣା ଲଗାଯାଇଥିବା ନ ଥିବା ସଂସ୍ଥାଠାରୁ ତେଲ କିଣୁଛନ୍ତି। ପୂର୍ବରୁ ଭାରତ ରୁଷ୍‌ରୁ ବିଶେଷ ତେଲ ମଗାଉ ନଥିଲା। ୨୦୧୯-୨୦ ବେଳକୁ ଭାରତର ମୋଟ ତେଲ ଆମଦାନୀରେ ରୁଷର ଭାଗ ମାତ୍ର ୧.୭ ପ୍ରତିଶତ ଥିଲା। ୨୦୨୧-୨୨ ପର୍ଯ୍ୟନ୍ତ ତାହା ୨ ପ୍ରତିଶତରେ ସୀମିତ ରହିଥିଲା। ମାତ୍ର ୨୦୨୨ରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ରୁଷ ତେଲ ଶସ୍ତା ମିଳିଥିଲା। ତାହାର ସୁଯୋଗ ନେଇ ୨୦୨୨-୨୩ରେ ଭାରତ ୧୯ ପ୍ରତିଶତ ତେଲ ରୁଷରୁ ମଗାଇଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ସେହି ହାର ୩୨-୩୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା।

# ଶିଶୁମାନଙ୍କ ପାଇଁ ଶୀତକାଳୀନ ସ୍ୱାସ୍ଥ୍ୟ ସୁରକ୍ଷା



ଡାକ୍ତର ଅଶୋକ କୁମାର ମହାନ୍ତି
ଟାଟା ମେନ୍ ହସପିଟାଲ୍,
ନୂଆମୁଣ୍ଡି
ମୋ-୯୨୩୪୬୬୭୫୪୬

ଶୀତ ଦିନ ଆରମ୍ଭ ହେବା ସହିତ, ପିତାମାତା ଏବଂ ଯତ୍ନ ନେଉଥିବା ବ୍ୟକ୍ତିମାନେ ସେମାନଙ୍କ ଛୋଟ ପିଲାମାନଙ୍କ ପାଇଁ ଏକ ସୁସ୍ଥ ଏବଂ ଲାଳନପାଳନ ପରିବେଶ ଯୋଗାଇବା ପାଇଁ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଅନ୍ତି। ଶୀତଦିନେ ପିଲାମାନଙ୍କର ଯତ୍ନ ନେବା ପାଇଁ, ସେମାନଙ୍କୁ ପୋଷାକ ଏବଂ ଟୋପି ସାହାଯ୍ୟରେ ଉଷ୍ମ ଏବଂ ହାଇଡ୍ରେଟେଡ୍ ରଖନ୍ତୁ, ଶୁଷ୍କ ଚର୍ମ ଏବଂ ନାସିକା ପଥକୁ ରୋକିବା ପାଇଁ ହ୍ୟୁମିଡିଫାୟର୍ ବ୍ୟବହାର କରନ୍ତୁ ଏବଂ ଘର ଭିତର ଏବଂ ସୁରକ୍ଷିତ ବାହ୍ୟ କାର୍ଯ୍ୟକଳାପକୁ ଉତ୍ସାହିତ କରି ଭଲ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରାଥମିକତା ଦିଅନ୍ତୁ। ଏହା ସହିତ ନିଶ୍ଚିତ କରନ୍ତୁ ଯେ ସେମାନେ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ, ହାଇଡ୍ରେଟେଡ୍ ରୁହନ୍ତୁ, ଶୁଷ୍କତା ରୋକିବା ପାଇଁ ଚର୍ମକୁ ମଇଶ୍ଚରାଇଜ୍ କରନ୍ତୁ, ପର୍ଯ୍ୟାପ୍ତ ବିଶ୍ରାମ ନିଅନ୍ତୁ ଏବଂ ଆବଶ୍ୟକ ହେଲେ ଡାକ୍ତରୀ ପରାମର୍ଶ ନିଅନ୍ତୁ। ଶୀତକାଳୀନ ଶିଶୁ ଯତ୍ନ ପାଇଁ କିଛି ଜରୁରୀ ଟିପ୍ସ ନିମ୍ନରେ ପ୍ରଦତ୍ତ କରାଯାଇଅଛି ।

ଘନ ସ୍ତର ବଦଳରେ ନରମ ସ୍ୱେଟର୍ କିମ୍ବା ସ୍ୱେଟ୍ ସାର୍ଟ ତଥା ବାହାରକୁ ଯିବା ସମୟରେ ଏକ ଉଷ୍ମ, ଜଳପ୍ରତିରୋଧୀ ଜ୍ୟାକେଟ୍ ବ୍ୟବହାର କରନ୍ତୁ।

ନବଜାତ ଶିଶୁଙ୍କରମୁଣ୍ଡ, ପାଦ ଏବଂ ହାତକୁ ଟୋପି, ମୋଜା, ଗ୍ଲୋଭସ୍ ସହିତ ଘୋଡାନ୍ତୁ। ମୁଣ୍ଡ ବହୁତ ପରିମାଣର ଉତ୍ତାପ ହରାଇଥାଏ, ତେଣୁ ମୁଣ୍ଡ ଆବରଣ ଗୁରୁତ୍ୱପୂର୍ଣ୍ଣ। ଟାଇଟ୍ ପୋଷାକ ରକ୍ତ ପ୍ରବାହକୁ ପ୍ରତିବନ୍ଧିତ କରିପାରେ, ତେଣୁ ଢିଲା-ଫିଟିଂପୋଷାକ ବ୍ୟବହାର କରନ୍ତୁ।

ଥଣ୍ଡା, ଶୁଷ୍କ ପବନ ରୁକ୍ଷ, ଶୁଷ୍କ ଚର୍ମ ସୃଷ୍ଟି କରିପାରେ। ଆପଣଙ୍କ ପିଲାର ଚର୍ମ ଏବଂ ଓଠକୁ ନିୟମିତ ଭାବରେ ହାଲୁକା, ହାଇପୋଆଲରର୍ଜେନିକ୍ ମଇଶ୍ଚରାଇଜ ଏବଂ ଲିପବାମ୍ ସହିତ ମଇଶ୍ଚରାଇଜ କରନ୍ତୁ, ବିଶେଷକରି ଗାଧୋଇବା ପରେ। ପ୍ରତିଦିନ ଉଷୁମ ପାଣିରେ ଗାଧୋଇବା ଉଚିତ୍ । ଅତ୍ୟଧିକ ଗରମ ପାଣି ପରିହାର କରନ୍ତୁ। ତଥାପି, ଯଦି ତାପମାତ୍ରା ଅତ୍ୟଧିକ କମ୍ ଥାଏ, ତେବେ ଆପଣ ଆପଣଙ୍କ ପିଲାକୁ ସପ୍ତାହରେ ଥରେ ମୁଣ୍ଡ ଧୋଇବା ସହିତସପ୍ତାହରେ ୨-୩ ଥର ଗାଧୋଇ ପାରିବେ । ଯେଉଁ ଦିନ ଆପଣଙ୍କ ପିଲା ଗାଧୋଇ ନ ଥାଏ, ତେବେ ତାକୁ ଏକ ଓଦା ସ୍ପଞ୍ଜ ବ୍ୟବହାର କରି ସଫା କରିପାରିବେ। ଚର୍ମ ସଂକ୍ରମଣ ଏବଂ ଏକଜିମାକୁ ରୋକିବା ପାଇଁ କାଖ, କହୁଣୀ,ଆଣ୍ଠୁ, ଜଙ୍ଘ ସନ୍ଧିକୁ ସଠିକ୍ ଭାବରେ ସଫା କରନ୍ତୁ।

ଶୀତଦିନେ ଆପଣ ଓଲିଭ୍ ତେଲ, ସୋରିଷ ତେଲ କିମ୍ବା ବାଦାମ ତେଲ ବ୍ୟବହାର କରିପାରିବେ। ଏହି ଋତୁରେ ନଡ଼ିଆ ତେଲକୁ ସର୍ବୋତ୍ତମ ବିକଳ୍ପ ଭାବରେ ବିବେଚନା କରାଯାଏ ନାହିଁ କାରଣ ଏହା ଚର୍ମର ଶୁଷ୍କତାକୁ ବୃଦ୍ଧି କରିପାରେ, ଏହା ଗ୍ରୀଷ୍ମ ଋତୁ ପାଇଁ ଅଧିକ ଉପଯୁକ୍ତ। ଯଦି ଆପଣଙ୍କ ପିଲାର ଓଠ ଫାଟିଥାଏ, ତେବେ ଆପଣ ପେଟ୍ରୋଲିୟମ୍ ଜେଲି କିମ୍ବା କ୍ଷୀର କ୍ରିମ୍ ବ୍ୟବହାର କରିପାରିବେ। ମନେରଖନ୍ତୁ ଯେ ଆପଣଙ୍କ ପିଲାମାନଙ୍କର ଚର୍ମ ଅଧିକ ସମ୍ବେଦନଶୀଳ ହୋଇଥିବାରୁ ସେମାନଙ୍କ ଉପରେ ଅଧିକ ଉତ୍ପାଦ ଲଗାନ୍ତୁ ନାହିଁ।

ସେମାନଙ୍କୁ ପ୍ରଚୁର ପାଣି ପିଇବାକୁ ଉତ୍ସାହିତ କରନ୍ତୁ, କାରଣ ଶୀତଦିନେ ସେମାନେ ଶୋଷ ଅନୁଭବ କରିପାରନ୍ତି ନାହିଁ।

ଜୀବାଣୁର ପ୍ରସାରକୁ ରୋକିବା ପାଇଁ ସାବୁନ ଏବଂ ଉଷୁମ ପାଣିରେ ହାତ ବାରମ୍ବାର ଧୋଇବା ଉଚିତ୍, ବିଶେଷକରି ଖାଦ୍ୟ ଖାଇବା ପୂର୍ବରୁ ଏବଂ କାଶିବା ତଥା ଛିଙ୍କିବା ପରେ। ଯଦି ପାଣି ଏବଂ ସାବୁନ ଉପଲବ୍ଧ ନାହିଁ, ତେବେ ସେମାନଙ୍କୁ ହ୍ୟାଣ୍ଡ ସାନିଟାଇଜର୍ ଦିଅନ୍ତୁ। ସେମାନଙ୍କର ଖେଳଣା, ପାଣି ବୋତଲ ଏବଂ ବାରମ୍ବାର ସ୍ପର୍ଶ କରାଯାଉଥିବା ଜିନିଷଗୁଡ଼ିକୁ ସଫା ଏବଂ ଜୀବାଣୁମୁକ୍ତ ରଖନ୍ତୁ।

ଜୀବାଣୁ ପ୍ରସାରକୁ ରୋକିବା ପାଇଁ ପିଲାମାନଙ୍କୁ ଟିସୁ ପେପର୍ ବା ରୁମାଲ୍‌ରେ କାଶିବା କିମ୍ବା ଛିଙ୍କିବାକୁ ଉତ୍ସାହିତ କରନ୍ତୁ।

ଭିଟାମିନ୍ ଏ, ସି, ଡି, ଏବଂ ଖଣିଜ ପଦାର୍ଥ ଯୁକ୍ତ ଖାଦ୍ୟତଥା ଫଳ, ପନିପରିବା ଇତ୍ୟାଦି ଖାଆନ୍ତୁ। ନିରନ୍ତର ଶକ୍ତି ପ୍ରଦାନ କରିବା ଏବଂ ପ୍ରତିରକ୍ଷା ପ୍ରଣାଳୀକୁ ସମର୍ଥନ କରିବା ପାଇଁ ଜଙ୍କ୍ ବା ଫାଷ୍ଟଫୁଡ୍ ସୀମିତ କରନ୍ତୁ। ସୁପ୍, ତାଜା ଫଳରସ ଏବଂ ହର୍ବାଲ୍ ଚା ଭଳି ଉଷୁମ ତରଳ ପଦାର୍ଥ, ଜଳୀୟ ଅଂଶ ଏବଂ ପ୍ରତିରକ୍ଷା ବୃଦ୍ଧି ପାଇଁ ଉତ୍ତମ।

କୋଠରୀର ତାପମାତ୍ରାକୁ ୨୨-୨୪°C କିମ୍ବା୭୨-୭୫°F ମଧ୍ୟରେ ରଖନ୍ତୁ ଏବଂ ହଠାତ୍ ତାପମାତ୍ରା ପରିବର୍ତ୍ତନକୁ ଏଡାନ୍ତୁ। କୋଠରୀର ତାପମାତ୍ରା ପିଲା ପାଇଁ ଆରାମଦାୟକ ହେବା ଉଚିତ୍ । ଯଦି ପିଲାଟି ବହୁତ ଛୋଟ (୧୮ ମାସରୁ କମ୍) ତା'ର ଅସ୍ୱସ୍ତି ପ୍ରକାଶ କରିବାକୁ ସକ୍ଷମ ନୁହେଁ, ତେବେ ଆପଣ ତାଙ୍କ ହାତ ଏବଂ ପାଦ ଛୁଇଁ ଥଣ୍ଡାଲାଗୁଛି କି ନାହିଁ ଅନୁଭବ କରନ୍ତୁ । ଯଦି ଶରୀରର ଏହି ଅଂଶଗୁଡ଼ିକ ଥଣ୍ଡା ଅନୁଭବ କରନ୍ତି, ତେବେ ଏହା ବୁଝାଏ ଯେ ଆପଣଙ୍କ ଶିଶୁ ମଧ୍ୟ ଥଣ୍ଡା ଅନୁଭବ କରୁଛି। ଏହି କ୍ଷେତ୍ରରେ, ଆପଣ କୋଠରୀର ତାପମାତ୍ରା ବୃଦ୍ଧି କରିପାରିବେ।

ବାୟୁରେ ଆର୍ଦ୍ରତା ଯୋଗ କରିବା ପାଇଁ ଗରମ କୋଠରୀରେ ଏକ ହ୍ୟୁମିଡିଫାଏର ବ୍ୟବହାର କରନ୍ତୁ କିମ୍ବା ପାଣିର ଏକ ବେସିନ୍ ରଖନ୍ତୁ, ପ୍ରତିଦିନ କିଛି ମିନିଟ୍ ପାଇଁ ଝରକା ଖୋଲନ୍ତୁ, ଯାହା ଦ୍ୱାରା ତାଜା ପବନ ଭିତରକୁ ପ୍ରବେଶ କରିପାରିବ। ଏହା ଶୁଷ୍କ ଚର୍ମ, ଓଠଫାଟିବା ଏବଂ ଶ୍ୱାସକ୍ରିୟା ଅସୁବିଧାକୁ ରୋକିବାରେ ସାହାଯ୍ୟ କରେ। ରାତିସାରା ହିଟର ବ୍ୟବହାରକରିବେ ନାହିଁ, ଯଦ୍ୱାରା କୋଠରୀ ଅଧିକ ଗରମ ହେବାର ଆଶଙ୍କା ଥାଏ ଏବଂ ପିଲାର ନାକ ଶୁଖିପାରେ। ସମସ୍ତ ଗରମ ଉପକରଣକୁ ଆପଣଙ୍କ ପିଲାର ପହଞ୍ଚିବାଠାରୁ ଦୂରରେ ରଖନ୍ତୁ। ଶୀତକାଳୀନ ରୋଗରୁ ରକ୍ଷା ପାଇଁ ଆପଣଙ୍କ ପିଲାର ସମସ୍ତ ଟୀକାକରଣ ଠିକ୍ ଅଛି କି ନାହିଁ ନିଶ୍ଚିତ କରନ୍ତୁ। ଆପଣଙ୍କ ପିଲାକୁ ସୁସ୍ଥ ଏବଂ ଖୁସି ରହିବାରେ ସାହାଯ୍ୟ କରିବା ପାଇଁ ଘର ଭିତରେ ଏବଂ ବାହାର ଶାରୀରିକ କାର୍ଯ୍ୟକଳାପକୁ ଉତ୍ସାହିତ କରନ୍ତୁ। ଉଷୁମ ତେଲରେ ଆପଣଙ୍କ ପିଲାକୁ ଧୀରେ ଧୀରେ ମାଲିସ କରିବା ଦ୍ୱାରା ଶରୀରର ରକ୍ତ ସଞ୍ଚାଳନ ଉନ୍ନତ ହୋଇପାରିବ।

ସ୍ତନ୍ୟପାନ ଆଣ୍ଟିବଡି ପ୍ରଦାନ କରେ ଏବଂ ନବଜାତ ଶିଶୁକୁ ଉଷ୍ମ ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରେ।

ଘର ଭିତରେ ଅଧିକ ସମୟ ବିତାଇବାର ଥିଲେ, କିପରି ନ ପଡିବେ, ସେଥିପ୍ରତିଦୃଷ୍ଟି ଦିଅନ୍ତୁ ।

ନିଶ୍ଚିତ କରନ୍ତୁ ଯେ ପିଲାମାନେ ସେମାନଙ୍କର ରୋଗ ପ୍ରତିରକ୍ଷା ପ୍ରଣାଳୀ ଏବଂ ସାମଗ୍ରିକ ସୁସ୍ଥତାକୁ ସମର୍ଥନ କରିବା ପାଇଁ ପର୍ଯ୍ୟାପ୍ତ ବିଶ୍ରାମ ଆବଶ୍ୟକ (ଦୈନିକ ୮-୧୦ଘଣ୍ଟା)।

ଆପଣଙ୍କ ପିଲାର ଶ୍ୱାସରୋଗ ଥିଲେ କିମ୍ବାନାକରୁ ପାଣି ବୋହିବା, କାଶତଥା ଜ୍ୱର ଇତ୍ୟାଦି ହେଲେ, ଶିଶୁ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରନ୍ତୁ । ସାମାନ୍ୟ ଅତିରିକ୍ତ ଯତ୍ନ ସହିତ ଶୀତଦିନ ଆପଣଙ୍କ ପିଲାମାନଙ୍କ ପାଇଁ ଆନନ୍ଦ ଏବଂ ସୁସ୍ଥତାର ଋତୁ ହୋଇପାରେ। ରୋଗ ପ୍ରତିରକ୍ଷା ବୃଦ୍ଧିକାରୀ ଅଭ୍ୟାସ, ଉଷ୍ମତା ଏବଂ ଉପଯୁକ୍ତ ପରିଚ୍ଛନ୍ନତା ଉପରେ ଧ୍ୟାନ ଦେଇ, ଆପଣ ନିଶ୍ଚିତ କରିପାରିବେ ଯେ, ସେମାନେ ଡାକ୍ତରଙ୍କ ପାଖକୁ ବାରମ୍ବାର ନଯାଇ ଋତୁକୁ ଉପଭୋଗ କରୁଛନ୍ତି। ଆସନ୍ତୁ ଶୀତଦିନକୁ ଭଲ ପାଇବା, କାରଣ ଏହା ପ୍ରତିଭାର ବସନ୍ତ।

# ପ୍ରାର୍ଥନାର ସ୍ୱରୂପ

ଅନ୍ନପୂର୍ଣ୍ଣା ପଣ୍ଡା
ଓ.ଶି.ସେ
ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ଏନ୍. ସି. ହାଇସ୍କୁଲ, ଭଦ୍ରକ

ଭଗବାନଙ୍କ ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ ଭାବେ ଅମାପ ବୁଦ୍ଧି, ଜ୍ଞାନ, ପ୍ରଜ୍ଞାଶକ୍ତିର ଅଧିକାରୀ। ପ୍ରକୃତି କୋଳରେ ଜନ୍ମ ନେଇ ପିତାମାତାଙ୍କୁ ଚିହ୍ନିବା ପରେ ସୂର୍ଯ୍ୟ, ଚନ୍ଦ୍ର, ଜଳ, ବାୟୁ, ଅଗ୍ନି ଇତ୍ୟାଦିର ସଂସ୍ପର୍ଶରେ ଆସି ସେ ବୁଝିପାରେ ଯେ ଏମାନଙ୍କ ବିନା ସମସ୍ତ ଜୀବଜଗତର ସ୍ଥିତି ଅସମ୍ଭବ। ଏମାନେ ପ୍ରତ୍ୟେକେ ପ୍ରଚଣ୍ଡ ଶକ୍ତିଶାଳୀ ଅଖଣ୍ଡ, ଅନନ୍ତ, ଅପରିସୀମ ଓ ପରିବ୍ୟାପ୍ତ। ଏମାନଙ୍କୁ ବାଦ୍ ଦେଇ ଜୀବନର ପରିକଳ୍ପନା ଅସମ୍ଭବ ଯେଉଥିପାଇଁ ଏମାନଙ୍କୁ କେଉଁ ପୁରାକାଳରୁ ମନୁଷ୍ୟ ଆରାଧ୍ୟ ଦେବତା ଭାବେ ପୂଜାଅର୍ଚ୍ଚନା କରି ଆସିଛି। କାଳକ୍ରମେ ସୃଷ୍ଟି, ସ୍ଥିତି ଓ ବିଲୟ ବିଷୟରେ ଚିନ୍ତା କରି ନାନା ଧାର୍ମିକ ସମ୍ପ୍ରଦାୟର ମନୁଷ୍ୟ କିଏ ଈଶ୍ୱରଙ୍କୁ କିଏ ଯୀଶୁଙ୍କୁ କିଏ ବା ଆଲ୍ଲାଙ୍କୁ ଆରାଧ୍ୟ ଭାବେ ଶ୍ରଦ୍ଧା ଓ ଭକ୍ତିରେ ବିଶ୍ୱାସ କରି ଆସୁଛନ୍ତି। ହିନ୍ଦୁମାନେ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କଲାବେଳେ, ଖ୍ରୀଷ୍ଟିୟାନମାନେ ଗୀର୍ଜାକୁ ଯାଇ ଅଭିଷ୍ଟ ପୂରଣ ପାଇଁ ଯୀଶୁଙ୍କୁ ପ୍ରାର୍ଥନା କରନ୍ତି, ମୁସଲିମ ଭାଇ ମସଜିଦ୍‌କୁ ଯାଇ ନମାଜ ପଢ଼ି ପ୍ରାର୍ଥନା କରେ। ଯିଏ ଯେଉଁଥିରେ ବିଶ୍ୱାସ କରୁନା କାହିଁକି ଯିଏ ଯେଉଁ ସମ୍ପ୍ରଦାୟର ହେଉନା କାହିଁକି ସମସ୍ତଙ୍କର ସେବା ଓ ଭକ୍ତି ଭାବନା ଥାଏ। ଈଶ୍ୱର ହୁଅନ୍ତୁ ବା ଆଲ୍ଲା ହୁଅନ୍ତୁ ବା ଯୀଶୁ ହୁଅନ୍ତୁ ଏମାନେ ସମସ୍ତେ ଆମର ପରମପିତା ଓ ଆମେମାନେ ଏମାନଙ୍କର ସନ୍ତାନ ସଦୃଶ। ଏମାନେ ଆମ ହୃଦୟରେ ଥା'ନ୍ତି। ଆମ ଅଜାଣତରେ ସେମାନଙ୍କୁ ପ୍ରେମ ବାଣୀରେ ଆମେ ଉଦ୍‌ବୁଦ୍ଧ ହେଉ ଓ ସତ୍ ବାଟରେ ଚାଲୁ। ତାଙ୍କୁ ବିଶ୍ୱାସ କରି ଶୁଦ୍ଧପୂତ ଭାବେ ନିରାଜନା କରୁ ଯାହାକୁ ଆମେ ପ୍ରାର୍ଥନା ଭାବେ ବିଶ୍ୱାସ କରୁ। କେତେକ ନିର୍ବାଚିତ ଶବ୍ଦକୁ ନେଇ ଗୀତ ଭାବେ ଗାଇ ହୁଏ, କିନ୍ତୁ ପ୍ରାର୍ଥନା ହୁଏ ନାହିଁ। ପ୍ରାର୍ଥନା ହୃଦୟର ନିସୃତ ବାଣୀ, ପ୍ରଗାଢ଼ ଶ୍ରଦ୍ଧା ଭକ୍ତିରେ ପ୍ରାର୍ଥନା ହୁଏ। ପ୍ରାର୍ଥନା ଯୋଗୁ ମନରେ ପ୍ରେରଣା ଜାତ ହୁଏ, ପ୍ରାର୍ଥନା ଅନ୍ତଃକରଣ ଭୂମିରେ ଶୁଭ ଗୁଣର ବୀଜ ବପନ ସଦୃଶ।

ପ୍ରଭାତରେ ପ୍ରାର୍ଥନା ସମଗ୍ର ଦିନଚର୍ଯ୍ୟାକୁ ଶୃଙ୍ଖଳିତ କରେ। ପ୍ରାର୍ଥନା ଗୀତ, ଛାନ୍ଦ, ନାଚ କୀର୍ତ୍ତନରେ ନଥାଏ ବରଂ ଥାଏ ସମ୍ପୂର୍ଣ୍ଣ ସମର୍ପଣ ଭାବରେ। ବୁଦ୍ଧିକୁ ପବିତ୍ର ଶୁଦ୍ଧ କରିବାରେ ଥାଏ ପ୍ରାର୍ଥନା। ତେଣୁ ପ୍ରଭୁଙ୍କୁ ଆମେ -

"ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୁମାଂ ଅମୃତଂ ଗମୟ"

ଅର୍ଥାତ୍ ଅସତ୍‌ରୁ ସତ୍ ଅଜ୍ଞାନ ଅନ୍ଧକାରରୁ ଜ୍ଞାନ ପ୍ରକାଶ ଓ ମୃତ୍ୟୁରୁ ଅମୃତ ପାଇଁ ପ୍ରାର୍ଥନା କରିଥାଉ। ଈଶ୍ୱର ଏଠି ସେଠି ସବୁଠି ଥାନ୍ତି। ତାଙ୍କ ନିର୍ଦ୍ଦେଶରେ ସବୁ କିଛି ସମାହିତ ହୋଇଥାଏ। ଆମକୁ ଭାବିବାକୁ ହେବ ଯେ ଆମେ ଭୁଲ କଲେ ତାଙ୍କୁ କଷ୍ଟ ହେବ। ଭକ୍ତି ଭାବ ଓ ସମର୍ପଣ ଭାବ ପ୍ରକୃତ ପୂଜାର ମାର୍ଗ ଦେଖାଏ। ତାହାହିଁ ପୂଜା, ଯାହା ଜଗତର କଲ୍ୟାଣ ସାଧନ କରେ। ପରମାତ୍ମା ସର୍ବବ୍ୟାପୀ ତାଙ୍କର ଅସ୍ତିତ୍ୱ ପ୍ରତିଟି ବସ୍ତୁରେ ନିହିତ। ଆଖି କାନ ନ ଥାଇ ବି ଆମର ଦୃଷ୍ଟି ଅନ୍ତରାଳରେ ସେ ସବୁ ଦେଖନ୍ତି ଓ ଶୁଣନ୍ତି। ଆମ ଚିନ୍ତାଧାରାରେ କିଛି ପାପ ଅର୍ଜନ କରି ପ୍ରାର୍ଥନା କଲେ ଭାବୁ ପାପ ଦୂର ହୋଇଯାଏ। ପରମାତ୍ମା କିନ୍ତୁ ତାହା କରନ୍ତି ନାହିଁ ନା ପାପ ନା ପୂଣ୍ୟକୁ ସେ ଗ୍ରହଣ କରନ୍ତି। ପ୍ରାର୍ଥନା ଯୋଗୁଁ ଗୁଣ ଓ କର୍ମରେ ପରିବର୍ତ୍ତନ ହୁଏ ମନୁଷ୍ୟ ସତ୍‌ମାର୍ଗରେ ଗତି କରେ। ସତ୍ ମାର୍ଗରେ ଉତ୍ସାହ ଓ ସହାୟତା ପ୍ରଭୁ ଦେଇଥାନ୍ତି। ନିତ୍ୟ ପ୍ରତି ପ୍ରାର୍ଥନା କଲେ ଆମର ଜ୍ଞାନ ବିଜ୍ଞାନରେ ଉନ୍ନତି ହୁଏ। ଦୁଃଖ ଅବିଦ୍ୟା କ୍ଳେଶ ଆଦି ନଷ୍ଟ ହୋଇ ଆମର ବାସ୍ତବ ଈଶ୍ୱର ପ୍ରାପ୍ତି ସମ୍ଭବ ହୁଏ।

ଏ ସଂସାର ବିଶାଳ, ଏକ ଅଦୃଶ୍ୟ ଶକ୍ତି ଦ୍ୱାରା ପରିଚାଳିତ। ହିନ୍ଦୁମାନେ ଶକ୍ତିର ସ୍ୱରୂପ ଭାବେ ଦେବୀଶକ୍ତି, ଆଦ୍ୟାଶକ୍ତି ମହାମାୟା ଇତ୍ୟାଦିର ବିଶ୍ୱାସ କରନ୍ତି। ମନୁ ସଂହିତା ଅନୁସାରେ ଏକ ସମୟ ଥିଲା ଯେତେବେଳେ ଚାରିଆଡ଼େ ଅନ୍ଧକାରାଚ୍ଛନ୍ନ ଥିଲା ନା ଥିଲା ରାତି ନା ଦିବସ। ଭାରତୀୟ ଶାକ୍ତଶାସ୍ତ୍ର ଅନୁସାରେ କେବଳ ଆଦ୍ୟାଶକ୍ତି ମହାମାୟା ଥିଲେ। ସେ ହେଉଛନ୍ତି ବିଶ୍ୱର ଆଦ୍ୟାଶକ୍ତି ବିଶ୍ୱ ପ୍ରସବିନୀ ଓ ବିଶ୍ୱ ସଂହାରିଣୀ, ଭାରତୀୟ ଦର୍ଶନ ଅନୁସାରେ ସେ କେତେବେଳେ ଅସୁରମର୍ଦ୍ଦିନୀ, ଦୁର୍ଗତିନାଶିନୀ ଦୁର୍ଗା ରୂପେ ତ କେତେବେଳେ ନୃମୁଣ୍ଡମାଳିନୀ ପ୍ରଳୟ କାରିଣୀ କାଳୀ ରୂପେ ପୁନଶ୍ଚ କେତେବେଳେ ଚିରଯୌବନା ଗୌରୀ ରୂପେ ଆବିର୍ଭୂତା ହୁଅନ୍ତି। ଶାରଦୀୟ ଶୁଭ ଅବସରରେ ଦେବୀ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରାଯାଏ। ପରେ ପରେ ମହାସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀଙ୍କ ସମାହାରରେ ମା'କାଳୀଙ୍କୁ ପୂଜାର୍ଚ୍ଚନା କରାଯାଏ। ଆଜିର ଯୁଗରେ ମନୁଷ୍ୟ ନିଜ ସ୍ୱାର୍ଥ ପାଇଁ ବିଶାଳ ପରିବ୍ୟାପ୍ତ ଶକ୍ତିର ଉତ୍ସ ପରାଶକ୍ତିକୁ ବଳି ଭୋଗ ଦ୍ୱାରା ସନ୍ତୁଷ୍ଟ କରିବାର ଯେଉଁ ଚିନ୍ତନ, ତାହାକୁ ପରିହାର କରି ଅତି ନିଷ୍ଠା ଓ ଭକ୍ତିର ସହିତ ପ୍ରାର୍ଥନା କରିପାରିଲେ ଦେବୀ ସନ୍ତୁଷ୍ଟା ହୋଇ କେବଳ ଆମକୁ ନୁହେଁ ବରଂ ଆମର ଏକନିଷ୍ଠ ପ୍ରାର୍ଥନାରେ ଜଗତର କଲ୍ୟାଣ ପାଇଁ ଆଶୀର୍ବାଦ ବର୍ଷିବେ। ଏଣୁ ପ୍ରତିକାତ୍ମକ ଭାବରେ ଯୁଗଯୁଗ ଧରି ସତ୍ୟ ଜ୍ଞାନ ଶକ୍ତି ଆନନ୍ଦମୟୀ ଦୁର୍ଗା ବା କାଳୀଙ୍କୁ ଅଧିଷ୍ଠିତ କରି ସକଳ ଅଜ୍ଞାନ ହିଂସା ପାଶବିକତା ରୂପି ଅସୁରମାନଙ୍କୁ ବିନାଶ କରିବା ପାଇଁ ଶକ୍ତିଙ୍କର ଆରାଧନା କରାହୋଇ ଆସୁଅଛି। ଏପରି ଶୁଭ ଲଗ୍ନରେ ମହାମାୟା ମହାଶକ୍ତି ସଂହାରକାରିଣୀ ମା'କାଳୀ ଦୁଷ୍ଟଙ୍କୁ ଦମନ ପୂର୍ବକ ସାଧୁସନ୍ଥ ସଜ୍ଜନଙ୍କୁ ଶାନ୍ତିରେ ଜୀବନ ନିର୍ବାହ କରିବା ପାଇଁ ଆଶୀର୍ବାଦ କରନ୍ତୁ, ଏହାହିଁ ଜଗତ କଲ୍ୟାଣକାରିଣୀ ଶକ୍ତିସ୍ୱରୂପିଣୀ ମା'କାଳୀଙ୍କ ଠାରେ ପ୍ରାର୍ଥନା।

# ଭାରତର ବର୍ତ୍ତମାନର ସ୍ଥିତି : ଆହ୍ୱାନ ଏବଂ ସୁଯୋଗ (୩)



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଅର୍ଥନୀତିକୁ ଆଗକୁ ନେବାରେ ସାହାଯ୍ୟ କରୁଛି। ତେବେ, ଏହି ଅଭିବୃଦ୍ଧି ସତ୍ତ୍ୱେ, ଦେଶ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଛି। କୃଷି କ୍ଷେତ୍ର, ଯାହା ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଏବେ ମଧ୍ୟ ଅନେକ ସମସ୍ୟା ଦେଇ ଗତି କରୁଛି। ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ଅବକ୍ଷୟ, ଜଳର ଅଭାବ ଏବଂ ବଜାର ସୁବିଧାର ଅଭାବ ଚାଷୀଙ୍କ ପାଇଁ ମୁଖ୍ୟ ଆହ୍ୱାନ ହୋଇ ରହିଛି। ଅନେକ ସ୍ଥାନରେ ଚାଷୀମାନେ ସାର ପାଇଁ ସଂଘର୍ଷ କରୁଛନ୍ତି। ଓଡିଶା ଭଳି ରାଜ୍ୟରେ ଜମିର କ୍ଷୁଦ୍ରୀକରଣ ଏକ ପ୍ରମୁଖ ସମସ୍ୟା, ଯେଉଁଠାରେ ୯୩% ଚାଷୀଙ୍କର ୨ ହେକ୍ଟରରୁ କମ୍ ଜମି ଅଛି। ଏହିସବୁ କାରଣରୁ ଚାଷୀମାନେ ସେମାନଙ୍କ ଉତ୍ପାଦର ଉଚିତ୍ ମୂଲ୍ୟ ପାଇବାରେ ଅସୁବିଧା ଭୋଗୁଛନ୍ତି। ନିଯୁକ୍ତି ସୁଯୋଗ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ସରକାରୀ ରିପୋର୍ଟ ଅନୁଯାୟୀ, ବେକାରୀ ହାର ହ୍ରାସ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ଏବଂ ଶ୍ରମ ବଜାରରେ ଏକ ସକାରାତ୍ମକ ପରିବର୍ତ୍ତନ ଦେଖାଯାଉଛି। ଅଗଷ୍ଟ ୨୦୨୫ ସୁଦ୍ଧା ସର୍ବଭାରତୀୟ ବେକାରୀ ହାର ୫.୧%କୁ ଖସି ଆସିଛି। ତଥାପି, ଯୁବବର୍ଗଙ୍କ ମଧ୍ୟରେ ବେକାରୀ ହାର (୧୫-୨୯ ବୟସ୍କ) ଏବେ ବି ଅଧିକ ରହିଛି (ପ୍ରାୟ ୧୪.୬%), ଯାହା ଦକ୍ଷତାର ଅଭାବ (Skill mismatch)କୁ ସୂଚାଉଛି। ଉଚ୍ଚଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ମଧ୍ୟ ବେକାରୀ ଏକ ସମସ୍ୟା। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମିରେ ଉନ୍ନତି ପାଇଁ ଉଦ୍ୟମ ଜାରି ରହିଛି। ଓଡିଶା ସରକାର ୪ଟି ନୂଆ ମେଡିକାଲ କଲେଜ କଲେଜ ପ୍ରତିଷ୍ଠା ଏବଂ ଥିବା ଡାକ୍ତରଖାନା ଗୁଡିକରେ ଉନ୍ନତିକରଣ ପାଇଁ ଘୋଷଣା କରିଛନ୍ତି। ତଥାପି, ଦେଶବ୍ୟାପୀ ସ୍ୱାସ୍ଥ୍ୟ ସଚେତନତାର ଅଭାବ, ସ୍ୱାସ୍ଥ୍ୟସେବାର ସୁପହଞ୍ଚ, ଡାକ୍ତରୀ କର୍ମଚାରୀଙ୍କ ଏବଂ ସ୍ୱାସ୍ଥ୍ୟସେବା ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବା ଭଳି ଆହ୍ୱାନ ରହିଛି। ସରକାରେ ଆୟୁଷ୍ମାନ ଭାରତ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକ ଲୋକଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇବାକୁ ଚେଷ୍ଟା କରୁଛନ୍ତି। ଜଳବାୟୁ ପରିବର୍ତ୍ତନ ଭାରତ ପାଇଁ ଏକ ବଡ ବିପଦ। ଓଡିଶା ଭଳି ଉପକୂଳବର୍ତ୍ତୀ ରାଜ୍ୟ ବାତ୍ୟା, ବନ୍ୟା ଏବଂ ଗ୍ରୀଷ୍ମ ପ୍ରବାହ ଭଳି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛି। ତାପମାତ୍ରା ବୃଦ୍ଧି, ସମୁଦ୍ର ପତନ ବୃଦ୍ଧି ଏବଂ ଅନିୟମିତ ପାଣିପାଗ ଖାଦ୍ୟ ଉତ୍ପାଦନକୁ ପ୍ରଭାବିତ କରୁଛି। ଏହାକୁ ମୁକାବିଲା କରିବା ପାଇଁ ଓଡିଶା ଭାରତର ପ୍ରଥମ ରାଜ୍ୟ ଭାବରେ ଜଳବାୟୁ ପରିବର୍ତ୍ତନ ଉପରେ ଏକ ରାଜ୍ୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଛି। ସରକାର ବିପର୍ଯ୍ୟୟ ପରିଚାଳନା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରୁଛନ୍ତି। ରାଜନୈତିକ କ୍ଷେତ୍ରରେ, ଜାତିଗତ ରାଜନୀତି ଏବଂ ଆଞ୍ଚଳିକ ପରିଚୟ (ଓଡିଆ ଅସ୍ମିତା) ଭଳି ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସରକାରଙ୍କ ବିଭିନ୍ନ ନୀତିର ସଫଳ କାର୍ଯ୍ୟକାରିତା ଉପରେ ଦେଶର ଭବିଷ୍ୟତ ନିର୍ଭର କରେ। ମିଳିତ ପ୍ରୟାସ, ଦୃଢ ରାଜନୈତିକ ଇଚ୍ଛାଶକ୍ତି ଏବଂ ସାମାଜିକ ସଚେତନତା ମାଧ୍ୟମରେ ଭାରତ ଏହାର ସମସ୍ତ ଆହ୍ୱାନକୁ ଅତିକ୍ରମ କରି ଏକ ବିକଶିତ ରାଷ୍ଟ୍ର ଭାବରେ ଉଭା ହେବାର ସମ୍ଭାବନା ରହିଛି।

ବୈଦେଶିକ ସମ୍ପର୍କ ... ବର୍ତ୍ତମାନ ଭାରତ ବିଶ୍ୱସ୍ତରରେ ଏକ ପ୍ରମୁଖ ଶକ୍ତି ଭାବରେ ନିଜର ସ୍ଥିତିକୁ ଦୃଢ଼ କରୁଛି। ଭାରତର ବୈଦେଶିକ ନୀତି ଏହାର ସାର୍ବଭୌମତ୍ୱ, ଆଂଚଳିକ ଅଖଣ୍ଡତା ଏବଂ ଜାତୀୟ ସ୍ୱାର୍ଥର ସୁରକ୍ଷା ଉପରେ ଆଧାରିତ। ଭାରତ ଆମେରିକା, ଋଷ, ୟୁରୋପୀୟ ୟୁନିଅନ୍ ଏବଂ ମଧ୍ୟପ୍ରାଚ୍ୟ ଦେଶମାନଙ୍କ ସହିତ ଉତ୍ତମ ଏବଂ କ୍ରମବର୍ଦ୍ଧିଷ୍ଣୁ ସମ୍ପର୍କ ବଜାୟ ରଖିଛି। ଭାରତ ବିଭିନ୍ନ ଆନ୍ତର୍ଜାତୀୟ ମଂଚଳରେ ସକ୍ରିୟ ଅଂଶଗ୍ରହଣ କରୁଛି। 'କ୍ୱାଡ' (IQUAD-Quadrilaterral Security Dialogue) , ବ୍ରିକ୍ସ' (BRICS), ଏ୨୦ ଏବଂ ସାଂଘାଇ କୋଅପରେସନ୍ ଅର୍ଗାନାଇଜେସନ୍' (SCO) ଭଳି ସଂଗଠନରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ମଂଚଗୁଡିକ ମାଧ୍ୟମରେ ଭାରତ ବିଶ୍ୱ ଶାନ୍ତି, ନିରାପତ୍ତା ଏବଂ ଅର୍ଥନୈତିକ ସହଯୋଗ ପାଇଁ କାର୍ଯ୍ୟ କରୁଛି। ତେବେ, ପଡୋଶୀ ଦେଶମାନଙ୍କ ସହିତ ସମ୍ପର୍କ କିଛି ମାତ୍ରାରେ ଜଟିଳ ରହିଛି। ପାକିସ୍ତାନ ସହିତ ସୀମାପର ଆତଙ୍କବାଦ ଏବଂ କାଶ୍ମୀର ପ୍ରସଙ୍ଗରେ ତିକ୍ତତା ଲାଗି ରହିଛି। ଚୀନ ସହିତ ପୂର୍ବ ଲଦାଖ ଏବଂ ଅରୁଣାଚଳ ପ୍ରଦେଶ ସୀମାରେ ବିବାଦ ଏବେ ମଧ୍ୟ ସମ୍ପୂର୍ଣ୍ଣ ସମାଧାନ ହୋଇନାହିଁ। ଏହିସବୁ ଆହ୍ୱାନ ସତ୍ତ୍ୱେ ଭାରତ ନିଜର କୂଟନୈତିକ କ୍ଷମତା ପ୍ରୟୋଗ କରି ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରଖିଛି। 'ପଡୋଶୀ ପ୍ରଥମ' (Neighbourhood First) ନୀତି ଅନୁସରଣ କରି ଭାରତ ଏହାର ପଡୋଶୀ ଦେଶମାନଙ୍କ ସହିତ ସମ୍ପର୍କ ସୁଦୃଢ କରିବାକୁ ଚେଷ୍ଟା କରୁଛି।

କ୍ରୀଡା କ୍ଷେତ୍ର (Sports Sector) :

ଭାରତରେ କ୍ରିକେଟ୍ ସବୁଠାରୁ ଲୋକପ୍ରିୟ ଖେଳ ହୋଇଥିବାବେଳେ, ଅନ୍ୟାନ୍ୟ କ୍ରୀଡାର ବିକାଶ ପାଇଁ ମଧ୍ୟ ଅନେକ ପଦକ୍ଷେପ ନିଆଯାଉଛି। ୨୦୨୪ ପ୍ୟାରିସ୍ ଅଲମ୍ପିକ୍ସରେ ଭାରତୀୟ ଆଥଲେଟମାନେ ଭଲ ପ୍ରଦର୍ଶନ କରିଥିଲେ ଏବଂ ଅଲମ୍ପିକ୍ସ ଇତିହାସରେ ସର୍ବାଧିକ ପଦକ (୬ଟି) ହାସଲ କରି ରେକର୍ଡ ସୃଷ୍ଟି କରିଥିଲେ। ଏଥିରେ ଜାଭଲିନ୍ ଫିଙ୍ଗାରେ ନୀରଜ ଚୋପ୍ରାଙ୍କ ରୌପ୍ୟ ପଦକ ଏକ ପ୍ରମୁଖ ସଫଳତା ଥିଲା। ସରକାର କ୍ରୀଡା ଭିତ୍ତିଭୂମିର ଉନ୍ନତି ପାଇଁ 'ଖେଲୋ ଇଣ୍ଡିଆ' (Khelo India) କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ଯୋଜନାର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରଶିକ୍ଷଣ ଦେବ। ଏହା ବ୍ୟତୀତ, କ୍ରୀଡା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, କ୍ରୀଡାବିତମାନଙ୍କୁ ଆର୍ଥିକ ସହାୟତା ଏବଂ ଅତ୍ୟାଧୁନିକ ତାଲିମ କେନ୍ଦ୍ର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରାଯାଉଛି। କ୍ରୀଡା କ୍ଷେତ୍ରରେ ଘରୋଇ ଲିଗ୍ (ଯଥା: ଇଣ୍ଡିଆନ ପ୍ରିମିୟର ଲିଗ୍-IPL, ଇଣ୍ଡିଆନ ସୁପର ଲିଗ୍ - ISL ଫୁଟବଲ)ର ଆୟୋଜନ ଖେଳାଳି ଏବଂ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିବାରେ ସାହାଯ୍ୟ କରିଛି। ତେବେ, କ୍ରୀଡା ସଂଘଗୁଡିକର ପରିଚାଳନାରେ ସ୍ୱଚ୍ଛତା ଏବଂ ପ୍ରତିଭାବାନ ଖେଳାଳିଙ୍କୁ ସୁଯୋଗ ଦେବାରେ ନିରପେକ୍ଷତା ଆହୁରି ଉନ୍ନତ ହେବାର ଆବଶ୍ୟକତା ରହିଛି। ଭାରତ ୨୦୩୬ ଅଲମ୍ପିକ୍ସ ଆୟୋଜନ କରିବାକୁ ଆଗ୍ରହ ପ୍ରକାଶ କରିଛି, ଯାହା ଦେଶର କ୍ରୀଡା ଭିତ୍ତିଭୂମିକୁ ଆହୁରି ଉନ୍ନତ କରିବାରେ ସହାୟକ ହେବ।

ଭାରତର ବୈଦେଶିକ ସମ୍ପର୍କ ଏବଂ କ୍ରୀଡା କ୍ଷେତ୍ରରେ ବର୍ତ୍ତମାନର ସ୍ଥିତି:

ବୈଦେଶିକ ସମ୍ପର୍କ : ଭାରତ ଏକ ପ୍ରମୁଖ ବିଶ୍ୱ ଶକ୍ତି ଭାବରେ ନିଜର ବୈଦେଶିକ ସମ୍ପର୍କକୁ ସୁଦୃଢ଼ କରିବାରେ ଲାଗିଛି। ଏହାର ବୈଦେଶିକ ନୀତି ବହୁମୁଖୀ ଏବଂ ଏହା ବିଶ୍ୱର ଅନେକ ଦେଶ ସହିତ ଘନିଷ୍ଠ ରଣନୈତିକ ତଥା ସାମରିକ ସମ୍ପର୍କ ବଜାୟ ରଖିଛି। ଯୁକ୍ତରାଷ୍ଟ୍ର ଆମେରିକା, ଋଷିଆ, ଫ୍ରାନ୍ସ, ଇସ୍ରାଏଲ ଏବଂ ୟୁଏଇ ଭଳି ଦେଶମାନଙ୍କୁ ଭାରତର ଅତି ଘନିଷ୍ଠ ସହଯୋଗୀ ଭାବରେ ବିବେଚନା କରାଯାଏ। ଭାରତ ବିଭିନ୍ନ ଆନ୍ତର୍ଜାତୀୟ ମଂଚ, ଯେପରିକି ଏ୨୦, BRICS & QUADରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛି। ୨୦୨୫ ମସିହାରେ, ଭାରତ BRICSର ଅଧକ୍ଷତା ଗ୍ରହଣ କରିବାର ଯୋଜନା ରହିଛି ଏବଂ ଏହାର ଏଜେଣ୍ଡାରେ ବିଶ୍ୱସ୍ତରୀୟ ଦକ୍ଷିଣ (Global South) ଦେଶଗୁଡିକୁ ପ୍ରାଥମିକତା ଦେବାକୁ ଲକ୍ଷ୍ୟ ରଖିଛି। ସିଙ୍ଗାପୁର ସହିତ ଭାରତର ୬୦ବର୍ଷର କୂଟନୈତିକ ସମ୍ପର୍କ ପୂର୍ତ୍ତି ଅବସରରେ ବ୍ୟବସାୟିକ ସହଯୋଗ ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ପଡୋଶୀ ଦେଶମାନଙ୍କ ସହିତ ସମ୍ପର୍କ ଜଟିଳ ରହିଛି। ଚୀନ ସହିତ ସୀମା ବିବାଦ ସତ୍ତ୍ୱେ, ଉଭୟ ଦେଶ ମଧ୍ୟରେ କୂଟନୈତିକ ସ୍ତରରେ ଆଲୋଚନା ଜାରି ରହିଛି ଏବଂ ଅକ୍ଟୋବର ୨୦୨୪ରେ ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ଏକ ଚୁକ୍ତି ହୋଇଥିଲା। ତେବେ, ଚୀନର ନୂତନ ରେଳ ପ୍ରକଳ୍ପ ଯୋଗୁଁ ଚିନ୍ତା ବଢ଼ିଛି। ପାକିସ୍ତାନ ସହିତ ସମ୍ପର୍କରେ ଉତଥାନ୍ -ପତନ ଲାଗି ରହିଛି, କିନ୍ତୁ କ୍ରିକେଟ୍ କୂଟନୀତି (cricket diplomacy) ଭଳି ପଦକ୍ଷେପ ମାଧ୍ୟମରେ ଉତ୍ତେଜନା ହ୍ରାସ କରିବାକୁ ଅନେକ ସମୟରେ ପ୍ରୟାସ କରାଯାଇଛି।

କ୍ରୀଡା କ୍ଷେତ୍ର: ଭାରତରେ କ୍ରୀଡା କ୍ଷେତ୍ରର ବିକାଶ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଖେଲୋ ଇଣ୍ଡିଆ (Khelo India) କାର୍ଯ୍ୟକ୍ରମ ଏବଂ ଟାର୍କେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍ (TOPS) ମାଧ୍ୟମରେ ପ୍ରତିଭାବାନ ଆଥଲେଟମାନଙ୍କୁ ଚିହ୍ନଟ କରାଯାଉଛି ଏବଂ ଆବଶ୍ୟକୀୟ ପ୍ରଶିକ୍ଷଣ ତଥା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏହି ଯୋଜନାଗୁଡିକ ଫଳରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ସର୍ବଶ୍ରେଷ୍ଠ ପଦକ ହାସଲ କରିପାରିଥିଲା। ୨୦୨୫ ମସିହାରେ ଭାରତୀୟ କ୍ରୀଡାବିତମାନେ ସ୍ୱତନ୍ତ୍ର ଅଲିମ୍ପିକ୍ସ ବିଶ୍ୱ ଶୀତକାଳୀନ କ୍ରୀଡାରେ ୮ଟି ସ୍ୱର୍ଣ୍ଣ ସମେତ ମୋଟ ୩୩ଟି ପଦକ ଜିତି ସର୍ବକାଳୀନ କେରର୍ଡ କରିଛନ୍ତି। ଅଲିମ୍ପିକ୍ସ ପଦକ ବିଜେତା ସ୍ୱପ୍ନିଲ କୁସାଲେଙ୍କ ଭଳି ଆଥଲେଟମାନେ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଲକ୍ଷ୍ୟ ରଖିଛନ୍ତି। କ୍ରିକେଟ ଭାରତରେ ଏକ ଜନପ୍ରିୟ ଖେଳ ଏବଂ ଇଣ୍ଡିଆନ ପ୍ରିମିୟମ ଲିଗ୍ (IPL)ବିଶ୍ୱର ଦ୍ୱିତୀୟ ସର୍ବଶ୍ରେଷ୍ଠ ଧନୀ କ୍ରୀଡା ଫ୍ରାଞ୍ଚାଇଜ୍ ଭାବରେ ଉଭା ହୋଇଛି ଯାହା ଭାରତର ସଫ୍ଟ ପାୱାର (Soft power) କୁ ପ୍ରଦର୍ଶିତ କରୁଛି। ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବା ପାଇଁ ଭାରତ ବିଡ୍ କରିବାକୁ ଯୋଜନା କରୁଛି। କ୍ରୀଡା କୂଟନୀତିରେ ମଧ୍ୟ ଭାରି ଅଗ୍ରଣୀ ଭୂମିକା ଗ୍ରହଣ କରିଛି, ଯେପରିକି ଆଫଗାନିସ୍ତାନ କ୍ରିକେଟ ଦଳକୁ ନିଜର ଘରୋଇ ଗ୍ରାଉଣ୍ଡ ବ୍ୟବହାର କରିବାକୁ ଦେବା। ଭାରତ ବର୍ତ୍ତମାନ ଏକ 'ମହାଶକ୍ତି' (Superpower) ଭାବରେ ପରିଗଣିତ ହୋଇନାହିଁ, କିନ୍ତୁ ଏହା ଦ୍ରୁତ ଗତିରେ ଏକ ପ୍ରମୁଖ ବିଶ୍ୱ ଶକ୍ତି ଭାବରେ ଉଭା ହେଉଛି। ଅନେକ ବିଶେଷଜ୍ଞ ଏବଂ ଆନ୍ତର୍ଜାତୀୟ ସଂସ୍ଥା ଭବିଷ୍ୟତରେ ଭାରତ ଏକ ମହାଶକ୍ତି ହେବାର ସମ୍ଭାବନା ରହିଛି ବୋଲି ଆକଳନ କରୁଛନ୍ତି।

ଭାରତର ଶକ୍ତିଶାଳୀ ଦିଗଗୁଡିକ :

ଅର୍ଥନୀତି : ଭାରତର ଅର୍ଥନୀତି ବିଶ୍ୱର ୫ମ ବୃହତମ ଅର୍ଥନୀତି ଏବଂ ଏହା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହାର ବର୍ଦ୍ଧିଷ୍ଣୁ ବଜାର ଏବଂ ଆର୍ଥିକ ସ୍ଥିରତା ମହାଶକ୍ତି ହେବାର ଏକ ମୁଖ୍ୟ ସୂଚକ।

ଜନସଂଖ୍ୟା : ଭାରତ ବିଶ୍ୱର ସବୁଠାରୁ ଜନବହୁଳ ଦେଶ ଏବଂ ଏଠାରେ ଯୁବକମାନଙ୍କ ସଂଖ୍ୟା ଅଧିକ । ଏହି ଜନସାଂଖ୍ୟିକ ଲାଭାଂଶ (demographic dividend) ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅନେକ ସୁଯୋଗ ସୃଷ୍ଟି କରୁଛି।

ସାମରିକ ଶକ୍ତି : ଭାରତ ପାଖରେ ବିଶ୍ୱର ଚତୁର୍ଥ ସର୍ବବୃହତ ସେନା ବାହିନୀ ଅଛି। ଏହାର ପ୍ରତିରକ୍ଷା କ୍ଷମତା, ପରମାଣୁ ଅସ୍ତ୍ରଶସ୍ତ୍ର ଏବଂ ମହାକାଶ ଗବେଷଣା (SRO)କ୍ଷେତ୍ରରେ ସଫଳତା ଏହାକୁ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ପ୍ରତିଷ୍ଠିତ କରିଛି।

ଗଣତନ୍ତ୍ର ଏବଂ ସଫ୍ଟ ପାୱାର : ଭାରତ ବିଶ୍ୱର ସର୍ବବୃତ ଗଣତନ୍ତ୍ର ଏବଂ ଏହାର ସାଂସ୍କୃତିକ ପ୍ରଭାବ ଯୋଗ, ଆୟୁର୍ବେଦ, ଏବଂ ବଲିଉଡ ମାଧ୍ୟମରେ ବିଶ୍ୱ ସ୍ତରରେ ସଫ୍ଟ ପାୱାର ବିସ୍ତାର କରୁଛି।

ବୈଦେଶିକ ନୀତି : ଭାରତର ସକ୍ରିୟ ଏବଂ ସ୍ୱାଧୀନ ବୈଦେଶିକ ନୀତି ଏହାକୁ ଆନ୍ତର୍ଜାତୀୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଛି।

ଆହ୍ୱାନଗୁଡିକ :

ଦାରିଦ୍ର୍ୟ ଏବଂ ଅସମାନତା : ଦେଶରେ ଦାରିଦ୍ର୍ୟ ଏବଂ ଆୟର ଅସମାନତା ଏବେ ବି ଏକ ବଡ ସମସ୍ୟା।

ଭିତ୍ତିଭୂମି : ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ପରିବହନ କ୍ଷେତ୍ରରେ ଭିତ୍ତିଭୂମିର ଆହୁରି ଉନ୍ନତି ଆବଶ୍ୟକ।

ପ୍ରଶାସନିକ ସମସ୍ୟା : ଦୂର୍ନୀତି ଏବଂ ପ୍ରଶାସନିକ ଜଟିଳତା ବିକାଶ ପଥରେ ବାଧକ ସାଜୁଛି। ବର୍ତ୍ତମାନର ସ୍ଥିତିରେ, ଭାରତ ଏକ ଉଦୀୟମାନ ମହାଶକ୍ତି (emerging superpower) ଏବଂ ଆଗାମୀ ଦଶନ୍ଧି ମଧ୍ୟରେ ଏକ ପୂର୍ଣ୍ଣାଙ୍ଗ ମହାଶକ୍ତି ହେବାର ସମ୍ଭାବନା ଦେଖାଯାଉଛି। ଭାରତ ବର୍ତ୍ତମାନ ଏକ ଉଦାୟମାନ ମହାଶକ୍ତି ଭାବରେ ପରିଗଣିତ ହେଉଛି, କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ମହାଶକ୍ତି (superpower) ର ମାନ୍ୟତା ମିଳିନାହିଁ। ବିଶେଷଜ୍ଞମାନଙ୍କ ମତରେ ୨୦୪୭ କିମ୍ବା ଶତାବ୍ଦୀର ଶେଷ ସୁଦ୍ଧା ଭାରତ ଏକ ପ୍ରକୃତ ମହାଶକ୍ତି ହେବାର ସମ୍ଭାବନା ରହିଛି।

ମହାଶକ୍ତି ହେବାରେ ସହାୟକ କାରକ (Strengths) :

ଅର୍ଥନୀତି : ଭାରତ ବର୍ତ୍ତମାନ ନାମମାତ୍ର ହିସାବରେ ବିଶ୍ୱର ୫ମ ବୃହତମ ଅର୍ଥନୀତି ଏବଂ ପର୍ଚେଜିଂ ପାୱାର ପାରିଟି (PPP)ଦୃଷ୍ଟିରୁ ୩ୟ ବୃହତ୍ତମ ଅର୍ଥନୀତି। ଏହା ବିଶ୍ୱର ଦ୍ରୁତତମ ବର୍ଦ୍ଧିଷ୍ଣୁ ପ୍ରମୁଖ ଅର୍ଥନୀତଶ ମଧ୍ୟରୁ ଅନ୍ୟତମ।

ଜନସଂଖ୍ୟା : ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ଭାରତରେ ରହିଛି (୫୦% ରୁ ଅଧିକ ୨୫ବର୍ଷରୁ କମ୍), ଯାହା ଦେଶର ବିକାଶ ପାଇଁ ଏକ ବଡ କାର୍ଯ୍ୟକ୍ଷମ ମାନବ ସମ୍ବଳ ଯୋଗାଇଥାଏ।

ସାମରିକ ଶକ୍ତି :

ଭାରତ ବିଶ୍ୱର ଚତୁର୍ଥ ବୃହତମ ସାମରିକ ଶକ୍ତି ଏବଂ ଏହାର ଆଣବିକ ଜମା ରହିଛି।

ପ୍ରଯୁକ୍ତିବିଦ୍ୟା ଓ ସ୍ଥାନ : ଭାରତ ଆଇଟି ସେବା କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ଦେଶ ଏବଂ ISROର ଚନ୍ଦ୍ରଯାନ ମିଶନ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ମହକାଶ ଗବେଷଣାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି।

ଗଣତନ୍ତ୍ର : ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାବରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ସ୍ଥିତି ରହିଛି ଏବଂ ଏହା ଅନେକ ଆନ୍ତର୍ଜାତୀୟ ସଂଗଠନରେ ସକ୍ରିୟ ଭୂମିକା ଗ୍ରହଣ କରୁଛି।

ଆହ୍ୱାନ :(Challenges)

ମୁଣ୍ଡପିଛା ଆୟ : ସାମଗ୍ରିକ ଅର୍ଥନୀତି ବଡ ହୋଇଥିଲେ ମଧ୍ୟ ମୁଣ୍ଡପିଛା GDPବହୁତ କମ, ଯାହା ବିକଶିତ ଦେଶ ତୁଳନାରେ ଯଥେଷ୍ଟ ପଛରେ।

ଦାରିଦ୍ର୍ୟ ଓ ଅସମାନତା : ଦାରିଦ୍ର୍ୟ, ଅଶିକ୍ଷା ଏବଂ ଆୟର ଅସମାନତା ଏବେ ମଧ୍ୟ ବଡ ସାମାଜିକ ସମସ୍ୟା ଭାବରେ ରହିଛି।

ଭିତ୍ତିଭୂମି : ଉନ୍ନତ ସଡକ, ବିଦ୍ୟୁତ୍ ଗ୍ରୀଡ୍, ଏବଂ ଶିକ୍ଷା ଭଳି ମୌଳିକ ଭିତ୍ତିଭୂମିର ଅଭାବ ଅର୍ଥନୈତିକ ଅଭିବୃଦ୍ଧିରେ ବାଧା ସୃଷ୍ଟି କରୁଛି।

ନିଯୁକ୍ତି : ଦ୍ରୁତ ଅଭିବୃଦ୍ଧି ସତ୍ତ୍ୱେ, ସମସ୍ତ ଯୁବକଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରୁନାହିଁ। ଭାରତ ପାଖରେ ମହଶକ୍ତି ହେବାର ସମସ୍ତ ସମ୍ଭାବନା ରହିଛି କିନ୍ତୁ ଏଥିପାଇଁ ଅଭ୍ୟାନ୍ତରୀଣ ସମସ୍ୟାଗୁଡିକ ସମାଧାନ ଏବଂ ସମନ୍ୱିତ ବିକାଶ ଉପରେ ଅଧିକ ଧ୍ୟାନ ଦେବାକୁ ପଡିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଖବର କାଗଜ



ପ୍ରଭାତ କୁମାର ମହାପାତ୍ର



ଶୀତ ଦିନ ଥିଲା। ଝରକା ମଧ ଦେଇ ସୂର୍ଯ୍ୟ ଉଙ୍କି ମାରୁଥିଲା। ସାହିଲ ମୋବାଇଲ୍ ହାତରେ ଧରି ସୋସିଆଲ୍ ମିଡ଼ିଆ ସ୍କ୍ରୋଲ୍ କରୁଥିଲେ। ସବୁଠି ସମାନ ଖବର, ମିମ୍ସ ଏବଂ ଅର୍ଥହୀନ ବିତର୍କ । ଠିକ୍ ସେତିକିବେଳେ ଡୋର୍‌ବେଲ୍ ବାଜିଲା। ଖବରକାଗଜ ବ୍ୟବସାୟୀ ରାମଲାଲ ସେଠାରେ ଠିଆ ହୋଇଥିଲା। ହସି ହସି କହିଲା, 'ମହାଶୟ! ଆଜିର ଖବରକାଗଜ! ଆସି ଯାଇଛି। ସାହିଲ ବିରକ୍ତି ହୋଇ କହିବାକୁ ଲାଗିଲେ, 'ରାମଲାଲ ! କାଲିଠାରୁ ଖବରକାଗଜ ଆଣିବା ବନ୍ଦ କରିଦେବ। କାହିଁକି ଆଜ୍ଞା! ମୁଁ କଣ କିଛି ଭୁଲ କରି ଦେଲି କି ? ଆରେ ନା.. ସମୟ ବଦଳି ଗଲାଣି। ଫୋନ୍‌ରେ ସବୁକିଛି ଉପଲବ୍ଧ ହେଉଛି। 'ଖବର କାଗଜର ଆଉ କିଛି ଆବଶ୍ୟକତା ନାହିଁ ବୁଝିଲୁ ! ରାମଲାଲ କହିଲା, 'ଆଜ୍ଞା, ଖବରକାଗଜ ପଢ଼ିବା ବନ୍ଦ କରନ୍ତୁ ନାହିଁ। ଏହା କେବଳ କାଗଜ ଖଣ୍ଡ ନୁହେଁ, ଏହା ଜ୍ଞାନର ଏକ ଭଣ୍ଡାର। ସୋସିଆଲ୍ ମିଡ଼ିଆର ଜଞ୍ଜାଳରେ ପୋତି ହୋଇଯାଉଥିବା ସତ୍ୟ ଖବରକାଗଜର ପୃଷ୍ଠା ଭିତରେ ହିଁ ନିଶ୍ୱାସ ନେଇଥାଏ।' ସାହିଲ ହସି କହିଲେ, 'ଆରେ ଭାଇ! ଗୋଟିଏ ଦିନର ପୁରୁଣା ଖବର ପଢ଼ି ମୁଁ କ'ଣ କରିବି ? ଖବରକାଗଜ ଆସିବା ପୂର୍ବରୁ, ମୁଁ ସୋସିଆଲ୍ ମିଡିଆରେ ସବୁକିଛି ପଢ଼ି ସାରିଥାଏ।' ରାମଲାଲ ଖବରକାଗଜକୁ ବଢ଼ାଇ କହିଲେ, 'ସାର୍ ! ଖବର କେବଳ ତାଜା ଖବର ପାଇଁ ନୁହେଁ, ବରଂ ଏହାର ସତ୍ୟତା ପାଇଁ ମୂଲ୍ୟବାନ ଅଟେ। ଖବରକାଗଜରେ ଯାଞ୍ଚ କରାଯାଇଥିବା ଖବର ଥାଏ, ଗୁଜବ ତ ବିଲକୁଲ ନୁହେଁ।' ଅନେକ ଅଭିଜ୍ଞ ବ୍ୟକ୍ତିଙ୍କ ଆଖି ଖବରକାଗଜରେ ପ୍ରକାଶିତ ହେବା ପୂର୍ବରୁ ଖବରକୁ ଆମୂଳଚୂଳ ପରୀକ୍ଷା କରିଥାନ୍ତି। ଏତିକି ପାର୍ଥକ୍ୟ ଅଟେ ସୋସିଆଲ ମିଡ଼ିଆ ଆଉ ଖବରକାଗଜ ଭିତରେ। ସାହିଲ ଚିନ୍ତାରେ ପଡ଼ିଗଲେ। ସେ ଖବରକାଗଜ ଖୋଲିଲେ। ପ୍ରଥମ ପୃଷ୍ଠାରେ ଶୀର୍ଷକ ଥିଲା, 'ସ୍ଥାନୀୟ ସ୍କୁଲ ଛାତ୍ରମାନଙ୍କ ପାଇଁ ବୃକ୍ଷରୋପଣ ଅଭିଯାନ ଆରମ୍ଭ କରୁଛି।' ତାଙ୍କ ପୁଅ ମଧ ସେହି ସ୍କୁଲରେ ପଢୁଥିଲା। ସେ ଆସିବା ମାତ୍ରେ ତାଙ୍କ ପୁଅ କହିବାକୁ ଲାଗିଲା, 'ବାପା! ଏହା ମୋ ସ୍କୁଲ ବିଷୟରେ ଖବର! ଦେଖନ୍ତୁ, ମୋ ନାମ ମଧ ଲେଖା ହୋଇଛି।' ସାହିଲ ଭଲ ଭାବରେ ଚାହିଁ ଦେଖିଲେ ଯେ ତାଙ୍କ ପୁଅର ନାମ ପ୍ରକୃତରେ ଲେଖାଯାଇଛି। ତାଙ୍କ ପୁଅର ଆଖି ଖୁସିରେ ନାଚି ଉଠୁଥିଲା। ସେ ଖୁସିରେ କହିଲା, 'ବାପା, ଏବେ ତ ମୁଁ ପ୍ରତିଦିନ ଖବର କାଗଜ ପଢ଼ିବି।' ସେହିଦିନ ସନ୍ଧ୍ୟାରେ, ସାହିଲ ଦେଖିଲେ ଯେ ତାଙ୍କ ପୁଅ ପିଲାମାନଙ୍କ ପୃଷ୍ଠାରେ ପଜଲ୍ ସମାଧାନ କରୁଛି, ଯେତେବେଳେ ତାଙ୍କ ମାଆ ରୋଷେଇ ଘରେ ବସି ରେସିପି ସ୍ତମ୍ଭ ପଢୁଛନ୍ତି। ତାଙ୍କ ବାପା, ଖେଳ ପୃଷ୍ଠା ପଢି କହିଲେ, 'ଦେଖ, ଭାରତ ପୁଣି ଜିତିଗଲା।' ଘର କଥାବାର୍ତ୍ତାରେ ଉଠୁଥିଲା, ଏବଂ ସମସ୍ତେ କିଛି ସମୟ ପାଇଁ ସେମାନଙ୍କର ମୋବାଇଲ୍ ଫୋନ୍ କଥା ଭୁଲିଗଲେ।

ସବୁଦିନ ପରି, ରାମଲାଲ ପରଦିନ ପୁଣି ଥରେ ଆସିଲା। ସାହିଲ ହସି ହସି କହିଲେ, 'ରାମଲାଲ, ଖବରକାଗଜ ଚାଲୁ ରଖିବ ବନ୍ଦ କରିବ ନାହିଁ। ହୁଏତ ଆମେ ଭୁଲିଯାଇଥିଲୁ ଯେ ଏହା କେବଳ ଏକ ଖବର ନୁହେଁ, ଏହା ଆମ ପ୍ରତି ସକାଳର ଆତ୍ମା।' ରାମଲାଲ କହିଲା, 'ଆଜ୍ଞା, ଖବରକାଗଜ କେବଳ ସୂଚନା ପ୍ରଦାନ କରେ ନାହିଁ, ଏହା ଏକ ସୁନ୍ଦର ଚିନ୍ତାଧାରା ମଧ ପ୍ରଦାନ କରିଥାଏ। ଏହା ସମାଜର ଏକ ଦର୍ପଣ।'

ଗାଁ, ଠାରୁ ସହର, - ସମସ୍ତଙ୍କର ସ୍ୱର ଏଥିରେ ବାସ କରେ। କେତେକ ଚାଷୀଙ୍କ ଦୁର୍ଦ୍ଦଶା ବିଷୟରେ ରିପୋର୍ଟ କରନ୍ତି, କେତେକ ଛାତ୍ରଙ୍କ ସଫଳତା ବିଷୟରେ ଆଉ କେତେକ ମହିଳା ସଶକ୍ତିକରଣ ବିଷୟରେ ରିପୋର୍ଟ କରନ୍ତି, ଅନ୍ୟମାନେ ପରିବେଶ ସୁରକ୍ଷା ପାଇଁ ଆବେଦନ କରନ୍ତି।' ସାହିଲ ସହମତିରେ ମୁଣ୍ଡ ହଲାଇଲେ। ସେ ଅନୁଭବ କଲେ ଯେ ସୋସିଆଲ ମିଡିଆ ପ୍ରଚୁର ଖବର ପ୍ରଦାନ କରୁଥିବା ବେଳେ, ଗଭୀରତା କିନ୍ତୁ ଭୁଲି ଯାଇଛି। ଖବରକାଗଜ ତାଙ୍କୁ ଚିନ୍ତା କରିବାକୁ ସମୟ, ପଢିବାର ଅଭ୍ୟାସ ଦେଇଥିଲା ଏବଂ ଶବ୍ଦର ମର୍ଯ୍ୟାଦା ମଧ ଶିଖାଇଛି।

କିଛି ଦିନ ପରେ, ସାହିଲଙ୍କ ସ୍ତ୍ରୀ ଦେଖିଲେ ଯେ ଖବରକାଗଜରେ ପ୍ରକାଶିତ ମହିଳାମାନଙ୍କ ବିଶେଷ ପୃଷ୍ଠା ଦ୍ୱାରା ଅନୁପ୍ରାଣିତ ହୋଇ ପଡ଼ୋଶୀ ଘର ମହିଳାମାନେ ପାର୍କ ଯିବା ଭଳି ଛୋଟ ସାମାଜିକ କାର୍ଯ୍ୟକଳାପ ମଧ କରୁଛନ୍ତି ଯେମିତି ପିଲାମାନଙ୍କ ପାଇଁ ସ୍ୱଚ୍ଛତା ଅଭିଯାନ ଏବଂ କାହାଣୀ କହିବା ଅଧିବେଶନ ଏପରି ଅନେକ କିଛି। ଖବରକାଗଜ ସେମାନଙ୍କୁ ସଂଯୋଗ କରିବା ପାଇଁ ଏକ ମାଧ୍ୟମ ପାଲଟି ଯାଇଥିଲା। ଦିନେ ସାହିଲଙ୍କ କାର୍ଯ୍ୟାଳୟରେ ଏକ ଆଲୋଚନା ଚାଲିଥିଲା ଯେ, 'ଆଜିକାଲି ଲୋକମାନେ ଖବର ଅପେକ୍ଷା ଅଧିକ ଗୁଜବ ପ୍ରଚାର କରୁଛନ୍ତି। ମୁଁ ଜାଣିପାରୁନାହିଁ ଯେ କିଏ ପ୍ରକୃତ ସୂଚନା ପ୍ରଦାନ କରୁଛି ଏବଂ କିଏ ମିଛ କହୁଛି।' ତା'ପରେ ସାହିଲ କହିଲେ, 'ଯଦି ତୁମେ ସତ୍ୟ ଜାଣିବାକୁ ଚାହୁଁଛ, ତେବେ ଖବରକାଗଜ ପଢ଼। ଶବ୍ଦଗୁଡ଼ିକ ଦାୟିତ୍ୱ ବହନ କରେ।' ଏହି ଶବ୍ଦଗୁଡ଼ିକ ଶୁଣି, ଅନେକ ସହକର୍ମୀ ପରଦିନ ଖବରକାଗଜରେ ସବସ୍କ୍ରାଇବ କରିବା ଆରମ୍ଭ କଲେ। ଧୀରେ ଧୀରେ, ସାହିଲ ଅନୁଭବ କଲେ ଯେ ଖବରକାଗଜ କେବଳ ଖବର ନୁହେଁ; ଖବର କାଗଜ ହେଉଛି ଗଣତନ୍ତ୍ରର ହୃଦସ୍ପନ୍ଦନ'। ସାମ୍ବାଦିକମାନେ ସତ୍ୟ ପାଇଁ ନିଜ ଜୀବନକୁ ବିପଦରେ ପକାଇବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ, ଯାହାଦ୍ୱାରା ଲୋକମାନେ ସଠିକ୍ ସୂଚନା ପାଇପାରିବେ। ଖବରକାଗଜ ବିନା, ଏହି ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା କେଉଁଠାରେ ରହିବ ? ରାମଲାଲଙ୍କ ପରି ହକରମାନେ ଏହା ଉପରେ ନିର୍ଭର କରନ୍ତି। ସେମାନେ କେବଳ ଖବରକାଗଜ ପ୍ରଦାନ କରନ୍ତି ନାହିଁ, ସେମାନେ ସଚେତନତା ବାଣ୍ଟି ଥାନ୍ତି। ସକାଳୁ ସକାଳୁ, ସେମାନେ ପ୍ରତ୍ୟେକ ଦ୍ୱାର ଠକ୍ ଠକ୍ କରି କୁହନ୍ତି, 'ଉଠ, ଜାତୀୟ ଖବର ଆସିଛି।' ଆଉ ଦିନେ, ସାହିଲ ତାଙ୍କ ପୁଅକୁ କହିଲେ, 'ପୁଅ, ମନେ ରଖିବୁ - ତୁମେ ତୁମର ମୋବାଇଲ୍ ଫୋନ୍‌ରେ ଦେଖୁଥିବା ଖବର ହେଉଛି କେବଳ ମନୋରଞ୍ଜନ ନିମନ୍ତେ, କିନ୍ତୁ ଖବରକାଗଜ ମନ ଓ ହୃଦୟକୁ ସକାରାତ୍ମକ ପରିବର୍ତ୍ତନ କରି ଦେଇଥାଏ।'

ଏବେ, ପ୍ରତିଦିନ ସକାଳେ, ଚା'ର ସୁଗନ୍ଧ ଏବଂ ଖବରକାଗଜର ଶବ୍ଦ ତାଙ୍କ ଘରେ ପ୍ରତିଧ୍ୱନିତ ହେଉଥିଲା। ଖବରକାଗଜର ପ୍ରଥମ ପୃଷ୍ଠା ଖୋଲିବା ଦ୍ୱାରା ଏକ ନୂତନ ଶକ୍ତି ଆସିଥାଏ - ଦେଶ ଏବଂ ବିଶ୍ୱ ସହିତ ସଂଯୋଗର ଏକ ଭାବନା, ସମାଜର ଏକ ଅଂଶ ହେବା ପାଇଁ ଏକ ପ୍ରେରଣା। ସମୟ ବିତିଗଲା, କିନ୍ତୁ ସାହିଲ ପଢ଼ିବା ବନ୍ଦ କଲେ ନାହିଁ। ବରଂ, ସେ ତାଙ୍କ ବନ୍ଧୁମାନଙ୍କୁ କହିଲେ, 'ଯଦି ଆମେ ପଢ଼ିବା ବନ୍ଦ କରିଦେଲୁ, ତେବେ ଚିନ୍ତନ ମରିଯିବ। ଏବଂ ଯଦି ଚିନ୍ତାଧାରା ମରିଯାଏ, ତେବେ ଗଣତନ୍ତ୍ର ତା'ର ଅର୍ଥ ହରାଇବ।' ଆଜି ମଧ, ପ୍ରତ୍ୟେକ ସକାଳେ, ଯେତେବେଳେ ହକର ଖବରକାଗଜ ପହଞ୍ଚାଏ, ସାହିଲ ହସି ହସି ଦ୍ୱାର ଖୋଲି ଦିଅନ୍ତି। ଏବେ ସେ ଜାଣି ପାରିଲେ ଯେ ଖବରକାଗଜ କେବଳ ଏକ ଖବର ନୁହେଁ, ଏହା ଜ୍ଞାନ, ସଂସ୍କୃତି, ଦାୟିତ୍ୱ ଏବଂ ଚିନ୍ତାଧାରାର ପ୍ରତୀକ।


*ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ*
*ମୋ-୭୮୯୪୦୦୫୪୫୫*




# ଆସ ମାଆ ପଦ୍ମାଳୟା

*ନଳିନୀ ଦାଶ*

ଆମ୍ବ ତୋରଣ ମୁଁ ଦେଇଛି ଲଗେଇ
ଝୋଟିରେ ଭରିଛି ଘର
ରାଜ ମହଲଟେ ଜତନେ ତୋଳିଛି
ଆସମାଆ ଲକ୍ଷ୍ମୀ ମୋର ।

ଗେଣ୍ଡୁଫୁଲ ମାଳ ଗୁନ୍ଥି ମୁଁ ରଖିଛି
ସୋରିଷ ଫୁଲକୁ ତୋଳି
ଆନନ୍ଦ ମନରେ ବଜାଉଛି ଶଙ୍ଖ
ପକାଉଛି ହୁଳହୁଳି ।

ଆସ ପଦ୍ମାଳୟା ଦୁଃଖ ବିନାଶିନୀ
ଏତିକି ମୋହର ଅଳି
ତୁମ ପାଦ ଥାପି ମୋ ଦୁଃଖ ସଂସାରୁ
ବିପଦକୁ ଦିଅ ଟାଳି ।

ପଦ୍ମଫୁଲ ରଖି ଖଟୁଳି ସଜାଇ
ଆଙ୍କି ଦେଇଅଛି ଚିତା
ତୁମକୁ ପୂଜିବି ଭକତି ଚିତ୍ତରେ
ଆସ ମାଆ ସିନ୍ଧୁସୂତା ।

ତୁମର ଆଶିଷେ ପଙ୍ଗୁ ଲଂଘେ ଗିରି
ଗରିବର ପେଟ ଭରେ
ଅନ୍ଧ ପାଏ ଆଖି କୁଟୀର ହୁଅଇ
ପରିଣତ ମହଲରେ ।

ନୈବେଦ୍ୟ ସଜାଡି ରଖିଅଛି ମାଆ
ପାଟର ଓଢଣୀ ଟାଣି
ଦୟାମୟୀ ମାଆ ହୁଅ ବାରେ ସାହା
ଏତିକି ମୋର ମାଗୁଣି ।

ସାଗର ଦୁଲ୍ଲଣୀ ବିଷ୍ଣୁ ପାଟରାଣୀ
ସୁଖ ସମ୍ପଦରେ ଭର
ତୁମର ଚରଣେ ସ୍ଥାନ ଦିଅ ମାଆ
ହସୁଥାଉ ମୋ ସଂସାର ।


*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୩୮୯୯୬୬୪୯*


# ଅନ୍ତରାଳେ ...

*ରେଣୁବାଳା ମହାପାତ୍ର*

ବାସ୍ତବତା ବା ସତ୍ୟତାକୁ ମୁଁ ଟିକେ ଲୁଚେଇ ଦେଇଛି,
ଶୂନ୍ୟତା ଭିତରେ ନୀରବତା ଉଙ୍କି ମାରୁଛି,
ତଥାପି ସଂସାର ରଥ ବିନା ଦ୍ୱିଧାରେ ଚାଲିଛି,
କେତେ ବାଧା, ବିଘ୍ନ ଆସିଛି,
ପୁଣି ଲେଉଟା ଲହଡ଼ି ପରି ଚାଲିଯାଇଛି।

ଝୁଣ୍ଟିଛି, ପଡ଼ିଛି କିନ୍ତୁ ଶକ୍ତ ହୋଇ ଉଠିଛି।
ପୁଣି ଥରେ ଚାଲିବା ଶିଖିଛି।
ଯାହା ପାରିବିନି ଭାବୁଥିଲି ....
ତାହା ସହଜରେ କରିଦେଇଛି।
ଶାରୀରିକ, ମାନସିକ ଭାବରେ ନିଜକୁ ଦୃଢ଼ କରିଛି।
ଭଲ ଜୀବନ ସାଥୀଟେ ପାଇଛି,
ଯିଏ କି ମୋ ସାହସ, ମୋ ବିଶ୍ୱାସ।

କିଏ ତ ଜଣେ ନିଶ୍ଚୟ ଅଛି ନା.. ?
ଗୋଟିଏ ଅଦୃଶ୍ୟ ଶକ୍ତି,
ହାତ ଧରି ବାଟ କଢେଇ ନେଉଛି।

ବୋଧେ ସେଇଥିପାଇଁ...
ମୁଁ ଆଜି ଭୟକୁ ଦୂରେଇଦେଇଛି।

ଜୀବନର ଅଙ୍କାବଙ୍କା ରାସ୍ତାରେ ଚାଲିବା ଶିଖିଛି।
କିଛି ଅନୁଭୂତିକୁ ଅଭିଜ୍ଞତା,
କିଛି ସ୍ମୃତିକୁ ସ୍ମରଣୀୟ କରିଛି,
ସମ୍ଭବ ନୁହେଁ ଜାଣି ମଧ ପ୍ରୟାସ ଜାରି ରଖିଛି,
ଯେଉଁଠି ଭୁଲ କରିଛି, ନିଜ ଭୁଲକୁ ମଥାପାତି ଗ୍ରହଣ କରିଛି।
ମନରେ ସ୍ୱାଭିମାନ ରଖିଛି, ଆତ୍ମସମ୍ମାନକୁ ପୁଞ୍ଜି କରିଛି ।

କିଛି ଚେହେରା ପରଦା ବାହାରକୁ ଆସିଛି।
ତଥାପି ଭାବିଛି। ସମସ୍ତେ ତ ମୋର।
ମଣିଷ ଜୀବନ ଭୁଲ ନିଶ୍ଚିତ,
କହିବା ପୂର୍ବରୁ କ୍ଷମା କରିଦେଇଛି।
ସ୍ନେହ, କ୍ଷମା ଓ ଦୟାର ଅଧିକାରିଣୀ ବୋଲି
ନାରୀ ରୂପେ ସଂସାର ପୂଜୁଛି।

ଦୂରରୁ ଗୋଟେ କ୍ଷୀଣ ଜ୍ୟୋତିର ଆଭାସ ବି ପାଇଛି।
ଅନୁଭବ କରିଛି...
ସେ ଅଦୃଶ୍ୟ ଶକ୍ତି ସାହସ ହୋଇ
ଦୂରରୁ ମୋତେ ଚାହିଁ ରହିଛି।
ବୋଧେ ସେଇଥିପାଇଁ ମୁଁ ଆଜି ଭୟକୁ ଦୂରେଇଦେଇଛି।


*ଅନୁଗୋଳ*


# ଭ୍ରମ

*ସୁଶୀଲ କୁମାର ପାଣିଗ୍ରାହୀ*



ପ୍ରତିଟି ଅଗ୍ନି କଣିକାରେ
ଉଚ୍ଚାରିତ ପୂର୍ଣ୍ଣମିଦଂ ପୂର୍ଣ୍ଣମିଦଂ
ନା
ମୂର୍ତ୍ତରୁ ଅମୂର୍ତ୍ତ ହେବାର
କାମନା ?

ହଜିଯିବାର ଆଲୋକିତ
ପଥ ପ୍ରଦର୍ଶନ
ନା
ଗର୍ଭ ଆଡକୁ ପୂର୍ବରାଗର
ସଂଚରଣ ?

ଦେଖୁଛ କ'ଣ ?
ଅନ୍ଧାରର ବୈଜୟନ୍ତ ଫର ଫର
ନା
ଆଲୁଅର ଧିରେ ଧିରେ
ଟଳିପଡିବାର ଦୃଶ୍ୟ !


*କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ୍-୨୦୩ ଜଲାନ ଗଳି, ସମ୍ବଲପୁର-୨*
*ଫୋନ୍-୮୧୪୪୨୨୮୨୦୨*


# ଅନୁପସ୍ଥିତି

*ଡ. ଦୀପକ କୁମାର ମିଶ୍ର*

ଯେଉଁମାନେ ଅନୁପସ୍ଥିତ ଥିଲେ ସେଦିନ
ଭିଡ଼ଭାଡ଼ରେ ହୁଁ ହାଜିର୍ ପକେଇବାକୁ
ବାଡ଼ି ଓ ଧାଡ଼ିର ଉପସ୍ଥାନ ଖାତାରେ
ଭୋଗିବାକୁ ଏକ୍ଲାପଣର ମହାର୍ଘ୍ୟ ଆନନ୍ଦ
ସେମାନେ ସମସ୍ତେ
ନିଃସନ୍ଦେହରେ ସାହସ ବାନ୍ଧନ୍ତି
ଜୀବନରେ ଅନ୍ତତଃ ଖଣ୍ଡିଏ କବିତା ଲେଖିବାକୁ ।

ପ୍ରାଚୁର୍ଯ୍ୟ, ପରାକାଷ୍ଠା ଓ ପ୍ରଭୁତ୍ୱର
ସ୍ଥୁଳ ବନ୍ଧନରୁ ଅପସରି ଯାଇ
ଭାବର ଭଅଁରଟିଏ ସାଜିବା,
ଫୁଲ ଚାରିପଟେ ଅଯାଚିତ ରୂପେ
କାମ ଓ କାରୁଣ୍ୟର କେନ୍ଦେରା ବଜେଇ
ଅକାରଣରେ କାରଣ ଦର୍ଶାଅ କୈଫତ ନାମାଟେ ଲେଖି
ସବିଶେଷ ଉପସ୍ଥାନ ପକେଇବା,
ଭାବଯୋଗୀଟିଏ ପାଇଁ କେତେ ଯେ କଷ୍ଟସାଧ
ତାହା କେବଳ ତାକୁ ହିଁ ତ ଜଣା ।

ନଈରୁ ବିଛିନ୍ନ ହୋଇ ବିନ୍ଦୁଟିଏ ହେବା
ଜ୍ୟୋସ୍ନାର ଲାବଣ୍ୟରୁ ଛିଣ୍ଡିଯାଇ
କାହା ଆଖିରେ କେରାଏ ସ୍ୱପ୍ନ ବୁଣିଦେବା
ସୌଭାଗ୍ୟର ସିନ୍ଧୁ ସହିତ
ହାତ ନମିଳେଇ
ଅନୁପସ୍ଥିତ ରହିବାର ସତ୍ୟତାରେ ବାଷ୍ପୀଭୂତ ହେବା
ଜୀବନକୁ ବୁଝିବାର ଅନ୍ତରଙ୍ଗ ଚେଷ୍ଟାରେ
ନିଜକୁ ସମ୍ପୂର୍ଣ୍ଣ ଉହ୍ୟ କରିଦେବା
ଅପୂର୍ଣ୍ଣତାର ପାପତୁଠରେ
ବିଶ୍ୱାସର ବିଧର୍ମୀ ବୁଡ଼ ପକେଇ
ନିଜକୁ ଶୂନ୍ୟଶୂନ୍ୟ ମହାଶୂନ୍ୟ କରିଦେବା
ସତରେ କ'ଣ ଏତେ ସହଜ ।

କୁହ, ମୁଁ କାହିଁକି ହାତ ଟେକିବି
ଆଜ୍ଞାଧୀନ ଛାତ୍ରଟିଏ ପରି
ମୁଣ୍ଡ ଟୁଙ୍ଗାରି ଏଣ୍ଡୁଅ ପରି ବାରବାର ରଙ୍ଗ ବଦଳେଇ
ମିଶିଯିବି ପୃଷ୍ଠଭୂମି ସହିତ
ବିନା ଭୁଲରେ କାନଧରି ଉଠବସ ହେବି
ଏକଗୋଡ଼ରେ ଛିଡା ହେବି ଭଙ୍ଗାବେଞ୍ଚରେ
କାହା ଗୋଡାଣିଆ ମର୍ଜିର ଦୟାରେ
ହରେଇବି ନିଜର ଅସ୍ତିତ୍ୱ ।

ବରଂ ଯାହିତାହି ମୁଁ ଉପସ୍ଥିତ ଥାଏ ମୋ ଭିତରେ
ତୁମ ହୃଦୟର ଦାମୀ ଉପସ୍ଥାନ ଖାତାରେ
ଶହେ ପ୍ରତିଶତ ଗୈରହାଜିରର ବଦନାମକୁ ମୁଣ୍ଡେଇ,
ହୋଇପାରେ ଚିରଦିନ ପାଇଁ..... ।


*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*


# ଅଳିଆ

*ସଂଯୁକ୍ତା ଦାଶ*



ସଜାଡିବାକୁ ହେଲେ
କିଛି ଫୋପାଡିବାକୁ ହୁଏ
କେବେ ଦିନେ ଅପରିହାର୍ଯ୍ୟ ଲାଗୁଥିବା ବସ୍ତୁଟି
ସମୟକ୍ରମେ ଅନାବଶ୍ୟକ ହୁଏ
ସାଇତିବାର ନିର୍ଦ୍ଦିଷ୍ଟ ପରିଧି
କେବେ କେବେ ଅକୁଳାଣ ହୁଏ
କିଛି ନିର୍ଦ୍ଦିଷ୍ଟ ବସ୍ତୁକୁ ସାଇତିବାକୁ
ଧୂଳି ଧୂଆଁ ଅଳିଆ ନାମରେ କିଛି ଜିନିଷକୁ
ଅଦରକାରୀ ହେବାକୁ ହୁଏ
ସଜାଡିବାର କଳା ସଭିଙ୍କୁ ଆସେନା
ଫୋପାଡିବାକୁ ସବୁ ହାତ ଯାଏନା
ଅଲୋଡା ଲାଗୁଥିବା ସେଇ କିଛି ପଦାର୍ଥରେ
ପୁଣି ଝଟକି ଉଠେ ଅବଶିଷ୍ଟ ଆତ୍ମୀୟତା
ପୁଣି ବୁଜି ହୋଇଯାଏ
ଖୋଲି ଯାଇଥିବା ହାତ ମୁଠା



ଜୀବନକୁ ବି ସଜାଡ଼ିବାକୁ ହୁଏ
ଲୋଭ ମୋହ ପାପ
ଅସୂୟା ଆସକ୍ତି ଆକ୍ରୋଶର
ପରସ୍ତ ପରସ୍ତ ଆସ୍ତରଣ ତଳୁ
ଜୀବନକୁ ଝାଡି ଝୁଡି
ପୁଣି ବଞ୍ଚିବାର ମନ୍ତ୍ର ଶିଖାଇବାକୁ ହୁଏ
କ୍ରମଶଃ ଅଣନିଃଶ୍ୱାସୀ ଜୀବନ
ପୁଣି କେଉଁ ନିଃସର୍ତ୍ତ ଅନୁରାଗ ପଛରେ ଦୌଡିଯାଏ

ସମ୍ପର୍କକୁ ଅଳିଆ କରୁଥିବା
ସେଇ ଅବାଞ୍ଛିତ ବାଦ ବିବାଦ
ହିଂସା ଅପବାଦ ଈର୍ଷା କୁତ୍ସା ଆଦି ଆବର୍ଜନାକୁ
ଆଡେଇ ଦେବାକୁ ହୁଏ
କେବେ ଦିନେ ଅମ୍ଳଜାନ ପରି
ଜୀବନ ଭରୁ ଥିବା ସଖ୍ୟ
ବିଷାକ୍ତ ହୋଇ ନିଃଶ୍ୱାସକୁ ଆକ୍ରାନ୍ତ କରିବା ପୂର୍ବରୁ
ନିଜ ଅସ୍ତିତ୍ୱକୁ ଉଦ୍ଧାର କରି
ଭିନ୍ନ ଏକ ପୃଥିବୀରେ
ପାଦକୁ ଶକ୍ତ କରିବାକୁ ହୁଏ ?

ସଜାଡି ବାକୁ ହେଲେ
ପ୍ରଥମେ ଅଳିଆକୁ ଖୋଜିବାକୁ ହୁଏ...




*ମୋ-୮୪୨୦୮୯୬୫୪୬*


# ଥିଲେ ଜଣେ ସନ୍ଥ

*ସୁଜିତ କୁମାର ମିଶ୍ର*



କିଏ ଦେଖିଛି ସେ ସାଗର
ନିଜକୁ ଯେ ଜାଳିପୋଡି
ସେବାସୌଧର ଈଶ୍ୱର ।

ଲୁହ ଭିଜା ଛାତି ବି
ଶୋଷିନିଏ ଦୁଃଖ
ଯେମିତି ଭିଜାମାଟି
ସଂସାରର ଶୁଷ୍କତା ପାଇଁ
ସୁଖଦୁଃଖର ପ୍ରଲେପ।

ବଚନର ମହୁ
କୋମଳ ହାତର ସ୍ପର୍ଶ
ମନର ବିମଳ ଆଲିଙ୍ଗନ
ଚିରକାଳ ସେ ବିଗଳିତ ପ୍ରାଣର ପ୍ରାର୍ଥନା
ଅନନ୍ତ ଆଦରର ଫୁଲଫୁଟା ଅଭ୍ୟର୍ଥନା ।

ଥିଲେ ଜଣେ ସନ୍ଥ
ପର ପାଇଁ ଅନ୍ତର ବିଳାପ,
କ୍ଷତାକ୍ତ ନିସ୍ୱ ପାଇଁ କରୁଣାର ନିଶ୍ୱାସ,
ହୃଦୟର ଚନ୍ଦନରେ ହୃଦୟକୁ
କଲେ ବନ୍ଦନ,
ଅସରନ୍ତି ଆହାଃର ତନୁତୀର୍ଥ ତୁମେ
ଶବ୍ଦ କମ୍, ନିଶବ୍ଦର ସଳିତା
ସ୍ୱର ନିରନ୍ତର ।

ତୁମେ ସେଇ ସନ୍ଥ
କୋଟି ଦୀପର ଆହୂତି
ଜଗତ ଜାଣେ ତୁମେ ଜାଗତିକ ମଣି
ପୀଡିତ ଆତ୍ମାର ବନ୍ଧୁ,
ସୁଆଣ୍ଡୋ ମାଟିର ଆଦ୍ୟ ବାସ୍ନା,
ମହନୀୟତାର ମଗୁଶିର ଝୋଟିଚିତା ତୁମେ
ମନ୍ଦ୍ର ମଳୟର ଗୀତ
ଶ୍ରାବଣ ପରି ମିତ
ଜୀବନକୁ ଆଲୋକ ଦେଖାଇବାର
ଉଜାଗର ଆଖି ।

ଭଗ୍ନ କାନ୍ଥକୁ ସଜାଡୁଥିବା ତୁମେ
ସେଇ ଭାବନା ବିନ୍ଧାଣୀ,
ପଲକେ ପାଲଟୁଥିଲ ଦରଦୀ ପୁଲକ,
ପ୍ରାଚୁର୍ଯ୍ୟର ସହର ଭିତରେ
ତୁମକୁ ଛୁଉଁଥିଲା ଲେଉଟାଣି
ଖରାର ଦହନ,
ତୁମେ ଥିଲ ସହନର ଦହନ,
ରଙ୍ଗହୀନ ଆତ୍ମା ଦେହରେ
ଅପୂର୍ବ ଲଳିତ ରାଗିଣୀ ।

ସ୍ୱାର୍ଥ ମାତେ ବନ୍ୟା ରୂପରେ
କେଉଁ କାମନାର ତାତିରେ
ତୁମେ ନିରଳସ ଉଜାଗର ରାତିର ସ୍ୱପ୍ନ
ଛାତିର ବେଦନା
ମୌନ ମୌସୁମୀର ମଧୁ ପ୍ରବାହ
ତୁମେ ବାରମାସୀ ବନ୍ଧନର
ବରାଭୟ,
ଆକର୍ଷଣୀୟ ଆପଣାପଣର
ଅସରନ୍ତି ବାରିବାହ।

ତୁମେ ଦୂର ଦିଗନ୍ତର ସ୍ୱର
ମାନବବାଦର ଲହୁଲୁହ,
ପ୍ରାଣପକ୍ଷୀର ଉଡାଣ
ତମାମ୍ ଜୀବନ ଆନ ସ୍ୱାର୍ଥର
ତିଳ ତିଳ ତାରକସୀ କୋହ,
ସେଇଥିପାଇଁ ତ ସୁକ୍ଷ୍ମ କୋଣାର୍କର
ସ୍ଥପତି ତୁମ ମନ ପ୍ରାଣ ଦେହ ।

ଯେଉଁଠି ପିତୃତ୍ୱ ନିଲାମ
ବଜାରୀକରଣର ସ୍ୱାର୍ଥରେ,
ଘଡି ଘଡି ବେସାହାରାର ବୁକୁଫଟା ଚିତ୍କାର,
ସେଇଠି ତୁମେ ଅସୀମ ସରାଗର ମନ୍ଦିର
ଅନ୍ତରର ମହୋଦଧିରେ,
ତୁମେ ମିଠାପଣର ଜ୍ୟୋତି
ଜନମାନସର ଜଖମ୍ ତମସାରେ ।

ଥିଲେ ଜଣେ ସନ୍ଥ
ନିଜକୁ ନିରୁଦ୍ଦିଷ୍ଟ କରି
ଆନ ପାଇଁ ଥିଲେ
ପ୍ରେମ ଐଶ୍ୱର୍ଯ୍ୟର ଜାଗ୍ରତ ପ୍ରହରୀ ।

କ୍ଷମତାର ତାଳିରେ
ପ୍ରଶଂସାର ଗୀତରେ
ପଦ ମର୍ଯ୍ୟାଦାର ମୋହରେ
ଯେଉଁଠି ଭୋକର ଉଦ୍ଗିରଣ
ତୁମେ କି ସେଠି ଜୀବନ୍ତ
କାହା ପ୍ରାଣର ଶରତ ଶିହରଣ ?

ଥିଲେ ଜଣେ ସନ୍ଥ
ସେ ସ୍ୱର ଶ୍ରଦ୍ଧା ବର୍ଣ୍ଣବୋଧର
ଶିହରିତ ଉଚ୍ଚାରଣ
ଜୀଇଁବାର ନଈଧାର
ପରଶମଣିର ଚମତ୍କାର
ମଧୁର କୁହୁତାନର ମଧୁମାସ ପାର୍ବଣ ।

ସନ୍ଥ ଥିଲେ
ଚିରକାଳ ସୌମ୍ୟ ହୃଦୟର ତପ,
ଯେଉଁଠି ମରଣ ଭେଟୁଥାଏ
ନର୍କର କ୍ଷତ,
ତୁମ ସ୍ମରଣରେ କଣ
ସେ ଏବେବୀ ଜୀବନ୍ତ ?


*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*


# ସେମାନେ

*ଡ. ଚନ୍ଦ୍ରକଳା ନାୟକ*

ଆଖିଫେଡି ଦେଖିଲାବେଳକୁ
ସଞ୍ଜ ରତରତ
ମୋ ଯାତ୍ରା ଆରମ୍ଭ ହୋଇନି
ଆଉ ସେମାନେ ବି ନାହାନ୍ତି ସାଙ୍ଗରେ
ଅଛି କେବଳ ସାମ୍ନାରେ
କାହାର ବେରଙ୍ଗ ଚିହ୍ନ।
ଏବେ ମୋର ଫେରିବା ବେଳ
ହେଲେ ସବୁବେଳେ ଫେରିବା କଣ ସମ୍ଭବ ?
ଆଶା ଅଭିଳାଶର ମାପଦଣ୍ଡରେ
ଭୁଲ ଆଉ ଠିକର ପରିଧି ଭିତରେ
ଭଲ ପାଇବାର ନିଦାପଣଟା ସ୍ଥିରହୁଏନା
ଲାଭ ଓ କ୍ଷତିର ତରାଜୁରେ
ଅବିଶ୍ୱାସର ଘନ କୁହୁଡି ଭିତରେ
କେତେବେଳେ ରାସ୍ତା ଖୋଜିବାରେ
ମୁଁ ହିଁ ଶେଷରେ ପହଞ୍ଚେ।
କାହିଁକି କେଜାଣି ଥରକୁ ଥର
ଯୋଡିହୁଏ ସ୍ୱପ୍ନର ଅତିରିକ୍ତ ଶବ୍ଦ
କଳ୍ପନାର ମଂଜିବୁଣେ ହାତମୁଠାଟାରେ
ବେଗବାନ ଇଚ୍ଛା ସବୁକୁ ଆଉଁସି ଦେଇ
ମୁଁହି ତ ଅପେକ୍ଷା କରେ ଗତକାଲିକୁ।
କି ଆଶ୍ଚର୍ଯ୍ୟ ଏ ଯାତ୍ରା
ସବୁବେଳେ ସେମାନେ ମୋଠୁ
ଦୁଇପାଦ ଅଗରେ ଥାନ୍ତି
ମନକୁ ବଜ୍ରକରି ପୁଣି
ଭଲମନ୍ଦର ତର୍ଜମାକରି
ମୁଁ ମାୟାଜାଲକୁ ଛିଣ୍ଡେଇ ଧରେ ।
ମୁଁ ହିଁ ତ ମାୟା ବୁଣିପାରେ ନାହିଁ ବୋଲି
ଝୁଂଟୁଥାଏ ବାରମ୍ବାର ପ୍ରତିଥର
ମିଛ ସ୍ନେହକୁ ପ୍ରେମଭାବେ
ଆଉ ଡେଇଁପଡେ ଦରିଆକୁ
ପାରିଜାତ ପାଇବା ଆଶାରେ
ମନ ମୋର ମରିମରି ଯାଉଥାଏ
ସକାଳର କଅଁଳିଆ ପତ୍ର ଧାରେ ଧାରେ ।
ପତ୍ରଗୁଡାବି ସ୍ୱପ୍ନ ଭଙ୍ଗ ଦିଅନ୍ତି
ସୁଖ ସବୁ ଖରା ଧାସରେ ଲାଲ ପଡେ
ସେମାନେ ତ ଚାଲିଗଲେଣି ଅନେକବେଳୁ
ଏବେ ଖାଲି ବାକି ଅଛି ଶୁନଶାନ ରାସ୍ତା
ଯାହାକୁ ନେଇ ମୁଁ ଚାଲିଛି ଅନବରତ ।


*ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଯାଜପୁର*
*ମୋ-୯୪୩୭୯୫୭୬୧୭*




# ତୁମକଥା ମନେପଡ଼େ

*ରାକେଶ ପଣ୍ଡା*

ଜନ ମାନସର ଭିଡ଼ ଭିତରେ
ଅବା ଏକାନ୍ତର ନିରବତାରେ,
ପ୍ରାତଃ ସୁନେଲି କିରଣରେ
ମଧ୍ୟାହ୍ନର ପ୍ରକୃତି ଉଷୁମ ବକ୍ଷରେ,
ଅବା ସାନ୍ଧ୍ୟ ଗୋଧୂଳି ବେଳାରେ,
ପ୍ରକୃତିର ସବୁଜ କୋଳରେ,
ପାହାଡ, ପରବତ, ଝରଣା ସ୍ରୋତରେ,
ସପନର ସୂକ୍ଷ୍ମ ଶରୀରରେ,
ବାସ୍ତବତାର ସ୍ଥୁଳ ପରିଧି ମଧ୍ୟରେ,
ବସନ୍ତ ମଳୟ, ନାଲି-ନେଳି ପୁଷ୍ପରେ
ବଉଳ ବାସନା, କୋଇଲି କୁହୁରେ,
ମୌସୁମୀର ଅଦିନିଆ ବର୍ଷା
ଚକ୍ ମକ୍ ବିଜୁଳି ଆଲୁଅରେ,
ଅମାବାସ୍ୟା ଘନ ଅନ୍ଧକାରେ
ଅବା ଶୁଷ୍କ ଆକାଶର ଜହ୍ନ ଆଲୁଅ ତଳେ,
ତୁମ କଥା ମନେପଡେ !
କେଜାଣି କାହିଁକି...
ତୁମକଥା ଭାରି ମନେପଡେ !


*ବନ୍ଦାଳୋ, ଟାଙ୍ଗୀ, କଟକ*
*ମୋ-୯୩୩୭୮୯୭୬୫୦*

# ୨୧୧ ବଲ୍‌ରେ ୪୬୬ ରନ୍ : ବଡ଼ ରେକର୍ଡ କଲେ ବୈଭବ ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ**



ଭାରତର ଉଦୀୟମାନ ଯୁବ ବ୍ୟାଟ୍ସମ୍ୟାନ ଏସିଆ କପ ରାଇଜିଂ ଷ୍ଟାର୍ସ ୨୦୨୫ରେ ସବୁଠାରୁ ଚର୍ଚ୍ଚିତ ଖେଳାଳି ଥିଲେ। ମାତ୍ର ୧୪ ବର୍ଷ ବୟସରେ, ସେ ଏପରି ପ୍ରଦର୍ଶନ କରିଥିଲେ ଯାହା କ୍ରିକେଟ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ତାଙ୍କର ଟି-୨୦ ରେକର୍ଡ ଜଣେ ବିସ୍ଫୋରକ ଅନ୍ତର୍ଜାତୀୟ ଖେଳାଳିଙ୍କ ତୁଳନାରେ କମ୍ ନୁହେଁ।

୪୬୬ ରନ, ୪୪ ଛକା, ୩୬ ଚୌକା – ବୈଭବଙ୍କ ବିସ୍ଫୋରକ ରେକର୍ଡ ବୈଭବ ସୂର୍ଯ୍ୟବଂଶୀ କେବଳ ୧୧ ଟି-୨୦ମ୍ୟାଚ ଖେଳିଛନ୍ତି, କିନ୍ତୁ ଏହି ମ୍ୟାଚ୍‌ଗୁଡିକରେ ସେ ୨୧୧ ବଲରେ ୪୬୬ ରନ କରିଛନ୍ତି। ଏଥିରେ ୩୬ ଚୌକା ଏବଂ ୪୪ ଛକା ସାମିଲ। ୨୨୦.୮୫ର ଘାତକ ଷ୍ଟ୍ରାଇକ ରେଟ୍‌ରେ ବ୍ୟାଟିଂ କରିଛନ୍ତି। ଏହି ସଂଖ୍ୟାଗୁଡ଼ିକ ଦର୍ଶାଉଛି ଯେ ଯେତେବେଳେ ବି ବୈଭବ କ୍ରିଜ୍‌ରେ ଥାଆନ୍ତି, ମ୍ୟାଚ ଏକପାଖିଆ ହୋଇଯାଏ।

ୟୁଏଇ ବିପକ୍ଷରେ ତାଙ୍କର ବିସ୍ଫୋରକ ଶତକ ମାତ୍ର ୩୨ ବଲରେ ଆସିଥିଲା। ଏହା ପରେ ସେ ୪୨ ବଲରୁ ୧୪୪ ରନ କରି ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲେ। ଏହି ଇନିଂସ ତାଙ୍କୁ ବିଶ୍ୱ କ୍ରିକେଟ ମାନଚିତ୍ରରେ ସ୍ଥାନ ଦେଇଥିଲା। ସେ ଟି-୨୦ ଫର୍ମାଟରେ ଦୁଇଟି ଶତକ ହାସଲ କରିଥିବା ସର୍ବକନିଷ୍ଠ ବ୍ୟାଟ୍ସମ୍ୟାନ ହୋଇଥିଲେ। ଏହି ରେକର୍ଡ ପୂର୍ବରୁ ଫ୍ରାନ୍ସର ଗୁସ୍ତାଭ ମ୍ୟାକନଙ୍କ ନାମରେ ଥିଲା, ଯିଏ ୧୮ ବର୍ଷ ବୟସରେ ଏହି ସଫଳତା ହାସଲ କରିଥିଲେ। ବୈଭବ ମାତ୍ର ୧୪ ବର୍ଷ ୨୩୨ ଦିନରେ ଏହାକୁ ଭାଙ୍ଗିଥିଲେ।

# ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶୋଚନୀୟ ପରାଜୟ ପରେ ବିସିସିଆଇର ବଡ଼ ନିଷ୍ପତ୍ତି

**ନୂଆଦିଲ୍ଲୀ**

ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍‌ରେ ଭାରତର ୦-୨ରେ ଶୋଚନୀୟ ପରାଜୟ ସତ୍ତ୍ୱେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ତିନି ଫର୍ମାଟ୍‌ରେ ନିଜ ଦାୟିତ୍ୱ ଜାରି ରଖିବେ। ଏ ନେଇ କୌଣସି ପରିବର୍ତ୍ତନ ଉପରେ ବିସିସିଆଇ ବିଚାର କରୁନାହିଁ ବୋଲି ସୂତ୍ରରୁ ଖବର ମିଳିଛି। ଦକ୍ଷିଣ ଆଫ୍ରିକାଠାରୁ ଗୌହାଟୀରେ ଦ୍ୱିତୀୟ ଟେଷ୍ଟ୍‌ରେ ଭାରତ ୪୦୮ ରନ୍‌ରେ ଲଜ୍ଜାଜନକ ପରାଜୟବରଣ କରିଥିଲା, ଯାହାକି ରନ୍ ବ୍ୟବଧାନରେ ଏପର୍ଯ୍ୟନ୍ତ ଭାରତର ସବୁଠାରୁ ବଡ଼ ପରାଜୟ। ଏହା ଗୌତମ ଗମ୍ଭୀରଙ୍କ କୋଚିଂରେ ୧୬ ମାସ ମଧ୍ୟରେ ଦ୍ୱିତୀୟ ଘରୋଇ



ଟେଷ୍ଟ ସିରିଜ୍ ପରାଜୟ। ଏହାପୂର୍ବରୁ ୨୦୨୪ ନଭେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୦-୩ରେ ପରାଜିତ ହୋଇଥିଲା।

ବିସିସିଆଇର ଜଣେ ବରିଷ୍ଠ ସୂତ୍ରରୁ ଜଣାପଡିଛି, "ସେ ତିନୋଟି ଫର୍ମାଟରେ ମୁଖ୍ୟ କୋଚ୍ ହୋଇ ରହିବେ, କୌଣସି ନିଷ୍ପତ୍ତି ଉପରେ ବିଚାର କରାଯାଉ ନାହିଁ।" ବିସିସିଆଇ ଏହି ସମୟକୁ ଦଳ ପାଇଁ ଏକ ପରିବର୍ତ୍ତନକାରୀ ପର୍ଯ୍ୟାୟ ଭାବରେ ଦେଖୁଛି ଏବଂ ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଗମ୍ଭୀରଙ୍କ ଚୁକ୍ତି ଥିବାରୁ କୌଣସି ତରବରିଆ ନିଷ୍ପତ୍ତି ନେବାକୁ ଚାହୁଁନାହିଁ।

ଅନ୍ୟପକ୍ଷରେ, ଦଳର ଖରାପ ପ୍ରଦର୍ଶନକୁ ନେଇ କ୍ରିକେଟ୍ ପ୍ରଶଂସକମାନେ ଅସନ୍ତୁଷ୍ଟ ଅଛନ୍ତି ଏବଂ ଗୌହାଟୀ ଷ୍ଟାଡିୟମ୍ ବାହାରେ ସେମାନେ "ଗୌତମ ଗମ୍ଭୀର ହାଏ ହାଏ" ନାରା ଦେବାର ଶୁଣାଯାଇଥିଲା। ଗମ୍ଭୀରଙ୍କ ଟେଷ୍ଟ୍ ରେକର୍ଡ ଦୁର୍ବଳ ଥିବାବେଳେ ଦିନିକିଆ ଏବଂ ଟି-୨୦ ଫର୍ମାଟ୍‌ରେ ଭାରତର ପ୍ରଦର୍ଶନ ଭଲ ରହିଛି। ଟେଷ୍ଟ୍ ସିରିଜ୍‌ରେ ପରାଜୟ ପରେ ଭାରତ ବର୍ତ୍ତମାନ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ (ଡବ୍ଲୁଟିସି) ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନକୁ ଖସି ଆସିଛି।

# ଆଇପିଏଲରେ ସାମିଲ୍ ହୋଇପାରେ ନୂଆ ଟିମ୍, 'ହୋମ ଆଣ୍ଡ ଆୱେ' ଫର୍ମାଟରେ ହେବ ଟୁର୍ଣ୍ଣାମେଣ୍ଟ : ପାର୍ଥ ଜିନ୍ଦଲ

**ନୂଆଦିଲ୍ଲୀ**

ମହିଳା ପ୍ରିମିୟର ଲିଗ୍‌ର ପରବର୍ତ୍ତୀ ସଂସ୍କରଣ ପାଇଁ ଗୁରୁବାର ଖେଳାଳିଙ୍କ ମେଗା ନିଲାମ ହୋଇଯାଇଛି। ଅନେକ ଖେଳାଳିଙ୍କ ଉପରେ ଟଙ୍କା ବର୍ଷା ହୋଇଥିବା ବେଳେ ଆଉ କିଛି ତାରକା ଖେଳାଳିଙ୍କୁ କେହି କିଣିବା ପାଇଁ ଆଗ୍ରହ ପ୍ରକାଶ କରିନାହାନ୍ତି। ଏହା ମଧ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସର ସହ ମାଲିକ ପାର୍ଥ ଜିନ୍ଦଲ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଆଗାମୀ ସମୟରେ ଡବ୍ଲ୍ୟୁପିଏଲରେ ଆଉ ଦୁଇଟି ନୂତନ ଦଳ ସାମିଲ୍ ହୋଇପାରେ। ଏମିତି ହେଲେ ଭାରତୀୟ କ୍ରିକେଟ୍ ବୋର୍ଡ ଲିଗକୁ 'ହୋମ ଆଣ୍ଡ ଆୱେ'ରେ ଆୟୋଜନ କରିବାର ସୁଯୋଗ ମିଳିପାରିବ। ବିସିସିଆଇ ଡବ୍ଲ୍ୟୁପିଏଲର ଚତୁର୍ଥ ସଂସ୍କରଣକୁ ୨ଟି ସହରରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ନଭି ମୁମ୍ବାଇ ଓ ଭଦୋଦରାରେ ଜାନୁଆରୀ ୯ରୁ ଡବ୍ଲ୍ୟୁପିଏଲ ଖେଳାଯିବ।

ଜିନ୍ଦଲ ପିଟିଆଇର ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ମୁଁ ଚାହୁଁଛି ଆଇପିଏଲ୍ ପରି ଡବ୍ଲ୍ୟୁପିଏଲ ମଧ୍ୟ ଘରୋଇ ଏବଂ ପ୍ରତିଦ୍ୱନ୍ଦ୍ୱୀଙ୍କ ମଇଦାନରେ ଖେଳାଯାଉ। ବର୍ତ୍ତମାନ ଯେଉଁ ପ୍ରକ୍ରିୟାରେ ଖେଳା ଯାଉଛି, ତାହା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଆଦର୍ଶ ନୁହେଁ। ବର୍ତ୍ତମାନ କେବଳ ଦୁଇଟି ଗ୍ରାଉଣ୍ଡରେ ଖେଳାଯାଉଛି। ମୋତେ ବିଶ୍ୱାସ ଯେ, ବିସିସିଆଇ ଏହା ଉପରେ କାମ କରୁଛି। ଏହା ସହ ଆଗାମୀ ଦିନରେ ଡବ୍ଲ୍ୟୁପିଏଲ ପାଇଁ ବଡ଼ ୱିଣ୍ଡୋ ମିଳିବା ଦରକାର ବୋଲି ପାର୍ଥ ଜିନ୍ଦଲ କହିଛନ୍ତି। ସେ ଏହା ମଧ୍ୟ କହିଛନ୍ତି, ଆଗକୁ ଡବ୍ଲ୍ୟୁପିଏଲରେ ଗୋଟିଏ କିମ୍ବା ଦୁଇଟି ନୂଆ ଟିମ୍ ସାମିଲ୍ ହେବା ସ୍ପଷ୍ଟ। କିନ୍ତୁ ବର୍ତ୍ତମାନ ଏହି ଟୁର୍ଣ୍ଣାମେଣ୍ଟ ଏତେ ଛୋଟ ଯେ, ୧୪ ମାସରେ ଦୁଇ ଥର ଡବ୍ଲ୍ୟୁପିଏଲ ଆୟୋଜିତ ହେଉଛି। ଏମିତି ସ୍ଥିତିରେ ବିସିସିଆଇ ଗୋଟିଏ ଟିମ୍ ଯୋଡ଼ିବାକୁ ଯୋଜନା କରୁଛି। ଆଶା କରୁଛୁ ଏହା ସହିତ ଟୁର୍ଣ୍ଣାମେଣ୍ଟ ହୋମ୍ ଆଣ୍ଡ ଆୱେ ମଡେଲରେ ଖେଳାଯିବ। ଏମିତି ହେଲେ କ୍ରୀଡ଼ା ପ୍ରେମୀ, କ୍ରିକେଟ୍ ଓ ଡବ୍ଲ୍ୟୁପିଏଲ ପାଇଁ ଏହା ବେଶ ଉପଯୋଗୀ ଏବଂ ଲାଭଦାୟକ ହେବ।

ଜିନ୍ଦଲଙ୍କ ମତରେ ନିକଟରେ ଭାରତୀୟ ମହିଳା ଦଳ ବିଶ୍ୱକପ୍ ଜିତିଛନ୍ତି। ଏଥିରେ ମହିଳା କ୍ରିକେଟ୍ ଦଳର ଲୋକପ୍ରିୟତା ଅଭୁତପୂର୍ବ ସ୍ତରରେ ପହଞ୍ଚିବ। ମୁଁ ଖୁସି ଯେ, ସଠିକ୍ ସମୟରେ ସେ ଡବ୍ଲ୍ୟୁପିଏଲରେ ନିବେଶ କରିଛନ୍ତି।

# ଆଇପିଏଲ ଫ୍ରାଞ୍ଚାଇଜ୍ ବିକ୍ରି : ଆରସିବି ପରେ ଆରଆର ମଧ୍ୟ ବିକ୍ରି ହେବା ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ବୃଦ୍ଧି ପାଉଥିବା ଫ୍ରାଞ୍ଚାଇଜ୍ ମୂଲ୍ୟ ମଧ୍ୟରେ, ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପରେ ବର୍ତ୍ତମାନ ଆଉ ଏକ ଟିମ୍ ରାଜସ୍ଥାନ ରୟାଲ୍ସ (ଆରଆର) ମଧ୍ୟ ବିକ୍ରି ପାଇଁ ପ୍ରସ୍ତୁତ ହେଉଥିବା ଖବର ଆସିଛି। ଲକ୍ଷ୍ନୌ ସୁପର ଜିଆଣ୍ଟସ୍ (ଏଲଏସଜି)ର ମାଲିକ ସଞ୍ଜୀବ ଗୋଏଙ୍କାଙ୍କ ଭାଇ ହର୍ଷ ଗୋଏଙ୍କା ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଏହି ସୂଚନା ଦେଇଛନ୍ତି।

"ମୁଁ ଶୁଣିବାକୁ ପାଉଛି ଯେ ଗୋଟିଏ ନୁହେଁ, ବରଂ ଦୁଇଟି ଆଇପିଏଲ୍ ଟିମ୍ - ଆରସିବି ଏବଂ ଆରଆର ବର୍ତ୍ତମାନ ବିକ୍ରି ପାଇଁ ଉପଲବ୍ଧ। ଆଜିର ଉଚ୍ଚ ମୂଲ୍ୟର ଫାଇଦା ଉଠାଇବାକୁ ଲୋକେ ଚାହୁଁଥିବା ସ୍ପଷ୍ଟ ଜଣାପଡୁଛି। ତେଣୁ ଦୁଇଟି ଟିମ୍ ବିକ୍ରି ପାଇଁ ଏବଂ ୪/୫ ଜଣ ସମ୍ଭାବ୍ୟ କ୍ରେତା ! ସଫଳ କ୍ରେତା କିଏ ହେବେ – ପୁଣେ, ଅହମଦାବାଦ, ମୁମ୍ବାଇ, ବେଙ୍ଗାଲୁରୁ କିମ୍ବା ଆମେରିକାରୁ ?" – ହର୍ଷ ଗୋଏଙ୍କା ଲେଖିଛନ୍ତି।

ଆରସିବିର ପ୍ୟାରେଣ୍ଟ କମ୍ପାନୀ ଫ୍ରାଞ୍ଚାଇଜ୍ ବିକ୍ରି ପାଇଁ ପ୍ରାୟ ୨ ବିଲିୟନ ଡଲାର ମୂଲ୍ୟ ଦାବି କରୁଥିବା ରିପୋର୍ଟ କରାଯାଇଛି। ଗତ ଆର୍ଥିକ ବର୍ଷ (ମାର୍ଚ୍ଚ ୩୧, ୨୦୨୫ରେ ଶେଷ)ରେ କମ୍ପାନୀର ମୋଟ ଲାଭର ୮.୩ ପ୍ରତିଶତ କ୍ରୀଡ଼ା ବ୍ୟବସାୟରୁ ଆସିଥିଲା। ଆଦାର ପୁନାୱାଲା ଏହି କ୍ରୀଡ଼ା ବ୍ୟବସାୟ କିଣିବାକୁ ଆଗ୍ରହୀ ଥିବା ଖବର ରହିଛି।

# ପୌରାଞ୍ଚଳ ପରବ ନିମନ୍ତେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ ଠାରେ ପୌରାଞ୍ଚଳ ପରବ ୨୦୨୫ ନିମନ୍ତେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ପୌର ଅଫିସର ଏକାଦଶ ଓ ଚେୟାରମ୍ୟାନ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚେୟାରମ୍ୟାନ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୨୮ ରନ ସଂଗ୍ରହ କରିଥିବା ବେଳେ ୧୨୯ ରନର ଜବାବରେ ଅଫିସର ଦଳ ୧୦୦ ରନରେ ଅଲଆଉଟ ହୋଇଯାଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ସାମ୍ବାଦିକ ଏକାଦଶ ଓ ପୌର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦୪ ରନ ସଂଗ୍ରହ କରିଥିବାବେଳେ ପୌର ଏକାଦଶ ଗୋଟିଏ ୱିକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲେ। ପୌର ଏକାଦଶର ଅଧିନାୟକ ତଥା ଚେୟାରମ୍ୟାନ ନରେନ୍ଦ୍ର ମହାନ୍ତି ଓ ତାଙ୍କ ଦଳ ଚାମ୍ପିଅନ ହାସଲ କରିଥିଲେ।

# ସର୍ବଭାରତୀୟ ବେସାମରିକ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଓଡ଼ିଶା ଖେଳାଳି ଚୟନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପାଟଳୀପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, କଙ୍କଣବାଘ, ପାଟନା ବିହାର ଠାରେ ହେବାକୁ ଥିବା ସର୍ବଭାରତୀୟ ବେସାମରିକ ଦୌଡ଼କୁଦ ପ୍ରତିଯୋଗିତା ଆସନ୍ତା ତା ୧୩.୧୨. ୨୦୨୫ ଠାରୁ ୧୫.୧୨.୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟା (ପୁରୁଷ ଓ ମହିଳା) ଆସନ୍ତା ତା ୩୦.୧୧. ୨୦୨୫ (ରବିବାର), ସକାଳ ୦୯ଟାରେ ୟୁନିଟ୍-୬, ଫୁଟବଲ ପଡ଼ିଆ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ।

ଏହି ପ୍ରତିଯୋଗିତାରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇ ପାରିବେ। ଏହି ଖେଳରେ ଯେଉଁମାନେ ଭାଗ ନେବାକୁ ଚାହାନ୍ତି, ସେମାନେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ / ଅଫିସ ପରିଚୟ ପତ୍ର ସହ ଏକ ପାସପୋର୍ଟ ଫଟୋ ଏବଂ ନିଜର ବିଭାଗ / ଅଫିସରୁ 'ନୋ ଅବଜେକସନ୍ ସାର୍ଟିଫିକେଟ୍' ସାଙ୍ଗରେ ଆଣି ଉକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇ ପାରିବେ। ଅଧିକ ବିବରଣୀ ପାଇଁ ହର ପ୍ରସାଦ ବିଶ୍ୱାଳ (୯୪୩୭୨୨୮୬୮୭), ଦେବୀ ପ୍ରସାଦ ଦାଶ (୯୪୩୮୫୦୬୧୬୮), ଆଲୋକ ସୋରେଙ୍ଗ (୯୭୭୬୨୧୨୯୧୧), ଦେବରାଜ ନାୟକ (୯୧୭୮୩୨୧୯୦୧), ବିକ୍ରମ କୁମାର ସାହୁ (୯୫୮୩୦୪୨୪୬୫) ଏବଂ ଅକ୍ଷୟ କୁମାର ପରିଡ଼ା (୬୩୭୧୪୫୩୩୫୪)ଙ୍କୁ ଯୋଗାଯୋଗ କରିପାରିବେ।

# କରୁଆଁଝରରେ ବ୍ଲକ୍‌ସ୍ତରୀୟ ବାଳବିଜ୍ଞାନ ମେଳା

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ କରୁଆଁଝର ସରକାରୀ ଅପ୍ ଗ୍ରେଡ୍ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ୍ ସ୍ତରୀୟ ବାଳବୈଜ୍ଞାନିକ ପ୍ରଦର୍ଶନୀ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍କୁଲର ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଖପ୍ରାଖୋଲ ଗୋଷ୍ଠି ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ସମ୍ମାନୀତ ଅତିଥି ଭାବରେ ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଳ, ବିଆରସି ରୁଦ୍ର ଦେବ ଷଡ଼ଙ୍ଗୀ, ଏବିଇଓ ମୀନକେତନ ବରିହା, ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇସପାଲ୍ ସୁନା, ବ୍ଲକ୍ ବିଜ୍ଞାନ ସଂଯୋଜୋକ ଓମ୍ ପ୍ରକାଶ ମେହେର, ବିଚାରକ ଭାବରେ ତମିଆଁ ଉଚ୍ଚ ବିଦ୍ୟାଳୟର ଘନଶ୍ୟାମ ହେରନା,




ମନେଇପଦରୁ ଓଁକାର ରଞ୍ଜନ ମିଶ୍ର, ସୋଲ ବନ୍ଧ ଉଚ୍ଚ ବିଦ୍ୟାଳୟର ବିଜୟ କୁମାର ସାହୁ, ରାମପୁର ଉଚ୍ଚ ବିଦ୍ୟାଳୟର ଶ୍ରୀକାନ୍ତ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଆରମ୍ଭରୁ ଗୋଷ୍ଠି ଶିକ୍ଷା ଅଧିକାରୀ ସମସ୍ତ ପ୍ରକଳ୍ପ ଗୁଡ଼ିକ ବୁଲି ଛାତ୍ରଛାତ୍ରୀମାନଙ୍କୁ ପ୍ରକଳ୍ପ ଗୁଡ଼ିକର ଉପକାର ବିଷୟରେ ବର୍ଣ୍ଣନା କରି ପଚାରି ବୁଝି ଥିଲେ । ଏହି ବାଳବୈଜ୍ଞାନିକ ପ୍ରଦର୍ଶନୀ ରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ କୁନି କୁନି ଛାତ୍ରଛାତ୍ରୀମାନେ ନିଜ ନିଜର ଜ୍ଞାନ କୌଶଳର ଉପଯୋଗ କରି ଅନେକ ଉପକରଣଗୁଡିକ ପ୍ରଦର୍ଶନୀରେ ସାମିଲ କରିଥିଲେ ଯାହାକି ଭବିଷ୍ୟତ ଓ ବର୍ତ୍ତମାନର ସମାଜ ପାଇଁ ଏକ ନୂତନ ପରିଚୟ ସୃଷ୍ଟି କରିବ। ତେବେ ଏହି ବାଳବୈଜ୍ଞାନିକ ପ୍ରଦର୍ଶନୀରେ ବ୍ଲକ୍‌ରୁ ୧୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଏଥିମଧ୍ୟରୁ ନିର୍ଣ୍ଣାୟକ ୭ଟି ପ୍ରକଳ୍ପ ଜିଲ୍ଲା ସ୍ତରକୁ ଉନ୍ନୀତ ହେବ ବୋଲି ଜଣାପଡ଼ିଛି। ଏହି ଅବସରରେ ପ୍ରକଳ୍ପ ପ୍ରଦର୍ଶିତ କରିଥିବା ସମସ୍ତ ବିଦ୍ୟାଳୟର ପ୍ରକଳ୍ପ ମାର୍ଗ ଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହିଥିଲେ। ଖପ୍ରାଖୋଲ ହାଇସ୍କୁଲର ତିନିଜଣ ବାଳ-ବୈଜ୍ଞାନିକଙ୍କୁ ମନୋନୀତ କରି ଜିଲ୍ଲା ସ୍ତରକୁ ଯିବାର ସୂଚନା ମିଳିଛି।

# କୁଚ୍ ବିହାରର ଟ୍ରଫିରେ ଭଦ୍ରକରୁ ସ୍ୱୟଂମ୍ଭୁ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ସ୍ତରୀୟ ୧୯ ବର୍ଷରୁ କମ୍ ବାଳକ କ୍ରିକେଟ୍ କୁଚ୍ ବିହାର ଟ୍ରଫି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳରେ ଭଦ୍ରକରୁ ସ୍ୱୟଂମ୍ଭୁ ପଲାଇ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତାଟି ଉତ୍ତରାଖଣ୍ଡର କାଶୀପୁରରେ ୧ ଡିସେମ୍ବରରୁ ଆରମ୍ଭ ହେବ। ଏଥି ନିମନ୍ତେ ଓଡ଼ିଶା କ୍ରିକେଟ ଆଶୋସିଏସନ୍ ତା'ର ଖେଳାଳିଙ୍କ ନାମ ଘୋଷଣା କରିଛି। ତାଙ୍କର ଏହି ସଫଳତା ପାଇଁ ଭଦ୍ରକ ଜିଲ୍ଲା କ୍ରିକେଟ ସଂଘର ସଂପାଦକ ଧିରେନ୍ ପଲାଇ, କୋଷାଧ୍ୟକ୍ଷ ବ୍ୟୋମୋକେଶ ସେନାପତି, ଉପସଭାପତି ଯତିକାନ୍ତ ନାୟକ ଓ ବ୍ରଜନାରାୟଣ ଜେନା ଓ ଉପସାଧାରଣ ସଂପାଦକ ବିଜୟ ଲଖାନୀ ଓ ସୁଦାମ୍ ନାୟକ, ପୂର୍ବତନ ସଭାପତି ଉପେନ୍ଦ୍ର ବାରିକ୍ ପ୍ରମୁଖ ଶୁଭେଚ୍ଛା। ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଚ୍ଚକୋଟୀର ଭଲ ଖେଳ ପ୍ରଦର୍ଶନ କରିବେ ତାଙ୍କର ଶୁଭ ମନାସିଛନ୍ତି।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଆନ୍ତଃ-ରେଳମଣ୍ଡଳ ସାଂସ୍କୃତିକ ପ୍ରତିଯୋଗିତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଡିଭିଜନାଲ କଲଚରାଲ୍ ଆସୋସିଏସନ୍ ଅନୁକୂଲ୍ୟରେ ଆୟୋଜିତ ଆନ୍ତଃ-ରେଳମଣ୍ଡଳ ସାଂସ୍କୃତିକ ପ୍ରତିଯୋଗିତା (ସଙ୍ଗୀତ) - ୨୦୨୫ ଆଜି ଖୋର୍ଦ୍ଧା ରୋଡସ୍ଥିତ ରେଲୱେ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଉଜ୍ଜ୍ୱଳ ସଙ୍ଗୀତ ପ୍ରତିଭା ପ୍ରଦର୍ଶନ କରାଯାଇଥିଲା।

ଖୋର୍ଦ୍ଧା ରୋଡ, ସମ୍ବଲପୁର ଓ ୱାଲଟିୟର ରେଳ ମଣ୍ଡଳର ସାଂସ୍କୃତିକ ଦଳଗୁଡ଼ିକ ସହିତ ରେଳପଥ ମୁଖ୍ୟାଳୟ ଏବଂ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାର ସାଂସ୍କୃତିକ ଦଳଗୁଡ଼ିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ବିଭିନ୍ନ ପ୍ରକାରର ସଙ୍ଗୀତ ପ୍ରଦର୍ଶନ କରିଥିଲେ, ଯାହା ରେଳବାଇ ଭାଇଚାରା ମଧ୍ୟରେ ସମୃଦ୍ଧ ସାଂସ୍କୃତିକ ବିବିଧତାକୁ ପ୍ରତିଫଳିତ କରିଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି




ଭାବରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହେରା ଯୋଗଦାନ କରିଥିବାବେଳେ ଅନ୍ୟତମ ଅତିଥି ଭାବରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମହିଳା କଲ୍ୟାଣ ସଂଗଠନର ଉପ ସଭାପତି ଲିନାଶ୍ରୀ ବେହେରା ଏବଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଦିବ୍ୟଜ୍ୟୋତି ମଣ୍ଡଳ ସାମିଲ ହୋଇଥିଲେ।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଶ୍ରୀ ବେହେରା ରେଳମଣ୍ଡଳ ସାଂସ୍କୃତିକ ସଂଗଠନର ପ୍ରୟାସ ଏବଂ ଅଂଶଗ୍ରହଣକାରୀମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପ୍ରଶଂସା କରିଥିଲେ। ବିଭିନ୍ନ ବିଭାଗରେ ସମନ୍ୱୟ, ପ୍ରେରଣା ଏବଂ ଏକ ସକାରାତ୍ମକ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବାରେ ଏପରି କାର୍ଯ୍ୟକ୍ରମର ଭୂମିକା ଉପରେ ମଧ୍ୟ ଶ୍ରୀ ବେହେରା ଗୁରୁତ୍ୱାରୋପ କରିଥିଲେ।

ଏହି କାର୍ଯ୍ୟକ୍ରମଟି ରେଳମଣ୍ଡଳ ସାଂସ୍କୃତିକ ସଂଗଠନର କାର୍ଯ୍ୟନିର୍ବାହୀ ସଚିବ ତଥା ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର.ଏନ.ଏ. ପରିଡ଼ାଙ୍କ ଉଦ୍‌ଘାଟନୀ ଅଭିଭାଷଣ ସହିତ ଆରମ୍ଭ ହୋଇଥିଲା ଯେଉଁଥିରେ ସୃଜନଶୀଳତା, ଏକତା ଏବଂ କର୍ମଚାରୀ କଲ୍ୟାଣକୁ ପ୍ରୋତ୍ସାହିତ କରିବାରେ ସାଂସ୍କୃତିକ କାର୍ଯ୍ୟକଳାପର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା।

ବିଭିନ୍ନ ସଂଗୀତ ବର୍ଗର ବିଜେତାମାନଙ୍କୁ ସେମାନଙ୍କର ଅସାଧାରଣ ପ୍ରତିଭା ଏବଂ ଅବଦାନ ପାଇଁ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କର୍ମଚାରୀମାନଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ଉତ୍ସାହିତ କରିଆସୁଥିବାବେଳେ ଦଳଗତ ମନୋଭାବକୁ ସୁଦୃଢ଼ କରି ପୂର୍ବତଟ ରେଳପଥର ସାଂସ୍କୃତିକ ଗଠନକୁ ମଜଭୁତ କରୁଛି।

# ରାଜ୍ୟଗୋଷ୍ଠୀ ୨୦୩୦ରୁ ଅଲିମ୍ପିକ୍ସ ଆକାଂକ୍ଷା ପର୍ଯ୍ୟନ୍ତ : କ୍ରୀଡ଼ା ଜଗତରେ ଭାରତର ଉତ୍ଥାନ



ଡକ୍ଟର ମନସୁଖ ମାଣ୍ଡଭୀୟ
କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା, ଶ୍ରମ ଓ ନିୟୋଜନ ମନ୍ତ୍ରୀ

୨୦୩୦ ମସିହାର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତ ଆୟୋଜନ କରିବ ବୋଲି ୨୬ ନଭେମ୍ବର ୨୦୨୫, ବୁଧବାର ଦିନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂଗଠନ ଆନୁଷ୍ଠାନିକ ଭାବରେ ଘୋଷଣା କରିଥିଲା। ଏହାକୁ ଦେଶର କ୍ରୀଡ଼ା ପ୍ରଗତି ଯାତ୍ରାର ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ବୋଲି ବିବେଚନା କରାଯାଇପାରେ। ଏହି କ୍ରୀଡ଼ାର ଆୟୋଜନ କରିବା ଏକ ମର୍ଯ୍ୟାଦାଜନକ ଅଧିକାର ଠାରୁ ଢେର କିଛି। ଏହାକୁ ଭାରତ ଯେ କୌଣସି ବୈଶ୍ୱିକ ଆନ୍ତର୍ଜାତିକ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରିବା ସକାଶେ ଏକ ନିର୍ଭରଯୋଗ୍ୟ ତଥା ବିଶ୍ୱସନୀୟ ରାଷ୍ଟ୍ର ଭାବେ ସ୍ୱୀକୃତି ପ୍ରଦାନ ବୋଲି ମଧ୍ୟ ଗ୍ରହଣ କରାଯାଇପାରେ। ଭାରତ ଏଥିସହିତ ୨୦୩୬ ମସିହାର ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ କରିବାର ଏକ ଦାବିଦାର ରୂପେ ମଧ୍ୟ ତା'ର ଦୀର୍ଘକାଳୀନ ମହତ୍ୱାକାଂକ୍ଷା ଜାରି ରଖିଛି।

ଅନ୍ତରାଷ୍ଟ୍ରୀୟ କ୍ରୀଡ଼ା ସମ୍ପ୍ରଦାୟ ନିମନ୍ତେ ଏଭଳି ଘୋଷଣା ଏକ ବାସ୍ତବତାକୁ ପୁନଃପ୍ରକଟ କରିଥାଏ ଏବଂ ତାହା ହେଉଛି, ଗତ ଏକ ଦଶନ୍ଧି ଧରି ଭାରତ ନିରବଚ୍ଛିନ୍ନ ଭାବରେ ଏ ଦିଗରେ ଆଗକୁ ଅଗ୍ରସର ହେଉଛି। ବର୍ତ୍ତମାନ ଭାରତ ସାରା ବିଶ୍ୱରେ ଏକ ନିର୍ଭରଯୋଗ୍ୟ, ଉଚ୍ଚ କ୍ଷମତାସମ୍ପନ୍ନ ଏବଂ କ୍ରୀଡ଼ା କୈନ୍ଦ୍ରିକ ଆୟୋଜକ ଭାବରେ ମୁଣ୍ଡ ଟେକିଛି। ଏଥିସହ ଭାରତ ବ୍ୟାପକତା, ସକ୍ରିୟତା ଏବଂ ଆତିଥ୍ୟ ସହିତ ବିଶ୍ୱସ୍ତରୀୟ ମାନର ଆୟୋଜନ କରିବାକୁ ମଧ୍ୟ ସକ୍ଷମ ହୋଇପାରିଛି। ନିକଟରେ ଆନ୍ତର୍ଜାତିକ ପାରାଅଲିମ୍ପିକ କମିଟିର ଅଧ୍ୟକ୍ଷ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ କାର୍ଯ୍ୟକ୍ରମ ଅବସରରେ ଭାରତର ଆୟୋଜକ ଉତ୍କର୍ଷତା, ଦକ୍ଷତା ଏବଂ ପାରା-କ୍ରୀଡ଼ା କ୍ଷେତ୍ରରେ ଦେଶର ଦ୍ରୁତ ପ୍ରଗତିକୁ ଉଚ୍ଚ ପ୍ରଶଂସା କରିଥିଲେ। ଭାରତର ଏଭଳି ସୁବିଧା, ମେଡିକାଲ ସହାୟତା, ପ୍ରତିଯୋଗିତା ପରିଚାଳନା ଏବଂ ସାମଗ୍ରିକ କ୍ରୀଡ଼ା ଅନୁଭୂତିକୁ ମଧ୍ୟ ସେ ଉଚ୍ଚ ପ୍ରଶଂସା କରିଛନ୍ତି।

ଅନୁରୂପ ଭାବରେ, ବିଶ୍ୱ ବକ୍ସିଂ ସଂଗଠନର ଅଧ୍ୟକ୍ଷ ନିକଟରେ ଭାରତ ଗସ୍ତରେ ଆସିଥିବାବେଳେ ବିଶ୍ୱ ବକ୍ସିଂ ଫାଇନାଲରେ ଅଂଶଗ୍ରହଣ କରି ଭାରତକୁ ବିଶ୍ୱ ବକ୍ସିଂ କ୍ରୀଡ଼ାର ଏକ ପ୍ରମୁଖ ସ୍ତମ୍ଭ ଭାବରେ ବର୍ଣ୍ଣନା କରିଥିଲେ। ଭାରତର ପେସାଦାର ପରିଚାଳନା ଏବଂ ଆୟୋଜନ କ୍ଷମତା ଓ ଦକ୍ଷତାକୁ ମଧ୍ୟ ସେ ତାରିଫ କରିଥିଲେ। ଅନ୍ତରାଷ୍ଟ୍ରୀୟ ସ୍ତରରୁ ଭାରତ ସପକ୍ଷରେ ଏଭଳି ମତ ମନ୍ତବ୍ୟ ଦେଶର କ୍ରୀଡ଼ା ସାମର୍ଥ୍ୟ ସପକ୍ଷରେ ମଜଭୁତ ସମର୍ଥନ ବୋଲି ବିବେଚନା କରାଯାଇପାରେ। ବର୍ତ୍ତମାନ କ୍ରୀଡ଼ା କ୍ଷେତ୍ରରେ ଭାରତ ଏଭଳି ସ୍ଥିତିରେ ପହଞ୍ଚିଛି, ଯେତେବେଳେ ବିଶ୍ୱ କ୍ରୀଡ଼ା ଜଗତ ଅତି ଉଚ୍ଚମାନର କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରିବାରେ ଭାରତ ଉପରେ ବିନା ସଂକୋଚନରେ ନିର୍ଭର କରାଯାଇପାରେ ବୋଲି ପ୍ରମାଣିତ ହୁଏ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କରାଯାଇଥିବା ପ୍ରୟାସର ଏହା ଯେ ଫଳଶ୍ରୁତି ତାହା ସ୍ୱତଃସିଦ୍ଧ। କେବଳ କ୍ରୀଡ଼ା କ୍ଷେତ୍ରରେ ନୁହେଁ, ଅର୍ଥନୀତି କ୍ଷେତ୍ରରେ ମଧ୍ୟ ଏହା ପ୍ରମାଣିତ ହୋଇଛି। ବର୍ତ୍ତମାନ ଦେଶର ମାକ୍ରୋ ଇକୋନୋମିକ ସ୍ଥିରତା, ବୈଶ୍ୱିକ ସ୍ତରରେ ଆର୍ଥିକ ରେଙ୍କିଙ୍ଗରେ କ୍ରମାଗତ ଭାବରେ ମାନବୃଦ୍ଧି ଏବଂ ସୁଦୃଢ଼ ଆର୍ଥିକ ସ୍ଥିତି ଯୋଗୁଁ ସରକାର କ୍ରୀଡ଼ା ଭିତ୍ତିଭୂମିର ବିକାଶ ସକାଶେ ଏତେ ବିପୁଳ ପରିମାଣର ପୁଞ୍ଜି ନିବେଶ କରିବା ସକ୍ଷମ ହୋଇପାରିଛନ୍ତି, ଯାହାକି ପୂର୍ବରୁ କେବେ ସମ୍ଭବପର ହୋଇନଥିଲା। ଉଦାହରଣ ସ୍ୱରୂପ ୨୦୧୩-୧୪ ବର୍ଷରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପାଇଁ ବଜେଟ ପରିମାଣ ଥିଲା ୧,୦୯୩ କୋଟି ଟଙ୍କା। ୨୦୨୫-୨୬ ମସିହାରେ ତାହା ଆସି ୩,୭୯୪ କୋଟି ଟଙ୍କା ଛୁଇଁଛି, ଯାହାକି ମାତ୍ର ଏକ ଦଶନ୍ଧି ମଧ୍ୟରେ ପ୍ରାୟ ୨୫୦ ପ୍ରତିଶତ ଅଭିବୃଦ୍ଧି ବୋଲି ସୂଚୀତ ହୁଏ।

ନିବେଶ କ୍ଷେତ୍ରରେ ଏତେ ପରିମାଣ ବୃଦ୍ଧି, ଦେଶବ୍ୟାପୀ କ୍ରୀଡାର ଉତ୍ଥାନକୁ ତ୍ୱରାନ୍ୱିତ କରିଛି। ଖେଲୋ ଇଣ୍ଡିଆ ଏବଂ ଅସ୍ମିତା ମହିଳା ଲିଗ ଭଳି ଉପକ୍ରମ ଜରିଆରେ ରାଜ୍ୟମାନଙ୍କରେ ତୃଣମୂଳ ସ୍ତରରୁ ଏଭଳି ବିକାଶ ସମ୍ପ୍ରସାରିତ ହୋଇଛି। ଏହା ବ୍ୟତୀତ ଦେଶବ୍ୟାପୀ ଅଧୁନା ୧୦୫୦+ରୁ ଅଧିକ ଖେଲୋ ଇଣ୍ଡିଆ କେନ୍ଦ୍ର ସ୍ଥାପନ କରାଯାଇଛି ଯାହା ଜିଲ୍ଲାସ୍ତରରେ କୋଚିଂ ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଉଛି। ଅନୁରୂପ ଭାବେ, ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ ଏବଂ ନୂତନ ଭାବରେ କାର୍ଯ୍ୟକାରୀ କରାଯାଇଥିବା ଟାର୍ଗେଟ ଏସିଆନ ଗେମ୍ସ ଗ୍ରୁପ ଜରିଆରେ ଭାରତ ଏକ ମଜବୁତ ଉଚ୍ଚପ୍ରଦର୍ଶନ ମାର୍ଗ ବିକଶିତ କରିଛି, ଯାହା ଅତି ଉଚ୍ଚ ମାନଯୁକ୍ତ ତାଲିମ, କ୍ରୀଡ଼ା ବିଜ୍ଞାନ, ପୋଷଣ ଏବଂ ବିଶ୍ୱ ସ୍ତରର ସୁବିଧା ସୁଯୋଗ ପ୍ରଦାନ କରେ। ଇତିମଧ୍ୟରେ ଦେଶରେ କ୍ରୀଡ଼ା ଭିତ୍ତିଭୂମିର ଅଭୂତପୂର୍ବ ପ୍ରଗତି ଘଟିଛି ଏବଂ ଦେଶବ୍ୟାପୀ ପ୍ରାୟ ୩୫୦ରୁ ଅଧିକ ପ୍ରମୁଖ କ୍ରୀଡ଼ା ମୈଦାନ ନିର୍ମାଣ କରାଯାଉଛି, ଯାହାକି ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନର ନିର୍ଭରଯୋଗ୍ୟ ବାତାବରଣ ସୃଷ୍ଟି କରିବ। ଏଭଳି ଭିତ୍ତିଭୂମିର ବିକାଶ, କେବଳ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ପୋଷଣୀୟ ଏବଂ ଦୀର୍ଘସ୍ଥାୟୀ କ୍ରୀଡ଼ା ବିକାଶକୁ ମଜଭୁତ କରେ। ପରିମାଣତଃ ଭାରତ କ୍ରୀଡ଼ା, ତାଲିମ, ପ୍ରତିଯୋଗିତା ଏବଂ ଭବିଷ୍ୟତର କ୍ରୀଡ଼ା ଆବଶ୍ୟକତା ପାଇଁ ଦଶନ୍ଧି ଦଶନ୍ଧିର ମାର୍ଗ ପ୍ରସ୍ତୁତ କରେ।

ଯେକୌଣସି ବୈଶ୍ୱିକ କ୍ରୀଡ଼ା କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଭାରତର ପ୍ରଶଂସନୀୟ ପୂର୍ବାନୁଭୂତି ଓ ପ୍ରମାଣିକତା ରହିଛି। ଗତ ଏକ ଦଶନ୍ଧି ମଧ୍ୟରେ ଦେଶ ୨୨ଟି ଅନ୍ତରାଷ୍ଟ୍ରୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରିଛି ଯାହା ଦେଶର ୨୦ରୁ ଅଧିକ ସହରରେ ଆୟୋଜନ ହୋଇଛି। ତାହା ହକି ବିଶ୍ୱ କପଠାରୁ ଆରମ୍ଭ କରି ଚେସ୍, ଅଲିମ୍ପିଆଡ, ଫିଫା ଅଣ୍ଡର-୧୭ ବିଶ୍ୱକପ, ବିଶ୍ୱ ପାରା ଆଥ୍ଲେଟିକ୍ସ ଚାମ୍ପିଅନସିପ୍ ଏବଂ ଆଇସିସି ପୁରୁଷ ଓ ମହିଳା କ୍ରିକେଟ ବିଶ୍ୱକପ ପ୍ରତିଯୋଗିତା ସାମିଲ। ପ୍ରତ୍ୟେକ ପ୍ରତିଯୋଗିତା ଭାରତର କ୍ରୀଡ଼ା ଆୟୋଜନର ସାମର୍ଥ୍ୟ ଓ ମର୍ଯ୍ୟାଦାକୁ ସୁଦୃଢ଼ ଓ ସମ୍ପ୍ରସାରିତ କରିଛି ଯେ ଭାରତ ଅତି ନିଖୁଣ ଏବଂ ଶୃଙ୍ଖଳିତ ଭାବରେ ଉଭୟ କ୍ରୀଡାବିତ ଓ ଅଫିସିଆଲମାନଙ୍କୁ ନିରାପତ୍ତା, ପେସାଦାରୀ ଗୁଣବତ୍ତା ଏବଂ ସାଂସ୍କୃତିକ ଉଷ୍ମତା ଯୋଗାଇବାକୁ ସକ୍ଷମ। ବିଶ୍ୱ ପୁଲିସ ଏବଂ ଅଗ୍ନିଶମ ବାହିନୀ ଗେମ୍ସ ଯାହାକି ୨୦୨୯ ମସିହାରେ ଆୟୋଜିତ ହେବାକୁ ଯାଉଛି। ଏଥିସହ ଭାରତ ଆହୁରି ଅଧିକ ମାତ୍ରାରେ ନିଜକୁ ବିବିଧ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନରେ ସୁପ୍ରତିଷ୍ଠିତ କରିବ ଏବଂ ତାହା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ୨୦୩୦ ଅଧିକ ପରିଷ୍କାର ପଥ ଉନ୍ମୋଚନ କରିବ।

ଏହିସବୁ ବୈପ୍ଳବିକ ପରିବର୍ତ୍ତନ ଓ ଉନ୍ନତିର ପଛରେ ରହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ଓ ଦୂରଦର୍ଶୀ ନେତୃତ୍ୱ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କ୍ରୀଡ଼ାକୁ ଜାତୀୟ ଅଗ୍ରାଧିକାର ପ୍ରଦାନ କରିଛନ୍ତି ଏବଂ ଏହାକୁ ବିକଶିତ ଭାରତ ୨୦୪୭ର ବୃହତ୍ତର ପରିକଳ୍ପନା ସହିତ ସଂଯୋଗ କରିଛନ୍ତି। ଖେଲୋ ଭାରତ ନୀତି, ଜାତୀୟ କ୍ରୀଡ଼ା ଗଭର୍ଣ୍ଣାନ୍ସ ଆଇନ ୨୦୨୫ ଭଳି ନୀତିଗତ ସଂସ୍କାର କାର୍ଯ୍ୟକ୍ରମ, କ୍ରୀଡ଼ା ପ୍ରଶାସନ ଢାଞ୍ଚାରେ ଆମୂଳଚୂଳ ପରିବର୍ତ୍ତନ ଘଟାଇଛି, ସ୍ୱଚ୍ଛତାକୁ ପ୍ରୋତ୍ସାହନ ଯୋଗାଇଛି ଏବଂ ପ୍ରଥମେ କ୍ରୀଡ଼ାବିତ୍ ଆଭିମୁଖ୍ୟକୁ ମଜଭୁତ କରିଛି ଏବଂ ଏହି ସମସ୍ତ ପଦକ୍ଷେପରେ ବୈଶ୍ୱିକ ଶ୍ରେଷ୍ଠ କାର୍ଯ୍ୟାନ୍ୱୟନକୁ ସଂଯୋଜିତ କରାଯାଇଛି। ଏହି ସବୁ ସଂସ୍କାର ଭାରତର ମର୍ଯ୍ୟାଦାକୁ ଅନ୍ତରାଷ୍ଟ୍ରୀୟ କ୍ରୀଡ଼ା ମହାସଂଘ ଦୃଷ୍ଟିରେ ସୁଦୃଢ଼ କରିଛି ଏବଂ ଦେଶକୁ ଏକ ସକାରାତ୍ମକ ଏବଂ ଦାୟିତ୍ୱସମ୍ପନ୍ନ ହିତଧାରକ ଭାବରେ ବୈଶ୍ୱିକ କ୍ରୀଡ଼ା ବ୍ୟବସ୍ଥା ଦୃଷ୍ଟିରେ ମଧ୍ୟ ସୁପ୍ରତିଷ୍ଠିତ କରିପାରିଛି।

ତେଣୁ ୨୦୩୦ ମସିହାର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଭାବରେ ଭାରତର ନାମ ଘୋଷଣା କେବଳ ଏକକ ଘଟଣା ନୁହେଁ, କିମ୍ବା ଏକକ ସଂସ୍କାର ଅବା ଏକକ ସଫଳତା ନୁହେଁ। ଭିତ୍ତିଭୂମି କ୍ଷେତ୍ରରେ ଦୀର୍ଘ ବର୍ଷର ପୋଷଣୀୟ ପୁଞ୍ଜି ନିବେଶର ଏହା ଫଳଶ୍ରୁତି। କ୍ରୀଡ଼ା ବିକାଶ, ତୃଣମୂଳ ସ୍ତରରୁ ସମସ୍ତଙ୍କ ସହଯୋଗ ଓ ଅଂଶଗ୍ରହଣ ପ୍ରଶାସନିକ ସଂସ୍କାର ଏବଂ କ୍ରୀଡ଼ା ବାତାବରଣ ସୁଦୃଢ଼ୀକରଣ ପ୍ରୟାସର ପରିଣାମ। ଭାରତର ବ୍ୟବସ୍ଥା, ଅନୁଷ୍ଠାନ ଓ ଦକ୍ଷତା ଗଢ଼ିବା ସକାଶେ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସରକାରଙ୍କ ଦଶନ୍ଧିବ୍ୟାପୀ ପ୍ରତିବଦ୍ଧତାର ଏହା ଜ୍ୱଳନ୍ତ ପ୍ରମାଣ ଯାହାକି ଭାରତକୁ ଏବେ ସାମଗ୍ରିକ ଭାବରେ ବିଶ୍ୱର କ୍ରୀଡ଼ାମାନଚିତ୍ରରେ ସବୁଠାରୁ ଅନୁକୂଳ ସ୍ଥିତିରେ ଅବସ୍ଥାପିତ କରିଛି।

ଭାରତ କୌଣସି ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ସକାଶେ ପ୍ରସ୍ତୁତ ହେଉନାହିଁ, ବରଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ସାରିଛି। ଗତ ଏକ ଦଶନ୍ଧି ମଧ୍ୟରେ ଦେଶ ସୀମିତ ସମ୍ବଳ ଅବସ୍ଥାରୁ ଅନେକ ପରିଣାମର ସହିତ ବୈଶ୍ୱିକ କୀର୍ତ୍ତିମାନ, ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ନିରବଚ୍ଛିନ୍ନ ଅନ୍ତରାଷ୍ଟ୍ରୀୟ କାର୍ଯ୍ୟଦକ୍ଷତା ଏବଂ ଢାଞ୍ଚାଗତ କ୍ରୀଡ଼ା ବାତାବରଣ ସୃଷ୍ଟି ଜରିଆରେ ଦେଶର ପ୍ରତ୍ୟେକ କ୍ଷେତ୍ରରେ ଏହାର ବିକାଶ ଘଟାଇଛି। ୨୦୩୦ ମସିହାର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଘୋଷଣା ସେହି ମୁହୂର୍ତ୍ତର ପ୍ରତୀକ, ଯେତେବେଳେ ବିଶ୍ୱ ଭାରତର ଏହି ପରିବର୍ତ୍ତନଗତ ପ୍ରଗତିକୁ ଆନୁଷ୍ଠାନିକ ସ୍ୱୀକୃତି ଜଣାଇଛି।

ଭାରତ ଏବେ ପ୍ରସ୍ତୁତ- ଆର୍ଥିକ, ଆନୁଷ୍ଠାନିକ ଏବଂ କ୍ରୀଡ଼ାତ୍ମକ ଦୃଷ୍ଟିରୁ ବୈଶ୍ୱିକ ସ୍ତରରେ ନିଜର ସେହି ସଫଳତାର ଔଜ୍ଜ୍ୱଲ୍ୟକୁ ପ୍ରଦର୍ଶିତ କରି ନିଜକୁ ଏକ କ୍ରୀଡ଼ା ସମର୍ଥ ରାଷ୍ଟ୍ର ଭାବରେ ଆଗକୁ ଆଗେଇନେବ।





## ଯାଜପୁର ଜିଲ୍ଲା ପରିଷଦର ସପ୍ତମ ସାଧାରଣ ବୈଠକ

# ଜିଲ୍ଲାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି




**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଷଷ୍ଠ ଜିଲ୍ଲା ପରିଷଦର ସପ୍ତମ ସାଧାରଣ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାଂସଦ, ଲୋକସଭା, ଡା. ରବୀନ୍ଦ୍ର ନାରାୟଣ ବେହେରା, ସାଂସଦ ରାଜ୍ୟସଭା ସୁଲତା ଦେଓ, ବିଧାୟକ, ବଡ଼ଚଣା ଅମର ନାୟକ, ବିଧାୟିକା, ଯାଜପୁର ସୁଜାତା ସାହୁ, ବିଧାୟକ, ଧର୍ମଶାଳା ହିମାଂଶୁ ଶେଖର ସାହୁ, ତରୁଣ ବିଧାୟକ ବରୀ ବିଶ୍ୱରଂଜନ ମଲ୍ଲିକ, ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା ପରିଷଦ ଉପ ସଭାପତି ଗଣେଶ୍ୱର ବରାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଲୋକସଭା ସାଂସଦ ଡା. ବେହେରା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶ୍ରେଣୀ ଗୃହ ନିଅଣ୍ଟ ଥିବାରୁ ତାହାର ଚିଠା ପ୍ରସ୍ତୁତ କରି ସରକାରଙ୍କ ପାଖରେ ଦାଖଲ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ମହତାବ ଓ ଅହିୟାସ ହାଇସ୍କୁଲ ଭିତ୍ତିଭୂମି ଉନ୍ନତ କରିବାକୁ କହିଥିଲେ । ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇ ବଡ଼ଚଣା - ଦର୍ପଣୀ ରୋଡ୍ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସାରିବା, କୃଷ୍ଣଦାସପୁର - ରତ୍ନଗିରି, ଲଳିତଗିରି - ରତ୍ନଗିରି ରୋଡ ଭବିଷ୍ୟତରେ ବ୍ୟସ୍ତବହୁଳ ହେବାକୁ ଥିବାରୁ ସମୟୋଚିତ ପଦକ୍ଷେପ ଗ୍ରହଣ କରି ଡି.ପି.ଆର ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ପାନୀୟ ଜଳ ଯୋଗାଣ ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଖରାଦିନ ପୂର୍ବରୁ ସମସ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଅଧିକ୍ଷଣ ଯନ୍ତ୍ରୀ, ଜଳ ଯୋଗାଣ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟିକା, ଯାଜପୁର ସୁଜାତା ସାହୁ ଦଶରଥପୁର ବ୍ଲକ, ମଙ୍ଗଳପୁର ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ଖନନ ତୁରନ୍ତ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଓ ଆବଶ୍ୟକ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଧାୟକ, ଧର୍ମଶାଳା ହିମାଂଶୁ ଶେଖର ସାହୁ, ବିଧାୟକ ବରୀ ବିଶ୍ୱରଂଜନ ମଲ୍ଲିକ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକରେ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଜିଲ୍ଲା ପରିଷଦ ବୈଠକରେ କୃଷିକୁ ଗୁରୁତ୍ୱଦେଇ ସାର, ବିହନ ଯୋଗାଣ, ଶୀତଳ ଭଣ୍ଡାର ନିର୍ମାଣ ଆଦି ବିଷୟରେ ଆଲୋଚନା କରିବାକୁ ପ୍ରସ୍ତାବ ରଖିଥିଲେ । ଜିଲ୍ଲାପାଳ ଅମ୍ବର କୁମାର କର ଜିଲ୍ଲାପରିଷଦର ବିଭିନ୍ନ କମିଟି ପୁନଃ ଗଠନ କରିବା, ବ୍ଲକୱାରୀ ନିଅଣ୍ଟ ଶ୍ରେଣୀ ଥିବା ସ୍କୁଲ ଗୁଡ଼ିକର ତାଲିକା ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଥିବା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିର୍ମାଣାଧୀନ ଥିବା ଗୃହ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଉକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳ ଯୋଗାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ବିଭାଗର ଜନନୀ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ, ଆୟୁଷ୍ମାନ ଯୋଜନା, ଅନ୍ଧତ୍ୱ ଦୂରୀକରଣ, ଜାତୀୟ ଯକ୍ଷ୍ମା ନିରାକରଣ, କୁଷ୍ଠ ନିରାକରଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାକୁ ଆଗେଇ ନେଇଥିଲେ । ଜିଲ୍ଲା ପରିଷଦ ଉପ ସଭାପତି ଗଣେଶ୍ୱର ବରାଳ ଶେଷରେ ଧନ୍ୟବାଦ ଉପସ୍ଥାପନ କରିଥିଲେ ।

## ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପ

# ପୂର୍ବ-ପଶ୍ଚିମ ଓଡ଼ିଶା ସଂଯୋଗୀକରଣରେ ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୩୦୧ କିମି ଦୈର୍ଘ୍ୟ ବିଶିଷ୍ଟ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ନୂତନ ରେଳ ଲାଇନ ଓଡ଼ିଶାର ଏକ ପରିବର୍ତ୍ତନଶୀଳ ପ୍ରକଳ୍ପ ଭାବରେ ଭିତ୍ତିଭୂମି ଉନ୍ନତିକରଣ ପାଇଁ ପ୍ରସ୍ତୁତ ହେଉଛି, ଯାହା ଉପକୂଳ ଓଡ଼ିଶାକୁ ଏହାର ପଶ୍ଚିମ ଅଞ୍ଚଳ ସହିତ ସଂଯୋଗ କରିବ । ଏହି ଲାଇନ ନୟାଗଡ଼, ବୌଦ୍ଧ, ସୋନପୁର ଏବଂ ବଲାଙ୍ଗୀର ଜିଲ୍ଲା ପାଇଁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ ଯାହା ଆଞ୍ଚଳିକ ବାଣିଜ୍ୟକୁ ସୁଦୃଢ଼ କରିବା ସହିତ ସନ୍ତୁଳିତ ସାମାଜିକ-ଆର୍ଥିକ ବିକାଶକୁ ସମର୍ଥନ କରିବ ।

ଏହି ପ୍ରକଳ୍ପଟି ଦୁର୍ଗମ ଭୂମି, ବିଶେଷକରି ଦଶପଲ୍ଲା ଏବଂ ବୌଦ୍ଧ ମଧ୍ୟରେ ହୋଇଥିବାରୁ, ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ ଆବଶ୍ୟକ । ମୁଖ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରେ ଅନେକ ସୁଡ଼ଙ୍ଗ, ଭାୟାଡାକ୍ଟ, ଗଭୀର କଟିଂ ଏବଂ ଉଚ୍ଚ ବନ୍ଧ ଅନ୍ତର୍ଭୁକ୍ତ ଯାହା ଟ୍ରେନର ନିରାପଦ ଏବଂ ସହଜ ଗତିବିଧି ନିଶ୍ଚିତ କରିବ । ପରିବେଶଗତ କ୍ଷତିକୁ କମ୍ କରିବା ପାଇଁ ଅନେକ ସୁଡ଼ଙ୍ଗ ନିର୍ମାଣାଧୀନ ଥିବାବେଳେ ଦୀର୍ଘ ଭାୟାଡାକ୍ଟ ଉପତ୍ୟକା, ନଦୀ ଏବଂ ସମ୍ବେଦନ-ଶୀଳ ଜଙ୍ଗଲ ଅଞ୍ଚଳ ଦେଇ ନିରାପଦ ପଥ ସୁନିଶ୍ଚିତ କରିବ ।

ଏହି ପ୍ରକଳ୍ପର ଏକ ନିର୍ଣ୍ଣାୟକ ବୈଶିଷ୍ଟ୍ୟ ହେଉଛି ଆଗାମୀ ଭୁତାଙ୍ଗ ଜଳସେଚନ ପ୍ରକଳ୍ପ ଜଳଭଣ୍ଡାର ସହିତ ସଂଲଗ୍ନ ହେବା ପାଇଁ ନିର୍ମିତ ଭାରତର ଦ୍ୱିତୀୟ ଦୀର୍ଘତମ ରେଳ ଭାୟାଡାକ୍ଟ ନିର୍ମାଣ ।

ଏହି ପ୍ରକଳ୍ପର ଏକ ନିର୍ଣ୍ଣାୟକ ବୈଶିଷ୍ଟ୍ୟ ହେଉଛି ଆଗାମୀ ଭୁତାଙ୍ଗ ଜଳସେଚନ ପ୍ରକଳ୍ପ ଜଳଭଣ୍ଡାର ସହିତ ସଂଯୁକ୍ତ ହେବା ପାଇଁ ନିର୍ମିତ ଭାରତର ଦ୍ୱିତୀୟ ଦୀର୍ଘତମ ରେଳବାଇ ଭାୟାଡକ୍ଟ ନିର୍ମାଣ । ପ୍ରମୁଖ ବିଶେଷତ୍ୱ - ଭୁତାଙ୍ଗ ଜଳସେଚନ ପ୍ରଣାଳୀ ଉପରେ ଭାୟାଡକ୍ଟ (ବୁଗୁଡ଼ା-ବାଣିଗୋଛା ସେକ୍ସନ)

ଲମ୍ବ : ୪.୭୭୮ କିଲୋମିଟର, ଏହା ସମ୍ପୂର୍ଣ୍ଣ ହେବା ପରେ ଭାରତର ଦ୍ୱିତୀୟ ସବୁଠାରୁ ଲମ୍ବା ରେଳ ଭାୟାଡକ୍ଟ ହେବାକୁ ଯାଉଛି । ସ୍ଥାନ : ଏହା ନୟାଗଡ ଜିଲ୍ଲାର ବୁଗୁଡ଼ା ଏବଂ ବାଣିଗୋଛା ଷ୍ଟେସନକୁ ସଂଯୋଗ କରେ, ଯାହା ଭବିଷ୍ୟତର ଭୁତାଙ୍ଗ ଜଳଭଣ୍ଡାରକୁ ବ୍ୟାପୀ ରହିଛି । ଏହାର ଗଠନ ୧୮୨ଟି ସ୍ପାନ୍ ଯାହାର ଉଚ୍ଚତମ ପିଅର୍ ୨୬ ମିଟର ଉଚ୍ଚ ରହିଛି ।

ଡିଜାଇନ୍ : ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ପ୍ରତି ବାଧା ଏଡାଇବା ପାଇଁ କଷ୍ଟକର ପାହାଡିଆ ଭୂମି ଉପରେ ଉଚ୍ଚ ସଂରଚନା କରାଯାଇଛି ।

ପ୍ରଯୁକ୍ତିବିଦ୍ୟା: ଗତି, ସ୍ଥିରତା ଏବଂ ସର୍ବନିମ୍ନ ପରିବେଶଗତ ପ୍ରଭାବ ସୁନିଶ୍ଚିତ କରିବା ପାଇଁ ଉନ୍ନତ ନିର୍ମାଣ ପଦ୍ଧତି ଗ୍ରହଣ କରାଯାଇଛି ।

ଅନ୍ୟ ପଟେ ଯଦି ଦେଖିବା ଏହି ପ୍ରକଳ୍ପରେ ହାତୀ ଅଣ୍ଡରପାସ୍ ଏବଂ ଓଭରପାସ୍, ବନ୍ୟପ୍ରାଣୀ କରିଡ଼ର ଏବଂ ହାତୀ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ଅବାଧ ଗତିବିଧି ସୁନିଶ୍ଚିତ କରିବା ପାଇଁ ବନ କର୍ତ୍ତୃପକ୍ଷଙ୍କ ପରାମର୍ଶରେ ଡିଜାଇନ୍ କରାଯାଇଥିବା ସିଷ୍ଟମ ଅନ୍ତର୍ଭୁକ୍ତ । ଏହି ବୈଶିଷ୍ଟ୍ୟଗୁଡ଼ିକ ବାସସ୍ଥାନ ବିଖଣ୍ଡନକୁ ହ୍ରାସ କରିବା ସହିତ ମାନବ-ପଶୁ ସଂଘର୍ଷକୁ ମଧ୍ୟ ହ୍ରାସ କରିଥାଏ ।

ଏହା କାର୍ଯ୍ୟକ୍ଷମ ହେବା ପରେ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ଲାଇନ ବାଣିଜ୍ୟକୁ ବୃଦ୍ଧି କରିବ, ପରିବହନରେ ଉନ୍ନତି ଆଣିବ, ଜଙ୍ଗଲ ଅଞ୍ଚଳରେ ପର୍ଯ୍ୟଟନକୁ ସମର୍ଥନ କରିବ ଏବଂ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେଇ ରେଳ ନେଟୱାର୍କକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ଯାହା ଏହାକୁ ପୂର୍ବ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରେଳ ବିକାଶ ମଧ୍ୟରୁ ଗୋଟିଏ କରିବ ।

# ସାମ୍ବାଦିକମାନଙ୍କ ବାର୍ଦ୍ଧକ୍ୟ ଜନିତ ସୁରକ୍ଷା ପ୍ରତି ଦୃଷ୍ଟି କେବେ ଦେବେ ?

**କେନ୍ଦୁଝର, ନ୍ୟୁଜ୍**

ରାଜ୍ୟର କୋଟି କୋଟି ଲୋକମାନଙ୍କ ପାଇଁ ସରକାର ଭଳି ଭଳି ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଅଗଣିତ ସମସ୍ୟା ମାନ ସମାଧାନ କରୁଛନ୍ତି । ହେଲେ କାର୍ଯ୍ୟରତ ଓ ଅବସର ନେଇଥିବା ସାମ୍ବାଦିକମାନଙ୍କ ଦୀର୍ଘ ଦିନର ବାର୍ଦ୍ଧକ୍ୟ ଜନିତ ସୁରକ୍ଷା ସଦୃଶ ସାମ୍ବାଦିକମାନଙ୍କୁ ବାର୍ଦ୍ଧକ୍ୟ ସମୟରେ ପେନସନ ପ୍ରଦାନ କେବଳ ସରକାରଙ୍କର ମୁଖନିଃସୃତ ପ୍ରତିଶୃତିରେ ରହିଯାଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକ ବନ୍ଧୁମାନେ ମଝିରେ ମଝିରେ ଶାନ୍ତିପୂର୍ଣ୍ଣ ଭାବେ ପେନସନ, ସୁରକ୍ଷା ପାଇଁ ବିଭିନ୍ନ ସମୟରେ ସରକାର ଗଢୁଥିବା ମନ୍ତ୍ରି, ମୁଖ୍ୟମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କେବଳ ପ୍ରତିସୃତି ଦେଇ ପରମୁହୂର୍ତ୍ତରେ ଅଣଦେଖା କରୁଛନ୍ତି । ଯାଫଳରେ ସାମ୍ବାଦିକ ମାନଙ୍କ ସମସ୍ୟା କେବଳ ସମସ୍ୟା ଭିତରେହିଁ ରହିଯାଉଛି । ସମାଜରେ ବସବାସ କରୁଥିବା ବିଭିନ୍ନ ବର୍ଗର ଲୋକମାନଙ୍କ ଜୀବନ ଧାରଣ ପାଇଁ ଓ ବାର୍ଦ୍ଧକ୍ୟ ସୁରକ୍ଷା ପାଇଁ ପେନସନ, ଭତ୍ତା, ପ୍ରଦାନ କରୁଥିବାବେଳେ ସାମ୍ବାଦିକମାନଙ୍କ ପାଇଁ ଆମ ଓଡ଼ିଶାରେ କିଛି ବ୍ୟବସ୍ଥା ନାହିଁ, ଯାହାଫଳରେ ବହୁ ବୟୋଜ୍ୟେଷ୍ଠ ସାମ୍ବଦିକମାନେ ଯନ୍ତ୍ରଣାଜନିତ ଜୀବନଯାପନ କରୁଥିବାର ମଧ୍ୟ ଦେଖାଦେଇଛି । ଅନ୍ୟ ରାଜ୍ୟମାନଙ୍କରେ ସାମ୍ବାଦିକ ମାନଙ୍କ ଜୀବନଧାରଣ ସୁରକ୍ଷା ଲାଗି ମାସିକ ପେନସନର ବ୍ୟବସ୍ଥା କରି ଯୁଗାନ୍ତକରି ପଦକ୍ଷେପ ନେଇଥିବା ବେଳେ ଆମ ଓଡ଼ିଶାରେ କେବଳ ଚିହ୍ନଟ ପକ୍ରିୟାରେ ସୀମିତ ରହି ମିଛ ପ୍ରତିଶୃତିମାନ ଦେଇଚାଲିଛନ୍ତି, ଯାହାକି ସାମ୍ବାଦିକମାନଙ୍କ ଲାଗି ଅତ୍ୟନ୍ତ ଦୁଃଖର ବିଷୟ । ବିଜେଡି ଶାସନ ସମୟରେ ବର୍ତ୍ତମାନର ମୁଖ୍ୟମନ୍ତି ଖୋଦ୍ ନିଜେ ଯେତେବେଳେ ବିଜେପିର ସଚେତକ ଥିବା ସମୟରେ ନିଜେ ସାମ୍ବାଦିକ ମାନଙ୍କ ପେନସନ ସମସ୍ୟା ଯର୍ଥାଥ ବୋଲି ଉତ୍‌ଥାପନ କରିଥିଲେ, ହେଲେ ଆଜିର ଦିନରେ ନିଜେ ମୁଖ୍ୟମନ୍ତ୍ରୀ ହେବାପରେ ପୂର୍ବଭଳି କେବଳ ପ୍ରତିଶୃତି ଦେଇଚାଲିବା କେତେଦୂର ଯଥାର୍ଥ ତାହା ଜନସାଧାରଣରେ ପ୍ରଶ୍ନ ହୋଇଉଠିଛି । ତେଣୁ ସାମ୍ବାଦିକମାନଙ୍କ ବାର୍ଦ୍ଧକ୍ୟ ସମୟର ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ ଅଗ୍ରାଧିକାର ଭିତ୍ତିରେ ସାମ୍ବାଦିକମାନଙ୍କ ଜୀବନ ଧାରଣ ପାଇଁ ମାସିକ ପେନସନ ପ୍ରଦାନର ବ୍ୟବସ୍ଥା ଉପରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ବୋଲି ସରକାରୀ ଅଧିସ୍ୱୀକୃତି ପ୍ରାପ୍ତ ବରିଷ୍ଠ ସାମ୍ବାଦିକ ସୁରଜିତ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି ।

# ପେନସନ ଓ ଗ୍ରାଚ୍ୟୁଇଟି ଏକାଧିକ କର୍ମଚାରୀଙ୍କୁ ଦେଲ, ଆମକୁ ଦିଅ : ପୂର୍ତ୍ତ ସଙ୍ଗଠନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ଚାକିରିରେ କର୍ମଚାରୀ ଦୋଷ କଲେ ତାଙ୍କ ବିରୋଧରେ ସରକାରଙ୍କ ଯେମିତି ତତକ୍ଷଣାତ କାର୍ଯ୍ୟକାରି ହେଉଛି, ଠିକ୍ ସେମିତି କର୍ମଚାରୀଙ୍କ ସପକ୍ଷରେ ଥିବା ନିୟମଗୁଡିକ ତତକ୍ଷଣାତ କାର୍ଯ୍ୟକାରୀ ହେଲେ ସରକାରୀ କର୍ମଚାରୀମାନଙ୍କୁ ଆନ୍ଦୋଳନ, ବିକ୍ଷୋଭ ପ୍ରଦର୍ଶନ ଓ ଅନଶନ କରିବାକୁ ପଡ଼ନ୍ତା ନାହିଁ । ବିଧାନସଭା ଅଧିବେଶନ କାଳରେ କର୍ମଚାରୀମାନେ ତାଙ୍କ ନ୍ୟାର୍ଯ୍ୟ ଦାବି ହାସଲ ନିମନ୍ତେ ଆନ୍ଦୋଳନମୁହାଁ । ଭୁବନେଶ୍ୱରରେ ଗଣତାନ୍ତ୍ରିକ ପଦ୍ଧତିରେ ରାଲି ଓ ବିକ୍ଷୋଭ ପ୍ରଦର୍ଶନ କରି ଭାଷଣବାଜିରେ ଦାବି ଉପସ୍ଥାପନା କରନ୍ତି । ପୋଲିସବାହିନୀ ସହାୟତାରେ ରାଜନେତା ବା ଅଧିକାରୀଙ୍କୁ ଦାବି ପତ୍ର ଦେଇ ଦାବି ଉପସ୍ଥାପନା କରନ୍ତି ଓ ପ୍ରତିଶ୍ରୁତିରେ ଫେରନ୍ତି । ଏମିତି ପ୍ରତିଶ୍ରୁତିରେ ପନ୍ଦର ବର୍ଷ ଧରି ଆନ୍ଦୋଳନ କରି ଆସୁଥିବା ଇଞ୍ଜିନିୟରିଙ୍ଗ ବିଭାଗର ଡିଏଲଆର, ଏନଏମଆର ଓ ୱାର୍କଚାର୍ଜଡ଼ କର୍ମଚାରୀମାନେ ଏଥିରୁ ବାଦ୍ ପଡ଼ିବେନାହିଁ । ଏହି କର୍ମଚାରୀମାନେ ସେମାନଙ୍କର ହକ ପ୍ରାପ୍ୟ ଗ୍ରାଚ୍ୟୁଇଟି, ପେନସନ ଓ ଅବ୍ୟବହୃତ ଛୁଟି ଦରମା ପାଇବା ପାଇଁ ବାରମ୍ବାର ଆନ୍ଦୋଳନ କରି ଆସୁଛନ୍ତି । ଆଲୋଚନା ଜରିଆରେ ସମାଧାନ ହେବ କହି ସରକାର ଆଲୋଚନା କରୁନାହାନ୍ତି କି ଦାବିଗୁଡିକ ମାନିନେବାକୁ ପ୍ରସ୍ତୁତ ନୁହନ୍ତି । କେଉଁ ବାଟରେ ଏହି କର୍ମଚାରୀମାନଙ୍କ ଦାବିକୁ ଫାଙ୍କିହେବ ସରକାର ଗଳା ବାଟ ଖୋଜିବା ଚକ୍କରରେ ରହୁଛନ୍ତି । ଆଉ ଯେଉଁ ସବୁ ମକଦ୍ଦମାରେ ବିଭାଗୀୟ ସଚିବମାନେ ବ୍ୟକ୍ତିଗତ ହାଜର ଓ ଅସୁବିଧାରେ ପଡୁଛନ୍ତି ସେହି ମକଦ୍ଦମାରେ ଥିବା ସମ୍ପୃକ୍ତ କର୍ମଚାରୀଙ୍କୁ ପେନସନ ଓ ଗ୍ରାଚ୍ୟୁଇଟି ପ୍ରଦାନ କରି କୋର୍ଟଙ୍କୁ ଜଣାଉଛନ୍ତି । ଏହି ଜନିତ ନଥିରେ ବିଭାଗୀୟ ମନ୍ତ୍ରୀ, ଆଇନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମୋହର ମାରୁଥିଲେ ମଧ୍ୟ ଏମାନଙ୍କ ଭଳି ଅନ୍ୟ କର୍ମଚାରୀମାନେ କେମିତି ପେନସନ ଓ ଗ୍ରାଚ୍ୟୁଇଟି ପାଇବେ ଚିନ୍ତା କରୁ ନାହାନ୍ତି । ବର୍ତ୍ତମାନ ପେନସନ ଓ ଗ୍ରାଚ୍ୟୁଇଟି ଜନିତ ହଜାର ହଜାର ମକଦ୍ଦମାରେ ସରକାର କୋଟି କୋଟି ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରି ଓକିଲଙ୍କୁ ପୋଷୁଛନ୍ତି । କିନ୍ତୁ ଦୀର୍ଘ ୩୫ ରୁ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସରକାରଙ୍କୁ ସେବା ଦେଇ ଶୂନ୍ୟ ହାତରେ ଅବସର ନେଇ ଥିବା କର୍ମଚାରୀଙ୍କୁ ସରକାର ପେନସନ ଓ ଗ୍ରାଚ୍ୟୁଇଟି ନଦେବା ଓ ଏଥିନେଇ ସରକାର ଚିନ୍ତା କରିବା ଆଇନଗତ ଦୃଷ୍ଟିରୁ ନ୍ୟାୟତ ଠିକ ନୁହେଁକି ? ଯେଉଁ କର୍ମଚାରୀମାନେ ଚାକିରିରୁ ଅବସର ନେଇ ସାରିଛନ୍ତି, ସେମାନେ ଗ୍ରାଚ୍ୟୁଇଟି ଆକ୍ଟ ୧୯୭୨ ଅନୁସାରେ ଡିଏଲଆର ଓ ଏନଏମଆର ସମୟରୁ ୱାର୍କଚାର୍ଜଡ଼ ଚାକିରି ସରିବା ପର୍ଯ୍ୟନ୍ତ ଗ୍ରାଚ୍ୟୁଇଟି ପ୍ରଦାନ ନିମନ୍ତେ ବ୍ୟବସ୍ଥା ଅଛି । କିନ୍ତୁ ସରକାର ପ୍ରଦାନ କରୁନାହାନ୍ତି । ୧୯୯୭ ରିଜୋଲୁସନ ଆଧାରରେ ଓ ପେନସନ ନିୟମ ୧୯୯୨ ଅନୁସାରେ ଡିଏଲଆର ଓ ଏନଏମଆରରୁ ୱାର୍କଚାଜଡ଼ ଏବଂ ନିୟମିତ ହୋଇ ଅବସରପ୍ରାପ୍ତ ଗ୍ରହଣ କରିଥିବା କର୍ମଚାରୀଙ୍କୁ ପେନସନ ଦେବା କଥା । କିନ୍ତୁ ପେନସନ ପ୍ରଦାନ କରୁନାହାନ୍ତି । ଯଦି ଏହି ସବୁ ନିୟମରେ କର୍ମଚାରୀଙ୍କୁ ଦଣ୍ଡ ବିଧାନ ନିମନ୍ତେ ନିୟମ ରହି ଥାଆନ୍ତା, ତେବେ ତୁରନ୍ତ କାର୍ଯ୍ୟକାରି ହୋଇ ଥାଆନ୍ତା । ସରକାର ରାଜ୍ୟର ବିକାଶମୂଳକ କାର୍ଯ୍ୟ କରିବା ପାଇଁ ଯେମିତି ତତ୍ପରତା ଅବଲମ୍ବନ କରୁଛନ୍ତି, ଠିକ୍ ସେମିତି କର୍ମଚାରୀଙ୍କୁ ସେମାନଙ୍କର ହକ ପ୍ରାପ୍ୟ ପେନସନ ଓ ଗ୍ରାଚ୍ୟୁଇଟି ଦେବାକୁ ଅବସରପ୍ରାପ୍ତ କର୍ମଚାରୀ ନେତା ସର୍ବଶ୍ରୀ ଗଗନ ଭଞ୍ଜ, ଅରୁଣ ପରିଡ଼ା, ଭାଗ୍ୟରଥୀ ପଟ୍ଟନାୟକ, ଜମିଲୁର ରହମନ, ଗଙ୍ଗାଧର ତ୍ରିପାଠୀ, ପ୍ରତାପ ସେନାପତି, ଅଶୋକ ପଟ୍ଟନାୟକ, ରାମଚନ୍ଦ୍ର ଜେନା, ରଘୁନାଥ ସାହୁ, ଧରଣୀ ରଣା ପ୍ରମୁଖ ଅନୁରୋଧ କରୁଅଛୁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାନ୍ତି ଓ ସତ୍ୟର...

ଦେବାରେ ପଛକୁ ହଟେ ନାହିଁ । ସେ ଲାଲକିଲ୍ଲାର ପ୍ରାଚୀରରୁ ଘୋଷିତ 'ମିଶନ ସୁଦର୍ଶନ ଚକ୍ର' ର ଉଲ୍ଲେଖ କରି କହିଛନ୍ତି ଯେ ଏହାର ଉଦ୍ଦେଶ୍ୟ ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ଥଳ ଓ ଶିଳ୍ପ ଅଞ୍ଚଳମାନଙ୍କ ଚାରିପାଖରେ ଏମିତି ସୁରକ୍ଷା ବାଡ଼ ତିଆରି କରିବା ଯାହାକୁ ଶତ୍ରୁ ଭେଦି ପାରିବେ ନାହିଁ । ସେ କହିଛନ୍ତି ଯେ ଯଦି ଶତ୍ରୁ ଆକ୍ରମଣ କରିବାର ଦୁଃସାହସ କରେ, ତେବେ ଭାରତର 'ସୁଦର୍ଶନ ଚକ୍ର' ତାହାକୁ ଧ୍ୱଂସ କରିବା ପାଇଁ ପର୍ଯ୍ୟାପ୍ତ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ନିକଟରେ କରାଯାଇଥିବା 'ଅପରେସନ ସିନ୍ଦୂର' ମାଧ୍ୟମରେ ଦେଶ ଆତଙ୍କବାଦ ବିରୋଧରେ ନିଜର ଦୃଢ଼ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛି । ପହେଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଅନେକ ଦେଶବାସୀଙ୍କ ମୃତ୍ୟୁ ଉପରେ ଦୁଃଖ ପ୍ରକାଶ କରି ସେ କହିଛନ୍ତି ଯେ ପୂର୍ବରୁ ଏଭଳି ଘଟଣା ପରେ ସରକାରମାନେ ହାତ ବାନ୍ଧି ବସି ଯାଉଥିଲେ, କିନ୍ତୁ "ନୂଆ ଭାରତ" ମୁଣ୍ଡ ନଏଁନାହିଁ, ନାଗରିକ ସୁରକ୍ଷା ପ୍ରତି କର୍ତ୍ତବ୍ୟରୁ ପଛକୁ ହଟେନି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ' ଏବଂ 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ଭଳି ନୀତିମାନଙ୍କ ପ୍ରେରଣା ମଧ୍ୟ ଶ୍ରୀକୃଷ୍ଣଙ୍କ ଶିକ୍ଷାରୁ ମିଳେ । ଶ୍ରୀକୃଷ୍ଣ ଗରିବମାନଙ୍କୁ ସହାୟତା କରିବା ଏବଂ ସମାଜର ଶେଷଧାଡିରେ ଠିଆ ହୋଇଥିବା ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚିବାର ବାର୍ତ୍ତା ଦେଇଥାନ୍ତି । ଏହି ପ୍ରେରଣା ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନା ମୂଳରେ ଅଛି । ସେ କହିଛନ୍ତି ଯେ ଶ୍ରୀକୃଷ୍ଣଙ୍କ ବାର୍ତ୍ତା ନାରୀ ସମ୍ମାନ ଓ ନାରୀ ସୁରକ୍ଷାର ମଧ୍ୟ ଆଧାର ଅଟେ ଏବଂ ଏହି ଭାବନା ଦେଶକୁ ନାରୀଶକ୍ତି ବନ୍ଦନ ଅଧିନିୟମ ପରି ଐତିହାସିକ ସିଦ୍ଧାନ୍ତ ନେବାର ଶକ୍ତି ଦେଇଛି ।

### ଆପାର୍ଟମେଣ୍ଟରେ...

ମାତ୍ର ଅଗ୍ନିକାଣ୍ଡର ତୀବ୍ରତାରୁ ଜଣାପଡୁଛି ଯେ ଆପାର୍ଟମେଣ୍ଟ ଭିତରେ ଯିଏ ବି ଫସି ରହିଥିବେ ସେମାନଙ୍କ ବଞ୍ଚିବା ସମ୍ଭବ ନୁହେଁ । ସୂଚନାଯୋଗ୍ୟ ଘଟିଥିବା ଏହି ଅଗ୍ନିକାଣ୍ଡ ହଂକଂର ଇତିହାସରେ ସବୁଠାରୁ ଭୟଙ୍କର ବୋଲି ବିବେଚନା କରାଯାଇଛି । ଏକ ୩୨ ମହଲା ଆପାର୍ଟମେଣ୍ଟର ପୁନଃନିର୍ମାଣ ନିମନ୍ତେ ବାହାର ପାର୍ଶ୍ୱରେ ବନ୍ଧା ଯାଇଥିବା ବାଉଁଶ ଭାରାରେ ପ୍ରଥମେ ନିଆଁ ଲାଗି ଏହା ଅନ୍ୟ ଆପାର୍ଟମେଣ୍ଟକୁ ବ୍ୟାପିଥିଲା । ପବନ ଓ ନିର୍ମାଣ କାମ ସୁରକ୍ଷା ପାଇଁ ବନ୍ଧା ଯାଇଥିବା ନେଟ୍ (ଜାଲ୍) ଦ୍ୱାରା ନିଆଁ ଶୀଘ୍ର ଓ ଜୋରରେ ବ୍ୟାପିଥିଲା । ଏଥିରେ ପାଖାପାଖି ହୋଇଥିବା ୭ଟି ଆପାର୍ଟମେଣ୍ଟ ଜଳି ଉଠିଥିଲା । ୧୯୮୦ ମସିହାରେ ୱାଙ୍ଗ ଫୁକ୍ କୋର୍ଟ ଇଷ୍ଟେଟ୍ ଏହି ଆପାର୍ଟମେଣ୍ଟଗୁଡ଼ିକ ନିର୍ମାଣ କରିଥିଲା । ଆପାର୍ଟମେଣ୍ଟଗୁଡ଼ିକରେ ୪୬୦୦ ଲୋକ ବାସ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୪୦% ହେଉଛନ୍ତି ବୟସ୍କ ଲୋକ ।

### ଏକ୍ସପ୍ରେସୱେରେ ଭୟଙ୍କର...

ଏପର୍ଯ୍ୟନ୍ତ ସରକାରୀ ଭାବରେ ନିଶ୍ଚିତ କରାଯାଇନାହିଁ । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାହାରନପୁର ଜିଲ୍ଲାରେ ଘଟିଥିବା ସଡ଼କ ଦୁର୍ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି । ସେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

### ୩୦ରେ ସ୍ଥଳଭାଗ...

ଜିଲ୍ଲା ଏବଂ ଆନ୍ଧ୍ର ପ୍ରଦେଶର କିଛି ଅଂଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଉପକୂଳ ଅଞ୍ଚଳ ପାଇଁ ରେଡ୍ ୱାର୍ଣ୍ଣିଂ ଏବଂ ଅରେଞ୍ଜ ସତର୍କତା ଜାରି କରାଯାଇଛି । ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଅଞ୍ଚଳରେ ପ୍ରବେଶ ନ କରିବାକୁ ଏବଂ କୂଳକୁ ଫେରିଆସିବାକୁ ପରାମର୍ଶ ଦିଆଯାଇଛି । ସ୍ଥାନୀୟ ବାସିନ୍ଦାମାନଙ୍କୁ ଘର ଭିତରେ ରହିବାକୁ ପରାମର୍ଶ ଦିଆଯାଇଛି ।

### ନେପାଳୀ ଟଙ୍କାରେ...

ବୋଲି କହି କାଠମାଣ୍ଡୁକୁ ସତର୍କ କରାଇ ଦେଇଥିଲା ଯେ ନେପାଳର କ୍ଷେତ୍ରୀୟ ଦାବିର ଏପରି "କୃତ୍ରିମ ବୃଦ୍ଧି" ତାଙ୍କ ପାଇଁ ଗ୍ରହଣୀୟ ହେବ ନାହିଁ । ମାନଚିତ୍ର ଅପଡେଟ୍ ହୋଇଥିବା ସଂସ୍କରଣ ବିଷୟରେ ଆଲୋଚନା କରି, ଜଣେ ଏନଆରବି ମୁଖପାତ୍ର କହିଛନ୍ତି ଯେ ମାନଚିତ୍ରଟି ପୁରୁଣା ୧୦୦ ଟଙ୍କା ନୋଟରେ ପୂର୍ବରୁ ଥିଲା ଏବଂ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହାକୁ ସଂଶୋଧନ କରାଯାଇଛି । ୧୦ଟଙ୍କିଆ , ୫୦ଟଙ୍କିଆ, ୫୦୦ଟଙ୍କିଆ ଏବଂ ୧୦୦୦ଟଙ୍କିଆ ବିଭିନ୍ନ ମୂଲ୍ୟର ନୋଟ ମଧ୍ୟରେ କେବଳ ୧୦୦ ଟଙ୍କିଆ ନୋଟରେ ନେପାଳର ମାନଚିତ୍ର ଅଛି ବୋଲି ସେ ସ୍ପଷ୍ଟ କରିଛନ୍ତି । ନେପାଳର ନୂତନ ୧୦୦ ଟଙ୍କିଆ ନୋଟର ବାମ ପାର୍ଶ୍ୱରେ ମାଉଣ୍ଟ ଏଭରେଷ୍ଟ ରହିଛି, ଯେତେବେଳେ ଡାହାଣ ପାର୍ଶ୍ୱରେ ନେପାଳର ଜାତୀୟ ଫୁଲ ରୋଡୋଡେଣ୍ଡ୍ରୋନର ୱାଟରମାର୍କ ଅଛି । ବ୍ୟାଙ୍କ ନୋଟର କେନ୍ଦ୍ରରେ ନେପାଳର ଏକ ଫିକା ସବୁଜ ରଙ୍ଗର ମାନଚିତ୍ର ଅଛି । ମାନଚିତ୍ର ନିକଟରେ ଅଶୋକ ସ୍ତମ୍ଭ ମୁଦ୍ରିତ ହୋଇଛି ଯେଉଁଥିରେ ଲେଖା ଅଛି "ଭଗବାନ ବୁଦ୍ଧଙ୍କ ଜନ୍ମସ୍ଥାନ ଲୁମ୍ବିନୀ ।" ମୁଦ୍ରାର ପଛ ପାର୍ଶ୍ୱରେ ଏକ ଶିଙ୍ଗଯୁକ୍ତ ଗଣ୍ଡାର ଚିତ୍ର ଅଛି । ବ୍ୟାଙ୍କ ନୋଟରେ ଏକ ସୁରକ୍ଷା ସୂତା ଏବଂ ଏକ ଏମ୍ବୋସଡ୍ କଳା ବିନ୍ଦୁ ମଧ୍ୟ ଅଛି, ଯାହା ଦୃଷ୍ଟିହୀନ ଲୋକଙ୍କୁ ଏହାକୁ ଚିହ୍ନିବାରେ ସାହାଯ୍ୟ କରେ ।

### ୧୭,୪୪୦ କୋଟିର ...

୧୩୭ କୋଟି, କାମଧେନୁ ଯୋଜନାରେ ୯୧ କୋଟି, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ୧୧୭ କୋଟି, ଜଳ ନିଅଣ୍ଟ ଥିବା ଅଞ୍ଚଳରେ ଭୂତଳ ଜଳର ସହନୀୟ ଉତ୍ତୋଳନ ପାଇଁ ୧୦୦ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୯୪ କୋଟି ଟଙ୍କ ବରାଦ କରାଯାଇଛି । ସେହିପରି ସୁଭଦ୍ରା ଯୋଜନା ପାଇଁ ୨୦୯ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ପି.ଏମ୍ ପୋଷଣ ଅଧୀନରେ ୩୯୨ କୋଟି ଟଙ୍କା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୨୦ କୋଟି ଟଙ୍କା, ସରକାରୀ କଲେଜ ପାଇଁ ୨୬ କୋଟି ଟଙ୍କା, ମହିଳାଙ୍କ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ନୂତନ ଯୋଜନା 'ଶକ୍ତିଶ୍ରୀ' ଅଧୀନରେ ୧୫ କୋଟି ଟଙ୍କା, ବିଶ୍ୱବ୍ୟାଙ୍କ ସହାୟତାରେ ଓଡ଼ିଶାରେ ଉଚ୍ଚଶିକ୍ଷାର ସୁଦୃଢ ପାଇଁ ୧୩ କୋଟି ଟଙ୍କା, ଅନୁସୂଚିତ ଜାତି ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ୨୧୬ କୋଟି ଟଙ୍କା, ବୃକ୍ଷରୋପଣ କ୍ଷତିପୂରଣ ପାଣ୍ଠି ପାଇଁ ୨୪୨ କୋଟି ଟଙ୍କା, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ୮୦ କୋଟି ଏବଂ ପରିବେଶ, ପର୍ଯ୍ୟଟନ ପାଇଁ ଆଉ ୮୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ବନ୍ୟପ୍ରାଣୀ ସୁରକ୍ଷା ପାଇଁ ୨୫ କୋଟି, କ୍ଲିନ୍ କ୍ଲାଇମେଟ ଫଣ୍ଡ ପ୍ରକଳ୍ପ ପାଇଁ ୩୧ କୋଟି, ସବୁଜ ମହାନଦୀ ମିଶନ ପାଇଁ ୨୯ କୋଟି ଟଙ୍କା, ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶ ବିଭାଗରେ ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ନିର୍ବାଚନ ମଣ୍ଡଳୀୱାରି ଆବ□ନ ପାଇଁ ୧୪୨ କୋଟି, ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମରେ ଭିତ୍ତିଭୂମି ବିକାଶ ପାଇଁ ୧୦୦ କୋଟି, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅମୃତ ପ୍ରକଳ୍ପ ୨.୦ ପାଇଁ ୬୪ କୋଟି, ସ୍ୱଚ୍ଛ ଓଡ଼ିଶା ଅଧୀନରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୫୦ କୋଟି, ଆହାର ଯୋଜନାରେ ସୁଲଭ ମୂଲ୍ୟରେ ଖାଦ୍ୟ ଯୋଗାଣ ପାଇଁ ୧୫ କୋଟି, ଶିଳ୍ପ ବିକାଶ କାର୍ଯ୍ୟକ୍ରମରେ ସିଡ୍‌ଭି କ୍ଲଷ୍ଟର ଡ଼େଭଲପମେ□ ଫଣ୍ଡ ପାଇଁ ୨୭୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହି ବଜେଟରେ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ କ୍ଷେତ୍ରରେ ସଡ଼କ ପୁନଃନିର୍ମାଣ ପାଇଁ ୨୮ କୋଟି, ହରିଜଣ୍ଟାଲ କନେକ୍ଟିଭିଟି ପାଇଁ ୭୧ କୋଟି, ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ୧୦୦ କୋଟି, କଳା ସଂସ୍କୃତି ଓ ଐତିହ୍ୟର ପ୍ରୋତ୍ସାହନ ପାଇଁ ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକୁ ୬୦ କୋଟି ଟଙ୍କା, ରବୀନ୍ଦ୍ର ମଣ୍ଡପ ଓ କଳା ମଣ୍ଡପର ନବୀକରଣ ପାଇଁ ୧୦ କୋଟି ଟଙ୍କା, ରାଜ୍ୟ ସଂଗ୍ରହାଳୟ ପାଇଁ ୬ କୋଟି, ପର୍ଯ୍ୟଟନ ସୂଚନା ପ୍ରଚାର ପ୍ରସାର ପାଇଁ ୫୦ ଲକ୍ଷ ଟଙ୍କା ଏବଂ ପର୍ଯ୍ୟଟନର ଉନ୍ନତୀକରଣ ଓ ନବୀକରଣ ପାଇଁ ୨୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ମୁଖ୍ୟମନ୍ତ୍ରୀ ଗୃହରେ ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପନ କରିବା ପରେ ବାଚସ୍ପତି ସୁରମା ପାଢୀ ଗୃହକୁ ଶନିବାର ପୂର୍ବାହ୍ନ ୧୦.୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

### ଅଭିଯୋଗକୁ ...

ଉଦ୍ୟମ କରୁଛନ୍ତି ବୋଲି ପାଲଟା ଅଭିଯୋଗ କରିଥିଲେ । ସେ କହିଥିଲେ ଯେ, ମାଲକାନଗିରି ଏମ୍.ଭି-୭୨ ଗ୍ରାମରେ ଗତ ୨୩ ତାରିଖରେ ତିନିଜଣ ନାବାଳିକାଙ୍କ ପ୍ରତି ଘଟିଥିବା ଦୁର୍ବ୍ୟବହାର ଘଟଣାରେ ତୁରନ୍ତ ତଦନ୍ତ କରାଯାଇ ମାମଲା ରୁଜୁ ସହିତ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଅଭିଯୁକ୍ତ ନରେନ ରାୟଙ୍କୁ ୨୬ ତାରିଖରେ ଗିରଫ କରାଯାଇଛି । ନାରୀ ନିର୍ଯାତନା ଓ ମହିଳା ଜନିତ ଅପରାଧ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ତ୍ୱରିତ ଦଣ୍ଡବିଧାନ କରିବା ପାଇଁ ସରକାର ସମସ୍ତ ପଦକ୍ଷେପ ନେଇଛନ୍ତି ବୋଲି ଆଇନ ମନ୍ତ୍ରୀ କହିଥିଲେ ।

## ଖୋର୍ଦ୍ଧା ରୋଡ଼ ଡିଆରଏମ୍‌ଙ୍କ ଦ୍ୱାରା ଯଖପୁରା-କେନ୍ଦୁଝର-ନୟାଗଡ଼ ରେଳ ସେକ୍ସନ ଯାଞ୍ଚ

# ସୁରକ୍ଷା, ଭିତ୍ତିଭୂମି ନିର୍ଭରଯୋଗ୍ୟତା, ଟ୍ରେନ୍ ସୁବିଧା ଏବଂ ଟ୍ରେନ ଟ୍ରାଫିକ୍ ଉନ୍ନତି ପାଇଁ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଶୁକ୍ରବାର ରେଳମଣ୍ଡଳର ବରିଷ୍ଠ ଅଧିକାରୀଙ୍କ ସହିତ ଖୋର୍ଦ୍ଧା ରୋଡରୁ ଜଖପୁରା ଏବଂ ନୟାଗଡ଼ (କେନ୍ଦୁଝର) ରେଳ ସେକ୍ସନ ପର୍ଯ୍ୟନ୍ତ ନିରୀକ୍ଷଣ କରିଛନ୍ତି ।

ଏହି ନିରୀକ୍ଷଣ ସମୟରେ ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା, ଭିତ୍ତିଭୂମି ନିର୍ଭରଯୋଗ୍ୟତାକୁ ଉନ୍ନତ କରିବା ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ରେଳ କରିଡରରେ ସୁଗମ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ସମ୍ବନ୍ଧରେ ବିଶେଷ ଧ୍ୟାନ ଦିଆଯାଇଥିଲା । ଶ୍ରୀ ତ୍ରିପାଠୀ ମଧ୍ୟ ଟ୍ରାକ୍ ଜ୍ୟାମିତି, ଆଲାଇନମେଣ୍ଟ, ସେତୁ, କଲଭର୍ଟ, ଲେଭଲ କ୍ରସିଂ, ସିଗନାଲିଂ ସ୍ଥାପନ, ଇଣ୍ଟରଲକିଂ ବ୍ୟବସ୍ଥା, ଟର୍ଣ୍ଣଆଉଟ୍, ଡ୍ରେନେଜ୍ ସିଷ୍ଟମ ଏବଂ ଅନ୍ୟାନ ସୁରକ୍ଷା କାର୍ଯ୍ୟର ସ୍ଥିତି ସମୀକ୍ଷା କରିଥିବାବେଳେ ସମ୍ବେଦନଶୀଳ ସ୍ଥାନମାନଙ୍କରେ ବାଡ଼ ଏବଂ ସୁରକ୍ଷା ବ୍ୟବସ୍ଥା ଗୁଡିକର ମଧ୍ୟ ସମୀକ୍ଷା କରିଥିଲେ ।

ଟ୍ରାକ୍ ନବୀକରଣ, ସେତୁ ପୁନର୍ବାସ, ଷ୍ଟେସନ ୟାର୍ଡ ଉନ୍ନତି, ଲାଇନ-କ୍ଷମତା ବୃଦ୍ଧି ପ୍ରକଳ୍ପ ଗୁଡିକ ସହିତ ସିଗନାଲିଂ ଏବଂ ବିଦ୍ୟୁତୀକରଣ ପ୍ରଣାଳୀର ଉନ୍ନୟନ ସମେତ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ମଧ୍ୟ ଶ୍ରୀ ତ୍ରିପାଠୀଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା । ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଯାତ୍ରୀ ସୁବିଧା ଯେପରିକି ପରିଷ୍କାର ପରିଚ୍ଛନ୍ନତା, ଆଲୋକ, ପାନୀୟ ଜଳ ସୁବିଧା, ବସିବା ବ୍ୟବସ୍ଥା, ସୂଚନା ଓ ପ୍ରଦର୍ଶନୀ ବୋର୍ଡ ଏବଂ ଷ୍ଟେସନରେ ସୁରକ୍ଷା ବ୍ୟବସ୍ଥାଗୁଡ଼ିକ ମଧ୍ୟ ଯାଞ୍ଚ କରାଯାଇଥିଲା ।

ଏହି ନିରୀକ୍ଷଣର ଲକ୍ଷ୍ୟ ହେଉଛି ସୁରକ୍ଷିତ ଟ୍ରେନ ପରିଚାଳନା, ଉନ୍ନତ ଭିତ୍ତିଭୂମି ସ୍ଥାପନ ଓ ଏହାର ବ୍ୟବହାର ଏବଂ ଯାତ୍ରୀ ଓ ପଣ୍ୟ ଗ୍ରାହକଙ୍କ ପାଇଁ ଉତ୍ତମ ସେବା ସୁନିଶ୍ଚିତ କରି ଏହି ଅଞ୍ଚଳରେ ନିର୍ଭରଯୋଗ୍ୟ ଏବଂ ଦକ୍ଷ ରେଳ ସଂଯୋଗୀକରଣ ପ୍ରଦାନ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ।

# ପଶ୍ଚିମ ଓଡ଼ିଶାର ତୀର୍ଥକ୍ଷେତ୍ର ହରିଶଙ୍କରରେ ବେଆଇନ ଜବରଦଖଲ ଦୋକାନ ଘର ଉଚ୍ଛେଦ କଲା ପ୍ରଶାସନ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀର ରାସ୍ତା କଡ଼ରେ ଥିବା ବେଆଇନ ଜବରଦଖଲ ଦୋକାନ ଘରକୁ ପ୍ରଶାସନ ଶୁକ୍ରବାର ଉଚ୍ଛେଦ କରିଥିବା ଜଣାଯାଇଛି । ହରିଶଙ୍କରରେ ଅନେକ ଦୋକାନ ଘର ବଣ୍ଟନ ହୋଇଥିବା ବେଳେ କିଛି ଦୋକାନୀ ବେଆଇନ ଭାବରେ ରାସ୍ତା କଡ଼ରେ ଦୋକାନ ଘର ଖୋଲିଥିଲେ । ପୂର୍ବରୁ ପ୍ରଶାସନ ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍ ଦେଇଥିଲେ ମଧ୍ୟ ଦିନେ ଦି'ଦିନ ଦୋକାନ ଉଠେଇଲା ପରେ ପୁଣି ଦୋକାନ କରୁଥିଲେ । ରାସ୍ତାକଡ଼ ଖାଲି କରିବାକୁ ପାଟଣାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେରଙ୍କ ନିର୍ଦ୍ଦେଶରେ ଖପ୍ରାଖୋଲ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ଖପ୍ରାଖୋଲ ଥାନା ଏସ ଆଇ ଲିଙ୍ଗରାଜ କିସାନ, ହରିଶଙ୍କର ଫାଣ୍ଡି ଅଧିକାରୀ ରବୀନ୍ଦ୍ର କୁମ୍ଭାର ସମେତ ପୋଲିସ ଫୋର୍ସ ଉପସ୍ଥିତି ରେ ଦୋକାନ ଘର ଉଚ୍ଛେଦ କରିଥିଲେ । ଏନେଇ ଖପ୍ରାଖୋଲ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟଙ୍କୁ ପଚାରିବାରୁ ସବୁ ବେଆଇନ ଜବରଦଖଲ ଦୋକାନ ଘର ଉଚ୍ଛେଦ ହୋଇଛି ବୋଲି କହିବା ସହିତ ଆଉଥରେ ବେଆଇନ ଜବରଦଖଲ କରିବାକୁ ବାରଣ କରାଯାଇଛି । ଯଦି କିଛି ବ୍ୟତିକ୍ରମ୍ ହୁଏ ତେବେ ଆଇନ ଅନୁସାରେ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-SIG-ZONAL-TLHR-521, ତା.25.11.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ତାଳଚେର(TLHR) ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 91,41,421.06, EMD (₹) : 1,82,800.00 ।

ବିଡ଼୍ ଆରମ୍ଭ ହେବା ତାରିଖ : ତା.03.12.2025 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.12.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-849/Q/25-26



*Government of Odisha "e" procurement Notice.* MM-315

**OFFICE OF THE DIVISIONAL FOREST OFFICER**
**DHENKANAL DIVISION, DHENKANAL**

*E-Procurement Bid Identification No. - 06-DFO/DKL of 2025-26*

| | | |
|---|---|---|
| 1. Name of the work | : | Construction of Ministerial Staff Quarters (02 nos) inside Forest Colony under Dhenkanal Range |
| 2. Estimate cost | : | Rs. 25,44,596/-( Approximate) |
| 3. Period of completion | : | 3 months |
| 4. Date & time of availability of the Bid documents in the portal | : | From 11.00 AM of 29.11.2025 to 5.00 PM of 11.12.2025 |
| 5. Last date / Time of receipt of the bid in Portal. | : | 11.12.2025 up to 5.00 PM. |
| 6. Date of Opening | : | 12.12.2025 at 11.00 AM. |
| 7. Class of Contractor | : | "C" & "B" Class Contractor |
| 8. Name and Address of the Office. | : | Office of the Divisional Forest Officer Dhenkanal Division, Dhenkanal. |

Further details can be seen from the e - procurement Portal "https://tendersorissa.gov.in

OIPR-08037/11/0024/2526

Sd/- Divisional Forest Officer,
Dhenkanal Division

ଉତ୍କଳ ଓଡ଼ିଶା

ଭୁବନେଶ୍ୱର
୨୯ ନଭେମ୍ବର,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ୪୮ ଗ୍ରାମ୍ ହେରୋଇନ୍ ଜବତ : ବ୍ୟବସାୟୀ ଗିରଫ

ଜଗତସିଂହପୁର, ୨୮।୧୧

ନ୍ୟୁଜ୍‌ବ୍ୟୁରୋ



ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ନିକଟସ୍ଥ ଶୋଭା ବଜାର ଠାରେ ଜଣେ ନିଶା ମାଫିଆକୁ ଗିରଫ କରିଛି ବାଲିକୁଦା ଅବକାରୀ ଥାନା। ଯାଞ୍ଚ ପରେ ତା' ପାଖରୁ ୪୮ ଗ୍ରାମ୍‌ର ହେରୋଇନ୍ ଏବଂ ନିଶା ବେପାରରେ ବ୍ୟବହାର ହେଉଥିବା ରୟାଲ ଏନଫିଲ୍ଡ ମୋଟର ସାଇକେଲ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ଜଗନ୍ନାଥପୁର ଗ୍ରାମ୍‌ର ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ପୁଅ ପ୍ରବୀଣ କୁମାର ସ୍ୱାଇଁ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇଥିଲା। ସବୁବେଳେ ଅବକାରୀ ବିଭାଗକୁ ଚକ୍‌ମା ଦେଇ ଖସିଯାଉଥିବା ବେଳେ ଶୁକ୍ରବାର କିନ୍ତୁ ତାକୁ ଅବକାରୀ ବିଭାଗ କାବୁ କରିନେଇ ଥିଲା। ଗୁଇନ୍ଦା ସୂତ୍ରକୁ ଆଧାର କରି ତାକୁ ଧରିବା ପାଇଁ ବାଲିକୁଦା ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ରବି ବେହେରାଙ୍କ ନେତୃତ୍ୱରେ ଜଗତସିଂହପୁର ଅବକାରୀ ରେଞ୍ଜ ଓ ଥାନାର ଷ୍ଟାଫ୍‌ମାନଙ୍କୁ ନେଇ ଏକ ଟିମ୍ ଗଠନ କରି ଶୋଭା ବଜାର ଠାରେ ଛଦ୍ମ ବେଶରେ ଜଗି ରହିଥିଲେ।

ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ଅଭିଯୁକ୍ତ ଜଣକ ହେରୋଇନ୍ ଆଣି ଶୋଭା ବଜାରରେ ପହଞ୍ଚିବାକ୍ଷଣି ପୂର୍ବରୁ ଛକି ରହିଥିବା ଅବକାରୀ ବିଭାଗର କର୍ମଚାରୀମାନେ ତାକୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତା' ନିକଟରୁ ୪୮ ଗ୍ରାମ୍ ହେରୋଇନ୍ ଜବତ କରାଯାଇଥିଲା ଯାହାର ଆନୁମାନିକ କଳାବଜାରୀ ମୂଲ୍ୟ ୪ଲକ୍ଷ ୮୦ ହଜାର ଟଙ୍କା ହେବାର ଶ୍ରୀ ବେହେରା ଗଣମାଧ୍ୟମକୁ କହିଛନ୍ତି।

ଅଭିଯୁକ୍ତ ବିରୁଦ୍ଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ୍ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତର ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।



ଭୁବନେଶ୍ୱର : ଦୁଇଦିନିଆ ଓଡ଼ିଶା ଗସ୍ତ ସାରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ସ୍ଥାନୀୟ ବିମାନବନ୍ଦର ଠାରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। (ଫଟୋ : ସମ୍ବାଦ କଳିକା)

## କିଟ୍‌ରେ ୨୬ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଘାଟିତ

# ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ବିଜ୍ଞାନର ପ୍ରୟୋଗ ଅତ୍ୟନ୍ତ ଜରୁରୀ

ଭୁବନେଶ୍ୱର, ୨୮।୧୧

ନ୍ୟୁଜ୍‌ବ୍ୟୁରୋ




୨୬ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଏବଂ ଏସ୍‌ଡିଜି: ସାଇନ୍‌ସ ଆଣ୍ଡ ଟେକ୍ନୋଲୋଜି ଇନୋଭେସନ୍‌ସ ବିଷୟବସ୍ତୁ ଆଧାରିତ ସଷ୍ଟେନେବଲ୍ ଗ୍ରୀନ୍ ଫ୍ରଣ୍ଟିୟର୍ସ ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ କିଟ୍‌ରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ସମ୍ମିଳନୀକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରି ରସାୟନ ବିଜ୍ଞାନ କ୍ଷେତ୍ରରେ ଜୀବନ ବ୍ୟାପୀ ଅବଦାନ ନିମନ୍ତେ ପ୍ରତବର୍ଷ ଜଣେ ରସାୟନ ବିଜ୍ଞାନୀଙ୍କୁ କିଟ୍ ପକ୍ଷରୁ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ନିରନ୍ତର ସବୁଜ ସୀମା ଉପରେ ଏହି ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶା ଏନଭାର୍ଣ୍ଣମେଣ୍ଟ ସୋସାଇଟି ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ନବସର୍ଜନା। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ କିପରି ପ୍ରୟୋଗ କରିବା, ନିରନ୍ତର ବିକାଶ ଲକ୍ଷ୍ୟକୁ ହାସଲ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଭାରତ ସରକାରଙ୍କ ପ୍ରାକ୍ତନ ସଚିବ ଡ. ଅରୁଣ କୁମାର ରଥ ଯୋଗ ଦେଇଥିବା ବେଳେ ଡିଆରଡିଓ ବେଙ୍ଗାଲୁରୁର ମହାନିର୍ଦ୍ଦେଶକ (ଇସିଏସ୍) ପ୍ରଫେସର ଟି.କେ. ବସ୍ତିଆ, ଓଡ଼ିଶା ପରିବେଶ ସମିତି ସଂଯୋଜକ ପ୍ରଫେସର ଏସ୍.ଏନ୍. କୁଣ୍ଡୁ, କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୫୦ରୁ ଅଧିକ ପ୍ରତିନିଧି ଯୋଗଦାନ କରିଛନ୍ତି।

ବିଶ୍ୱସ୍ତରରେ ୨୦୧୬ରୁ ୨୦୩୦ ପର୍ଯ୍ୟନ୍ତ ଜାତିସଂଘ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଥିବା ନିରନ୍ତର ବିକାଶ ଲକ୍ଷ୍ୟର ଗୁରୁତ୍ୱ ଏବଂ ଏ ସବୁ ଲକ୍ଷ୍ୟ ସାଧନ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଭାରତରେ ଏ ସବୁ ଲକ୍ଷ୍ୟ ହାସଲ ନିମନ୍ତେ ଗବେଷଣାରତ ବୈଜ୍ଞାନିକମାନେ, ବିଶେଷତଃ ଯୁବ ବୈଜ୍ଞାନିକ ଗୋଷ୍ଠୀ ନବସର୍ଜନା ମାଧ୍ୟମରେ ସଫଳତା ହାସଲ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଦାର୍ଥ ବିଜ୍ଞାନୀ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, ଜୀବ ବିଜ୍ଞାନୀ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ପରିବେଶ ବିଜ୍ଞାନୀ ପ୍ରଫେସର ବିନୋଦ ଚନ୍ଦ୍ର ଚୌଧୁରୀ ଏବଂ ଯାନ୍ତ୍ରିକ ବିଜ୍ଞାନୀ ଡ. ବିନୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ଏହି ସମ୍ମିଳନୀର ଆବାହକ ରୂପେ ୧୫ ବର୍ଷର ଅବଦାନ ନିମନ୍ତେ ମଧ ସମ୍ମାନୀତ କରାଯାଇଥିଲା। ଶେଷରେ ପରିବେଶ ସମିତିର ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମାଓ ନେତା ଚେତୁ ସମେତ ୧୦ ନକ୍ସଲଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୮।୧୧

ନ୍ୟୁଜ୍‌ବ୍ୟୁରୋ

ନକ୍ସଲ ସଂଗଠନ ଶେଷ ନିଃଶ୍ୱାସ ନେଉଥିବା ବେଳେ ଜଙ୍ଗଲରେ ରହିଯାଇଥିବା ବାକି ସଦସ୍ୟ ଧୀରେଧୀରେ ନିଜନିଜ ରାଜ୍ୟର ପୁଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଏହି କ୍ରମରେ ଶୁକ୍ରବାର ଦୁର୍ଦ୍ଦାନ୍ତ ତଥା ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ମୁଖ୍ୟ ଚେତୁ ଓରଫ ଶ୍ୟାମ ଦାଦା ନିଜର ୯ ଜଣ ସାଥୀଙ୍କୁ ନେଇ ଛତିଶଗଡ଼ର ବସ୍ତର ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ବସ୍ତର ଆଇଜି ପି.ସନ୍ଦୁରରାଜଙ୍କ ସମ୍ମୁଖରେ ଏମାନେ ଆତ୍ମସମର୍ପଣ କରିଛନ୍ତି। ମାଓ ନେତା ଚେତୁ ନାମରେ ସରକାର ୨୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଏଥିସହ ଅନ୍ୟ ନକ୍ସଲମାନଙ୍କ ନାମରେ ମଧ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରହିଥିଲା। ୨୦୧୩ରେ ଝିରମ ଘାଟି ଆକ୍ରମଣରେ ଚେତୁ ମୁଖ୍ୟ ଖଳନାୟକ ଥିବା ପୁଲିସ କହିଛି। ସେ ୩୩ ଜଣ କଂଗ୍ରେସ କର୍ମୀଙ୍କୁ ହତ୍ୟା କରିବାରେ ସାମିଲ ଥିଲା। ଚେତୁର ଆତ୍ମସମର୍ପଣ ପରେ ଦରଭା ଡିଭିଜନ ଏକ ପ୍ରକାର ଭାଙ୍ଗି ଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଉ ତିନି ଚାରି ମାସ ମଧ୍ୟରେ ସବୁ ନକ୍ସଲ ଆତ୍ମସମର୍ପଣ କରିବାକୁ ବାଧ ହେବେ ବୋଲି ପୁଲିସ ଯୁକ୍ତି ବାଢ଼ିଛି।

# କେଭି-୩ରେ ବୋମା ବିସ୍ଫୋରଣ : ଏନଆଇଏ ଟିମ୍‌ର ତନାଘନା

### ବିଧାନସଭାରେ ଉଠିଲା ପ୍ରଶ୍ନ : ଗୃହକୁ ତୁରନ୍ତ ଜଣାଇବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୮।୧୧

ନ୍ୟୁଜ୍‌ବ୍ୟୁରୋ



ମଞ୍ଚେଶ୍ୱର ରେଳବାଇ ଷ୍ଟାଡିୟମ ନିକଟ କେନ୍ଦ୍ରୀୟ ବିଦ୍ୟାଳୟ-୩ ସାମ୍ନାରେ ବୋମା ବିସ୍ଫୋରଣ ହୋଇଛି। ସକାଳ ୮ଟାରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ସ୍କୁଲ ଗେଟ୍‌କୁ ଲକ୍ଷ୍ୟ କରି ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ଘଟଣା ବେଳେ ଭୁବନେଶ୍ୱରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଥିବାରୁ ବିସ୍ଫୋରଣକୁ ଗୁରୁତର ସହ ନେଇଥିଲା ପୁଲିସ। ସେଥିପାଇଁ ଘଟଣାସ୍ଥଳରେ ଏନଆଇଏର ଏକ ଟିମ୍ ପହଞ୍ଚିଥିଲା। ପୂର୍ବତଟ ରେଳବାଇ ଆଇଜି ତଥା ପିଏସସିଏସ ଆଲୋକ ବୋହରା, ସିପି ଏସ ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା, ସ୍ପେଶିଆଲ ସ୍କ୍ୱାର୍ଡ ମୁଖ୍ୟ ଏସିପି ହିମାଂଶୁ ସ୍ୱାଇଁ ଏବଂ ମଞ୍ଚେଶ୍ୱର ଥାନା ପୋଲିସ ବିସ୍ଫୋରଣ ସ୍ଥଳରେ ତନାଘନା କରିଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବୋମାରେ ବ୍ୟବହୃତ ସୁତୁଲି, କଣ୍ଟା ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଏହି ବିସ୍ଫୋରଣ ସୁତୁଲି ବୋମାରେ ହୋଇଥାଇପାରେ ବୋଲି ପୁଲିସ ଅନୁମାନ କରୁଛି। ୨ଜଣ ଦୁର୍ବୃତ୍ତ ଆସିଥିବା ସିସି କ୍ୟାମେରାରୁ ଜଣାପଡ଼ିଛି। ବୋମା ଫିଙ୍ଗିବା ଘଟଣାର କାରଣ ଜଣାପଡ଼ି ନ ଥିଲେ ସୁଦ୍ଧା ଦୁର୍ବୃତ୍ତମାନେ ଅନ୍ୟତ୍ର ବୋମା ନେଇ ଯାଉଥିବା ବେଳେ ହଠାତ୍ ଫୁଟିଯାଇଥିବା ପୁଲିସ ପକ୍ଷରୁ ସନ୍ଦେହ କରାଯାଉଛି। ବିସ୍ଫୋରଣ ପ୍ରଭାବରେ ସ୍କୁଲ ଗେଟ୍ ଏବଂ ପାର୍ଶ୍ୱସ୍ଥ ପାଚେରୀ କାନ୍ଥ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏହାଛଡ଼ା ବିସ୍ଫୋରଣ ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ, ନିକଟସ୍ଥ ଲୋକେ ଘରୁ ବାହାରକୁ ଚାଲିଆସିଥିଲେ। ବିସ୍ଫୋରଣ ପ୍ରଭାବରେ ସମ୍ପୃକ୍ତ ଅଞ୍ଚଳ ଥରିଉଠିଥିଲା ଏବଂ ଲୋକେ ଆତଙ୍କିତ ହୋଇପଡ଼ିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଶୁକ୍ରବାର ସକାଳେ ଅଭିଭାବକମାନେ ସେମାନଙ୍କର ପିଲାମାନଙ୍କୁ ସ୍କୁଲ ଭିତରକୁ ଛାଡ଼ିବା ପରେ ସକାଳ ସାଢ଼େ ସାତଟାରେ ସ୍କୁଲର ମୁଖ୍ୟ ଫାଟକ ବନ୍ଦ କରାଯାଇଥିଲା। ଏହାର କିଛି ସମୟରେ ଅର୍ଥାତ୍ ୮ଟାରେ ଦୁର୍ବୃତ୍ତମାନେ ଏହି ବୋମା ବିସ୍ଫୋରଣ ଘଟାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ବିସ୍ଫୋରଣର କାରଣ ଜାଣିବା ଏବଂ ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକୁ ଯାଞ୍ଚ କରୁଥିବା ଜଣାପଡ଼ିଛି। ଅପରପକ୍ଷେ ଶୁକ୍ରବାର ରାଜ୍ୟ ବିଧାନସଭାରେ ପ୍ରଶ୍ନୋତ୍ତର କାଳ ଚାଲିଥିବା ବେଳେ ଏହି ବୋମା ବିସ୍ଫୋରଣ ଘଟଣା ସମ୍ପର୍କରେ ବିଧାୟକମାନେ ଗୃହରେ ପ୍ରଶ୍ନ ଉଠାଇଥିଲେ।

ଏହି ପ୍ରସଙ୍ଗରେ ଗୃହରେ ଆଲୋଚନା ଚାଲିଥିବା ବେଳେ ବିଜେଡ଼ିର ବରିଷ୍ଠ ବିଧାୟକ ପ୍ରତାପ ଦେବ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି ଜଣାଇଥିଲେ ଯେ, ସ୍କୁଲ୍ ପ୍ରସଙ୍ଗ ନେଇ ଗୃହରେ ଆଲୋଚନା ହେଉଥିବା ବେଳେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩ ଫାଟକ ଆଗରେ ବୋମା ପଡ଼ିଥିବା ନେଇ ଖବର ପ୍ରଚାରିତ ହେଉଛି। ତେଣୁ ଏହା ଉପରେ ସରକାର ଉତ୍ତର ଦେବା ଦରକାର। ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଏ ନେଇ ସରକାର ଅନୁସନ୍ଧାନ କରି ଗୃହକୁ ଜଣାଇବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଗୃହରେ ଚେତାବନୀ ଶୁଣାଇଲେ ବିଜେଡ଼ି ବିଧାୟକ

# ଚାଷୀଙ୍କଠୁ ତୁରନ୍ତ ଧାନ ନକିଣିଲେ ରାଜ୍ୟରେ ନିଆଁ ଜଳିବ

ଭୁବନେଶ୍ୱର, ୨୮।୧୧

ନ୍ୟୁଜ୍‌ବ୍ୟୁରୋ

ଶୁକ୍ରବାର ବିଧାନସଭାର ଶୂନ୍ୟକାଳରେ ବିଜେଡ଼ିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟରେ ଚାଷୀଙ୍କ ଠାରୁ ଏପର୍ଯ୍ୟନ୍ତ ଧାନ କିଣା ବା ସଂଗ୍ରହ ଆରମ୍ଭ ହୋଇନଥିବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସେ ଦର୍ଶାଇଥିଲେ ଯେ, ଏପର୍ଯ୍ୟନ୍ତ ଚାଷୀ ପଞ୍ଜିକରଣ ହୋଇନାହିଁ, ଚାଷୀଙ୍କୁ ଟୋକନ ଦିଆଯାଇ ନାହିଁ। ହେଲେ ଚାଷୀମାନେ ବହୁ କଷ୍ଟ ସ୍ୱୀକାର କରି ଋଣ କରି ଧାନ ଫସଲ ଚାଷ କରି ଏବେ ଅମଳ କରିବା ପରେ ମଧ ସେମାନଙ୍କ ପାଖରେ ଏହାକୁ ରଖିବା ପାଇଁ ଜାଗା ନାହିଁ। ଏହା ସତ୍ତ୍ୱେ ସରକାର ଏପର୍ଯ୍ୟନ୍ତ କାହିଁକି ଧାନକିଣା ଆରମ୍ଭ କରିନାହାନ୍ତି, ସେଥିଯୋଗୁ ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲାଣି ଏବଂ ଅଭାବୀ ବିକ୍ରି ମଧ ଆରମ୍ଭ ହେଲାଣି। ସେ ଦୃଷ୍ଟିରୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗକୁ ନିଆଁ ଜଳିବ ବୋଲି ସେ ଚେତାବନୀ ଦେଇଥିଲେ।

ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଶୂନ୍ୟକାଳରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଗୁରୁବାର ବିଧାନସଭାରେ ଦେଇଥିବା ଅଭିଭାଷଣ ପ୍ରସଙ୍ଗ ଉଠାଇ ତାଙ୍କର ମହାନତା ଓ କାର୍ଯ୍ୟକ୍ରମ ପାଇଁ ସ୍ୱାଗତ ଅଭିନନ୍ଦନ ଜଣାଇବା ସହ ଉଚ୍ଚ ପ୍ରଶଂସା କରିଥିଲେ। ହେଲେ ବାଚସ୍ପତି ତାଙ୍କ ଅଭିଭାଷଣରେ ରାଜ୍ୟ ଓ ଦେଶର ବିକାଶରେ କଂଗ୍ରେସ ଦଳର ଭୂମିକା ଓ ଅବଦାନ ସମ୍ପର୍କରେ କିଛି ଉଲ୍ଲେଖ ନ କରିବା ଅତ୍ୟନ୍ତ କ୍ଷୋଭର ବିଷୟ ଏହା ତାଙ୍କ ଦଳକୁ ବ୍ୟଥିତ କରିଛି ବୋଲି କହିଥିଲେ। କଂଗ୍ରେସର ଅନ୍ୟତମ ବିଧାୟକ ଅଶୋକ କୁମାର ଦାସ ମଧ ଅନୁରୂପ ଭାବରେ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଶ କଟକ ବାରବାଟୀ ଷ୍ଟାଡ଼ିୟମରେ ହେବାକୁ ଥିବା ଆନ୍ତର୍ଜାତିକ ମ୍ୟାଚ୍ ପାଇଁ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କଟକ ଏବଂ ବାରବାଟୀ ଷ୍ଟାଡ଼ିୟମର ଗୁରୁତ୍ୱ ରକ୍ଷା ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିବେଦନ କରିଥିଲେ। ବିଜେଡ଼ି ବିଧାୟକ ସୁନିଲ ମହାନ୍ତି ପୁରୀବାସିନ୍ଦାଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଲାଗୁ କରିବାକୁ ନିବେଦନ କରିଥିବା ବେଳେ ବିଧାୟକ ଅମରେନ୍ଦ୍ର ଦାସ ଜଗତସିଂହପୁର ଏସ୍‌ଭିଏମ୍ କଲେଜ ସମସ୍ୟା ଉପସ୍ଥାପନ କରିଥିଲେ। ବିଜେପିର ନବାଗତ ବିଧାୟକ ଜୟ ଢୋଲକିଆ ନୂଆପଡ଼ାରେ ଥିବା ନ୍ୟାସନାଲ କଲେଜକୁ ସରକାରୀ କଲେଜ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ କଂଗ୍ରେସ ବିଧାୟକ ପବିତ୍ର ସାଉଁଟା ବ୍ଲକ ଗ୍ରାଣ୍ଟ ସ୍କୁଲ୍‌ଗୁଡ଼ିକର ଭିତ୍ତିଭୂମି ନିର୍ମାଣ ଓ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥାରେ ଥିବା ସମସ୍ୟା ଦୂର କରିବାକୁ ନିବେଦନ କରିଥିଲେ।

## ଡ୍ରପଆଉଟ୍ ହୋଇଥିବା ୬୦୭୨୯ ଛାତ୍ରଛାତ୍ରୀଙ୍କୁ ପୁନର୍ବାର ସ୍କୁଲକୁ ଫେରାଇ ଅଣାଗଲା

ଭୁବନେଶ୍ୱର, ୨୮।୧୧:ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ ସ୍କୁଲସ୍ତରରେ ଡ୍ରପଆଉଟ୍ ହାର ରୋକିବା ଲାଗି ସରକାରଙ୍କ ତରଫରୁ ବହୁବିଧ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗତବର୍ଷ ସୁଦ୍ଧା ରାଜ୍ୟରେ ୧ଲକ୍ଷ, ୮୩ ହଜାର ୨୧୬ ଜଣ ଛାତ୍ରଛାତ୍ରୀ ଡ୍ରପଆଉଟ୍ ହୋଇଥିଲେ। ସରାକରଙ୍କ ସଚେତନତା କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରକାର ଉଦ୍ୟମ ଫଳରେ ୬୦ ହଜାର ୭୨୯ ଜଣ ଛାତ୍ରଛାତ୍ରୀଙ୍କୁ ପୁନର୍ବାର ସ୍କୁଲ୍‌କୁ ଫେରାଇ ଅଣାଯାଇ ପାରିଛି ବୋଲି ଶୁକ୍ରବାର ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି। ପ୍ରଶ୍ନୋତ୍ତର କାଳରେ ବିଜେଡ଼ି ବିଧାୟିକା ସୁବାସିନୀ ଜେନାଙ୍କ ମୂଳ ପ୍ରଶ୍ନ ଏବଂ ବିଧାୟକ ସର୍ବଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ସିଦ୍ଧାନ୍ତ ମହାପାତ୍ର, ଅଶୋକ କୁମାର ଦାସ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ପ୍ରମିଳା ମଲ୍ଲିକଙ୍କ ଅନ୍ୟ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ, ରାଜ୍ୟରେ ଡ୍ରପଆଉଟ୍ ହାର ରୋକିବା ଲାଗି ପ୍ରତି ଗ୍ରାମପଞ୍ଚାୟତରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ସଚେତନତା ରଥ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍‌କୁ ଫେରାଇ ଆଣିବା ଲାଗି ମଧ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଭିଭାବକମାନଙ୍କ ସହ ନିୟମିତ ଆଲୋଚନା ଓ ଯୋଗାଯୋଗ ମଧ କରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

## ଆଇଇଡ଼ି ବିସ୍ଫୋରଣରେ ମହିଳା ମୃତ

ଭୁବନେଶ୍ୱର, ୨୮।୧୧

ନ୍ୟୁଜ୍ ବ୍ୟୁରୋ

ଜାଳ ସଂଗ୍ରହ କରୁଥିବା ବେଳେ ମାଓବାଦୀଙ୍କ ଆଇଇଡ଼ି ବିସ୍ଫୋଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁସାରେ ଝାଡ଼ଖଣ୍ଡ କରେଇକେଲ ଥାନା ଅଧୀନ ସରଣ୍ଡା ଜଙ୍ଗଲରେ ୩ ଜଣ ସ୍ଥାନୀୟ ମହିଳା କାଠ ସଂଗ୍ରହ କରୁଥିବା ବେଳେ ଏଭଳି ଅଭାବନୀୟ ଘଟଣା ଘଟି ଯାଇଛି। ସରଣ୍ଡା ଜଙ୍ଗଲରେ ସୁରକ୍ଷକର୍ମୀଙ୍କୁ ନିଶାଣ କରି ମାଓବାଦୀ ଆଇଇଡ଼ି ଖଞ୍ଜିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଛି। ଦୁର୍ଭାଗ୍ୟବଶତଃ ସ୍ଥାନୀୟ ୩ ଜଣ ମହିଳା ଉକ୍ତ ସ୍ଥାନରେ ଜାଳ ସଂଗ୍ରହ କରୁଥିବା ବେଳେ ଆଇଇଡ଼ି ବିସ୍ଫୋରଣ ହୋଇଥିଲା। ଫଳରେ ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ୨ ଜଣ ମହିଳା ବିସ୍ଫୋରଣରେ ଗୁରୁତର ଆହତ ହୋଇଥିବା ସୂଚନା ରହିଛି।

## ତଳମୁହାଁ ତାପମାତ୍ରା : ଘୁ ଉଦୟଗିରିରେ ତାପମାତ୍ରା ୫.୪ ଡିଗ୍ରୀ ରେକର୍ଡ

ଘୁ ଉଦୟଗିରି, ୨୮।୧୧

ନ୍ୟୁଜ୍‌ବ୍ୟୁରୋ

ଗୋଟିଏ ସପ୍ତାହର ବ୍ୟବଧାନ ପରେ ପୁଣି ଥରେ ଶୀତ ଫେରିଛି। ବିଗତ ତିନି ଦିନ ହେଲା ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ବଣ, ଜଙ୍ଗଲ ଓ ପାହାଡ଼ ଘେରା ଅଞ୍ଚଳରେ ଲୋକେ ଶୀତରେ ତ୍ରାହିତ୍ରାହି ଡାକୁଛନ୍ତି। ଗ୍ରାମାଞ୍ଚଳର ଲୋକେ ଶୀତ କାରଣରୁ ଅଧିକ ପ୍ରଭାବିତ ହୋଇଛନ୍ତି। ଏହାରି ମଧ୍ୟରେ ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରିରେ 'ଶୀତ'ର ରାଜୁତି ଦେଖିବାକୁ ମିଳିଛି। ଗୋଟିଏ ଦିନରେ ଏଠାରେ ତାପମାତ୍ରା ୨ ଡିଗ୍ରୀ ହ୍ରାସ ପାଇଛି। ଜି ଉଦୟଗିରିରେ ପାରଦ ଖସି ୫.୪ ଡିଗ୍ରୀରେ ପହଞ୍ଚିଛି। ଏହି କାରଣରୁ ଲୋକେ ଜାଡ଼ରେ ଥରୁଛନ୍ତି। ପାରଦ ଖସିବା ସହ ଥଣ୍ଡା ପବନ ବହିବା ଯୋଗୁଁ ହାତଗୋଡ଼ କାଲ ମାରୁଛି। ତେଣୁ ଲୋକେ ଥଣ୍ଡାରେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ଓଡ଼ିଶାର ସବୁଠାରୁ କମ୍ ତାପମାତ୍ରା ଏବଂ ଥଣ୍ଡାର ସହର ଭାବେ ଜି. ଉଦୟଗିରି ରେକର୍ଡ କରିଛି। ଏଠାରେ ଗୁରୁବାର ତାପମାତ୍ରା ୭.୪ ଡିଗ୍ରୀ ଥିବା ବେଳେ ଶୁକ୍ରବାର ଏହା ୫.୪ ରେକର୍ଡ ହୋଇଛି। ପାରଦ ତଳମୁହାଁ ହେବା ସହ ଜାଡ଼ ଆରମ୍ଭ ହୋଇଯାଇଛି। ପ୍ରବଳ ଥଣ୍ଡା ସାଙ୍ଗକୁ ଜାଡ଼ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରଭାବିତ କରିଛି। ଦିନରେ ତାପମାତ୍ରା ସ୍ୱାଭାବିକ ରହୁଥିବା ବେଳେ ସଞ୍ଜ ନଇଁଲେ ପାରଦ ଖସିବା ସହ ଥଣ୍ଡା ତା'ର ରାଜୁତି ଆରମ୍ଭ କରିଦେଉଛି।


